# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 28/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 243 | ମୂଲ୍ୟ₹୭/-




ଭୁବନେଶ୍ୱରରେ ରବିବାର ପ୍ରବଳ ବର୍ଷା ହୋଇଥିବାବେଳେ ୫ ଜଣ ଯୁବକ ଏକ ପଲିଥିନ୍ ଘୋଡ଼ାଇ ଯାଉଛନ୍ତି। (ଫଟୋ– ବିକାଶ ନାୟକ)

## ୨୦ ହଜାର ଟଙ୍କାରେ ଶିଶୁକନ୍ୟା ବିକ୍ରି ଅଭିଯୋଗ

**ଟିଟିଲାଗଡ଼,୨୭।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଶିଶୁବିକ୍ରି ଘଟଣା ମନରୁ ନ ଲିଭୁଣୁ ପୁଣି ଟିଟିଲାଗଡ ବ୍ଲକରେ ଏକ ଶିଶୁକନ୍ୟା ବିକ୍ରି ଖବର ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଟିଟିଲାଗଡ଼ ବ୍ଲକର ବାଗଡେର ଗାଁର ଏକ ଅଭାବୀ ଦମ୍ପତି ନିଜ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ଅନ୍ୟ ଏକ ଦମ୍ପତିଙ୍କ ହାତକୁ ଟେକିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବର ମିଳିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ଲାଇନର ଏକ ଚାରି ଜଣିଆ ଟିମ୍ ଟିଟିଲାଗଡ଼ ଗସ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କାମ୍ବୋଡିଆ-ଥାଇଲାଣ୍ଡ

# ହରିଦ୍ୱାର ମନସାଦେବୀ ମନ୍ଦିରରେ ଦଳାଚକଟା

## ୬ ମୃତ, ୨୮ ଆହତ

**ହରିଦ୍ୱାର,୨୭।୭(ପି.ଟି.)**

ହରିଦ୍ୱାରର ପାହାଡ଼ ଶୀର୍ଷରେ ଥିବା ମନସା ଦେବୀ ମନ୍ଦିରରେ ରବିବାର ସକାଳେ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ଦଳାଚକଟା ଘଟି ୬ ଜଣଙ୍କ ମୃତ୍ୟୁ ହେବା ସହ ୨୮ ଆହତ ହୋଇଛନ୍ତି। ମନ୍ଦିରକୁ ଯାଇଥିବା ପାହାଚ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ଭିଡ଼ ପ୍ରବଳ ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ କରେଣ୍ଟକୁ ନେଇ ଗୁଜବ ପ୍ରଚାରିତ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଦଳାଚକଟା ଘଟିଲା ବୋଲି ହରିଦ୍ୱାର ଏସ୍ଏସ୍ପି ପ୍ରମେନ୍ଦ୍ର ସିଂ ଡୋବାଲ କହିଛନ୍ତି। ଆହତ ଅବସ୍ଥାରେ ୩୪ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ ବିଦ୍ୟୁତ୍ ତାର ଛିଡ଼ିବା ଖବରକୁ ମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡନ କରାଯାଇଛି। ମନ୍ଦିର ପାହାଚରେ ପ୍ରବଳ ଭିଡ଼ ମଧ୍ୟରେ ଜଣେ ଶ୍ରଦ୍ଧାଳୁ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ମନସା ଦେବୀ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ରବୀନ୍ଦ୍ର ପୁରୀ କହିଛନ୍ତି। ଭିଡ଼ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା ଓ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିଲା। ଏହା ସତ୍ତ୍ୱେ ଗହଳି ଅଧିକ ହେଲା ଏବଂ ଜଣେ ଭକ୍ତ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ପୁରୀ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅତ୍ୟଧିକ ଭିଡ଼ ଯୋଗୁ ଧାଡ଼ିରେ ଅପେକ୍ଷା କରିଥିବା ଲୋକେ ପରସ୍ପରକୁ ଠେଲିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

ପ୍ରତିବର୍ଷ ଶ୍ରାବଣ ମାସରେ ବିଶେଷ କରି ହର କୀ ପୌରି ଏବଂ ମନସା ଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ। ରବିବାର ଛୁଟିଦିନ ଥିବାରୁ ୫୦୦ ଫୁଟ୍‌ରୁ ଅଧିକ ଉଚ୍ଚରେ ଅବସ୍ଥିତ ଶିବାଲିକ ପାହାଡ଼ ଶୀର୍ଷଭାଗରେ ଥିବା ମନ୍ଦିରକୁ ଯାଇଥିବା ସଂକୀର୍ଣ୍ଣ ପ୍ରବେଶ ପଥରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ସେମାନଙ୍କ ମଧ୍ୟରେ ବହୁସଂଖ୍ୟାରେ ମହିଳା ଓ ଛୋଟ ପିଲା ଥିଲେ। ଦଳାଚକଟା ପରେ ହସ୍ପିଟାଲ ବାହାରେ ପରିବାର ସଦସ୍ୟ ସେମାନଙ୍କ ସମ୍ପର୍କୀୟଙ୍କ ସମ୍ପର୍କରେ ଜାଣିବା ପାଇଁ ଅପେକ୍ଷା କରିଥିବା ଦେଖାଯାଇଛି। ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ଗୁଜବ ପ୍ରଚାର କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଦଳାଚକଟା ଘଟଣାରେ ଲୋକଙ୍କ ଜୀବନ ଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍ଡିଆର୍ଏଫ୍) ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମେତ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ହରିଦ୍ୱାର ଜିଲା ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଗୁରୁତର ୫ ଜଣଙ୍କୁ ଋଷିକେଶସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# ମାଟିତଳୁ ମିଳିଲା ୩୫ ଲକ୍ଷ ଟଙ୍କା

## ଷ୍ଟିଲ୍ ଟିଫିନ୍‌ରେ ରଖିଥିଲେ ମାଓବାଦୀ

**ବଣାଇଁ,୨୭।୭(ପ୍ରଦୀପ ତ୍ରିପାଠୀ)**

ଓଡ଼ିଶା ସୀମାନ୍ତ ଚାଇବସାର ସରଣ୍ଡା ଜଙ୍ଗଲରେ ସୁରକ୍ଷାକର୍ମୀମାନେ କୋମ୍ବିଂ ଅପରେଶନ ସମୟରେ ମାଟିତଳେ ପୋତା ହୋଇଥିବା ୩୫ ଲକ୍ଷ ଟଙ୍କା ଜବତ କରିଛନ୍ତି। ମାଓବାଦୀମାନେ ଉକ୍ତ ଟଙ୍କାକୁ ବିଡ଼ା ବିଡ଼ା ଜରି ପ୍ୟାକିଂ କରି ଷ୍ଟିଲ୍ ଟିଫିନ୍‌ରେ ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ରାଞ୍ଚି ଆଇଜି ଏକ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି। ସେମାନେ ଏହି ଟଙ୍କାକୁ ମାଓବାଦୀ କାର୍ଯ୍ୟକଳାପରେ ଲଗାଉଥିଲେ ଓ ଦଳର କ୍ୟାଡରମାନଙ୍କୁ ମଧ୍ୟ ଦରମା ଦେଉଥିବା ନେଇ ଗୋଇନ୍ଦା ବିଭାଗର ସୂଚନା ରହିଥିଲା। କେବଳ ସେତିକି ନୁହେଁ, ଏହି ଅର୍ଥ ଚଳିତ ମାସ ୨୮ ତାରିଖଠାରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପାଳିତ ହେବାକୁଥିବା ମାଓବାଦୀଙ୍କ ଶହୀଦ ସପ୍ତାହ ପାଇଁ ସଂଗୃହୀତ ହୋଇଥିଲା। ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଥିବା ବିଭିନ୍ନ ରେଲୱେ ସାଇଡିଂ, ଖଣି, କାମ କରୁଥିବା ଠିକାଦାରଙ୍କ ନିକଟରୁ ଏହି ଅର୍ଥ ସଂଗୃହୀତ ହୋଇଥିବା ସନ୍ଦେହ କରାଯାଉଛି।

ପ୍ରକାଶଯୋଗ୍ୟ ଯେ, ଠିକ୍ ୨ ମାସ ତଳେ ମେ' ୨୭ରେ ଓଡ଼ିଶା – ଝାଡଖଣ୍ଡ ସୀମା ସଂଲଗ୍ନ ବାଙ୍କୋ ପଥର ଖାଦାନରୁ ମାଓବାଦୀମାନେ ୫ ଟନ୍ ବିସ୍ଫୋରକ ଲୁଟ କରି ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲେ। ଏହି ଘଟଣା ପରେ ଉଭୟ ରାଜ୍ୟର ପୋଲିସ ସତର୍କ ରହିବା ସହ ଝାଡ଼ଖଣ୍ଡରେ ☞ପୃଷ୍ଠା-୪

# କର୍ପୋରେଟର ଅମରେଶ ଜେନା ଗିରଫ

## ବଳାତ୍କାର ମାମଲା

**ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)**

- କହିଲେ, 'ଅର୍ଚ୍ଚନା ମୋତେ ଫସାଇଦେଇଛନ୍ତି'
- ଅମରେଶ କର୍ମର ଫଳ ଭୋଗୁଛନ୍ତି : ଅର୍ଚ୍ଚନା
- ବିଜେଡିରୁ ଅମରେଶ ନିଲମ୍ବିତ



ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁଙ୍କୁ ଶେଷରେ ବାଲେଶ୍ୱର ଜିଲାରୁ କମିଶନରେଟ୍ ପୋଲିସ ରବିବାର ଗିରଫ କରିଛି। ବରହମ୍‌ପୁର ଥାନା ଅନ୍ତର୍ଗତ କଳାକାଦ ଗାଁରେ ଅମରେଶ ଆତ୍ମଗୋପନ କରିଥିଲେ। ଏହା ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନାର ଏକ ଟିମ୍ ସେଠାରେ ଚଢ଼ାଉ କରି ଅମରେଶଙ୍କୁ ଧରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅମରେଶ ଗିରଫ ହେବା ପରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଦଳ ପକ୍ଷରୁ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଏକ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଦଳରେ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଜେନା କହିଛନ୍ତି। ଅନ୍ୟପକ୍ଷରେ ଅମରେଶଙ୍କୁ ଫେରାର କରାଇବା ଅଭିଯୋଗରେ ଶନିବାର ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଅମରେଶଙ୍କୁ ପୋଲିସ ଟିମ୍ ଡାକ୍ତରୀ ମାଇନା ପାଇଁ ☞ପୃଷ୍ଠା-୪

# ଇନ୍‌କମ୍ ସାର୍ଟିଫିକେଟରେ ବାର୍ଷିକ ଆୟ ୩ ଟଙ୍କା

**ସତ୍‌ନା, ୨୭।୭ (ପି.ଟି.)**



प्र.क्र. RS/429/0111/47635/2025 /बी-121/2025 दिनांक 22/07/2025

**आय प्रमाण-पत्र**

(जारी होने की तिथि से तीन वर्ष तक मान्य)

प्रमाणित किया जाता है कि श्री/श्रीमती/कु. **रामस्वरूप** पिता/पति **श्याम लाल** निवासी **नायगाव** तहसील **कोठी** जिला **सतना** (मध्यप्रदेश) की/के परिवार की समस्त स्रोतों की वार्षिक आय रुपये 3 (शब्दों में **तीन रूपये मात्र** ) है।

(आवेदक द्वारा प्रस्तुत घोषणा पत्र के आधार पर जारी)

Saurabh Dwivedi
तहसीलदार

ମଧ୍ୟପ୍ରଦେଶର ସତ୍‌ନା ଜିଲାର କୋଠି ତହସିଲ ଅନ୍ତର୍ଗତ ନାଓଗାଁ ନିବାସୀ ରାମସ୍ୱରୂପ (୪୫) ନାମକ ଜଣେ କୃଷକଙ୍କର ଆୟ ପ୍ରମାଣପତ୍ର ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ପ୍ରମାଣପତ୍ରରେ ରାମସ୍ୱରୂପଙ୍କ ବାର୍ଷିକ ଆୟ ମାତ୍ର ୩ ଟଙ୍କା ହୋଇଥିବା ଲେଖାହୋଇଛି। ଗତ ଜୁଲାଇ ୨୨ରେ ଜାରି କରାଯାଇଥିବା ଉକ୍ତ ଆୟ ପ୍ରମାଣପତ୍ରରେ କୋଠି ତହସିଲଦାର ସୌରଭ ଦ୍ୱିବେଦୀଙ୍କ ଦସ୍ତଖତ ରହିଛି। କଂଗ୍ରେସର ମଧ୍ୟପ୍ରଦେଶ ୟୁନିଟ୍ ପକ୍ଷରୁ ଏହି ପ୍ରମାଣପତ୍ରର ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରାଯାଇ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରାଯାଇଛି। କ୍ୟାପ୍‌ଶନ୍‌ରେ କଂଗ୍ରେସ ପକ୍ଷରୁ ଲେଖାଯାଇଛି, ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଶାସନରେ ଭାରତର ସବୁଠାରୁ ଗରିବ ବ୍ୟକ୍ତି ମଧ୍ୟପ୍ରଦେଶରେ ରହୁଛନ୍ତି। ଏହା ତାଙ୍କ ଆୟ ପ୍ରମାଣପତ୍ର। ତାଙ୍କର ବାର୍ଷିକ ଆୟ ମାତ୍ର ୩ ଟଙ୍କା। ସେହିପରି ମାସିକ ଆୟ ମାତ୍ର ୨୫ ପଇସା ଏବଂ ଦିନକର ଆୟ ୧ ପଇସାରୁ ମଧ୍ୟ କମ୍। ସୋସିଆଲ ମିଡିଆରେ କଂଗ୍ରେସର ଉକ୍ତ ପୋଷ୍ଟ ଦ୍ରୁତଗତିରେ ଭାଇରାଲ ହେବାରେ ଲାଗିଛି। ଏହି ଇନ୍‌କମ୍ ସାର୍ଟିଫିକେଟ ଭାରତର ସବୁଠାରୁ ଗରିବ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିଥିବା ନେଇ କେତେଜଣ ୟୁଜର୍ସ କହିଛନ୍ତି। କଂଗ୍ରେସର ଉକ୍ତ ପୋଷ୍ଟ ଭାଇରାଲ ହେବା ପରେ ଆୟ ପ୍ରମାଣପତ୍ର ଜାରି କରିଥିବା ତହସିଲଦାର ଦ୍ୱିବେଦୀ ନିଜ ସଫେଇରେ କହିଛନ୍ତି, ଏହା ଏକ ଟାଇପିଂଗତ ଭୁଲ୍ ଥିଲା। କିରାଣୀଙ୍କ ଦ୍ୱାରା ତ୍ରୁଟି ଯୋଗୁ ଏପରି ହୋଇଥିଲା। ଏବେ ଉକ୍ତ ତ୍ରୁଟିକୁ ସଂଶୋଧନ କରାଯାଇଛି। ତ୍ରୁଟି ସମ୍ପର୍କରେ ଜଣାପଡ଼ିବା ପରେ ଗତ ୨୫ ତାରିଖରେ ରାମସ୍ୱରୂପଙ୍କ ପାଇଁ ଏକ ନୂତନ ଆୟ ପ୍ରମାଣପତ୍ର ଜାରି କରାଯାଇଥିଲା। ରାମସ୍ୱରୂପଙ୍କ ବାର୍ଷିକ ଆୟ ୩ ଟଙ୍କା ନୁହେଁ ବରଂ ୩୦ ହଜାର ଟଙ୍କା ବୋଲି ତହସିଲଦାର କହିଛନ୍ତି। ତାଙ୍କର ମାସିକ ଆୟ ୨,୫୦୦ ଟଙ୍କା ହୋଇଥିବା ସେ କହିଛନ୍ତି।




## ସଂକ୍ଷେପରେ

### ଚର୍ଚ୍ଚରେ ଆକ୍ରମଣ, ୩୪ ମୃତ

କିନ୍‌ଶାସା, ୨୭।୭

ଆଫ୍ରିକୀୟ ଦେଶ କଙ୍ଗୋର ପୂର୍ବବର୍ତ୍ତୀ ଅଞ୍ଚଳରେ ଥିବା କୋମାଣ୍ଡାସ୍ଥିତ ଏକ କ୍ୟାଥୋଲିକ୍ ଚର୍ଚ୍ଚରେ ରବିବାର ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମର୍ଥିତ ବିଦ୍ରୋହୀ ସଙ୍ଗଠନ ଆଲାଇଡ୍ ଡେମୋକ୍ରାଟିକ ଫୋର୍ସ (ଏଡିଏଫ୍) ଆକ୍ରମଣ କରିଛି। ଏଥିରେ ୩୪ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି। ଏନେଇ ଜଣେ ସ୍ଥାନୀୟ ସିଭିଲ ସୋସାଇଟି ନେତା ଡିୟୁଦୋନେ ଦୁରାନ୍‌ଥାବୋ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ବିଦ୍ରୋହୀ ସଙ୍ଗଠନ ଏଡିଏଫ୍‌ର ସଦସ୍ୟ ହୋଇଥିବା ସେ କହିଛନ୍ତି। ଆତତାୟୀମାନେ ଚର୍ଚ୍ଚ ମଧ୍ୟରେ ଏବଂ ପରିସରରେ ଥିବା ଲୋକଙ୍କୁ ଗୁଳିକରି ହତ୍ୟା କରିଥିବା ସହ ଚର୍ଚ୍ଚ ନିକଟସ୍ଥ ଅନେକ ଘର ଏବଂ ଦୋକାନକୁ ଜାଳି ଦେଇଥିବା ସେ କହିଛନ୍ତି। ପ୍ରକାଶ ଯେ, ଏଡିଏଫ୍ ହେଉଛି ଆଇଏସ୍ ସମର୍ଥିତ ଏକ ବିଦ୍ରୋହୀ ସଙ୍ଗଠନ, ଯାହା ଉଗାଣ୍ଡା ଏବଂ କଙ୍ଗୋର ସୀମାରେ ସକ୍ରିୟ ରହି ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରିଥାଏ।

### ଗାଜାର ୩ ଅଞ୍ଚଳରେ ଇସ୍ରାଏଲ୍‌ର ସୀମିତ ଯୁଦ୍ଧବିରତି

ଡେଇର୍ ଅଲ୍-ବଲାହ, ୨୭।୭

ହମାସ୍ ବିରୋଧରେ ଇସ୍ରାଏଲ୍ ୨୧ ମାସ ହେଲା ଯୁଦ୍ଧ ଚଳାଇଥିବାବେଳେ ଗାଜାରେ ଦୁର୍ଭିକ୍ଷ ସ୍ଥିତି ସଙ୍ଗିନ ହୋଇଛି। ଏହାକୁ ଅନ୍ତର୍ଜାତୀୟ ସ୍ତରରେ କଡ଼ା ସମାଲୋଚନା କରାଯାଇଛି। ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଗାଜାର ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଛି। ଫଳରେ ସେଠାରେ ଥିବା କ୍ଷୁଧିତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଜନବହୁଳ ଗାଜା ସିଟି, ଡେଇର୍ ଅଲ୍-ବଲାହ ଏବଂ ମୁଓ୍ୱାସିରେ ଅଧିକ ପରିମାଣରେ ମାନବୀୟ ସହାୟତା ପହଞ୍ଚାଇବା ପାଇଁ ସାମରିକ ବିରାମ ଆରମ୍ଭ ହୋଇଛି। ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ପ୍ରତ୍ୟହ ସ୍ଥାନୀୟ ସମୟ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ରହିବ। ସହାୟତା ସାମଗ୍ରୀ ଯେଉଁ ରାସ୍ତା ଦେଇ ଯାଉଛି ସେଠାରେ ସେନା ସୁରକ୍ଷା ଯୋଗାଇଦେବା ସହ ଅନ୍ୟ ସ୍ଥାନରେ ଆକାଶମାର୍ଗରୁ ଅଟା, ଚିନି ପ୍ୟାକେଟ୍ ଓ ଡବା ଖାଦ୍ୟ ପକାଯିବ ବୋଲି ଇସ୍ରାଏଲୀ ସେନା କହିଛି।

# ମନ୍ଦିରରେ ୩୦ ବର୍ଷର ବର୍ବରତା

**ଏକ ମନ୍ଦିର ସହର, ଜଣେ ରହସ୍ୟଜନକ ହ୍ୱିସିଲବ୍ଲୋୟର ଏବଂ ତାଙ୍କ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି। ଦକ୍ଷିଣ ଭାରତର ଏକ ମନ୍ଦିରରେ ପ୍ରାୟ ୩ ଦଶନ୍ଧି ଧରି ବ୍ୟବସ୍ଥିତ ଢଙ୍ଗରେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ପରେ ପୋତି ଦିଆଯାଉଥିଲା। ଏ ସମ୍ପର୍କରେ ୪୮ ବର୍ଷୀୟ ହ୍ୱିସିଲବ୍ଲୋୟର ମୁହଁ ଖୋଲିବା ପରେ ଏହି ପାପ କାହାଣୀ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ହ୍ୱିସିଲବ୍ଲୋୟରଙ୍କ ଆବିର୍ଭାବ ନ୍ୟାୟରୁ ବଞ୍ଚିତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କ ପୋତି ହୋଇ ରହିଥିବା ବେଦନାକୁ ଉଜାଗର କରିଛି, ଯାହାକୁ ପୋଲିସ ତଦନ୍ତ ନ କରି ଅଣଦେଖା କରିଆସିଥିଲା। ସେ ବିଧିବଦ୍ଧ ଅଭିଯୋଗ କରିବା ପରେ କର୍ନାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି।**


କର୍ନାଟକ ଧର୍ମଶାଳାର ମଞ୍ଜୁନାଥ ମନ୍ଦିର।

ବେଙ୍ଗାଲୁରୁ, ୨୭।୭

ଜୁଲାଇ ୧୧ରେ କର୍ନାଟକର ଧର୍ମଶାଳା ସହରସ୍ଥିତ ବେଲଥାଙ୍ଗଡ଼ି କୋର୍ଟରେ ହାଜର କରାଯିବାବେଳେ ହ୍ୱିସିଲବ୍ଲୋୟରଙ୍କ ମୁହଁ କଳା ହୁଡ୍‌ରେ ଢଙ୍କାଯାଇଥାଏ। ତାଙ୍କ ହାତରେ ଥାଏ କେତୋଟି କଙ୍କାଳର ଅବଶେଷ, ଯାହାକୁ ସେ ବଳାତ୍କାର ପୀଡ଼ିତାଙ୍କୁ ପୋତାଯାଇଥିବା ଏକ ଗଣସମାଧିରୁ ଆଣିଥିବା ଦାବି କରିଥିଲେ। ବ୍ୟକ୍ତି ଜଣକ ନିଜକୁ ୮୦୦ ବର୍ଷ ପୁରୁଣା ଉକ୍ତ ମନ୍ଦିରର ଜଣେ ପୂର୍ବତନ ସଫେଇ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏପରି କି ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ କରାଯାଉଥିଲା ବୋଲି ସେ ଅଭିଯୋଗ ଆଣିଥିଲେ।


ହ୍ୱିସିଲବ୍ଲୋୟରଙ୍କୁ ବୟାନ ରେକର୍ଡ ପାଇଁ କୋର୍ଟକୁ ନିଆଯିବାବେଳର ଦୃଶ୍ୟ।

ଦକ୍ଷିଣ କନ୍ନଡ ଜିଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗ କରିଥିଲେ। ସେଥିରେ ସେ ଲେଖିଥିଲେ, ୨୦୧୪ରେ ନିଜ ପରିବାର ସହ ଲୁଚି ପଳାଇବା ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ସେଠାରେ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି। ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଲିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ।

ନେତ୍ରାବତୀ ନଦୀ କୂଳରେ ଥିବା ଧର୍ମଶାଳା ହିନ୍ଦୁମାନଙ୍କ ଏକ ବଡ଼ ତୀର୍ଥସ୍ଥାନ। ଏହି ମଧ୍ୟଯୁଗୀୟ ଶ୍ରୀମଞ୍ଜୁନାଥ ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି। ମନ୍ଦିରଟି ଏକ ପରିବାର ଦ୍ୱାରା ପରିଚାଳିତ। ଏହା ପ୍ରତିବର୍ଷ ଉକ୍ତ ଛୋଟ ସହରକୁ ଅନେକ ଲକ୍ଷ ଭକ୍ତଙ୍କୁ ଟାଣିଆଣିଥାଏ।

ଦଳିତ ହ୍ୱିସିଲବ୍ଲୋୟର ଜଣକ କହିଛନ୍ତି, ସେ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ସେହି ମନ୍ଦିରରେ କାର୍ଯ୍ୟ କରିଥିଲେ। ସେଠାରେ ତାଙ୍କ ଚାକିରି ନିୟମିତ କରାଯିବା ପରେ ଅତ୍ୟନ୍ତ ଜଘନ୍ୟ ଅପରାଧଗୁଡ଼ିକର ପ୍ରମାଣ ଲୁଚାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ତେବେ ଜଣେ ଝିଅଙ୍କୁ ବଳାତ୍କାର କରାଯିବା ପରେ ୨୦୧୪ ଡିସେମ୍ବରରେ ସେ ମାନସିକ ନିର୍ଯାତନା ସହି ନ ପାରି ସେଠାରୁ ଲୁଚି ପଳାଇବାକୁ ବାଧ ହୋଇଥିଲେ। ଏକ ପଡ଼ୋଶୀ ରାଜ୍ୟରେ ହ୍ୱିସିଲବ୍ଲୋୟର ଓ ତାଙ୍କ ପରିବାର ଆତ୍ମଗୋପନ କରିଥିଲେ। ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ।

**■ଅନେକ ଶହ ସ୍ୱଳ୍ପ ବୟସ୍କା, ଯୁବତୀ, ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଛି**

**■ମୁହଁ ଫିଟାଇଲେ ପୂର୍ବତନ ସଫେଇ କର୍ମଚାରୀ, ତଦନ୍ତ ପାଇଁ ଏସ୍‌ଆଇଟି ଗଠିତ**

ପ୍ରଥମେ ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ। ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ। କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା। ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା। ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା। ମହିଳାଙ୍କ ଭଳି ତୁମ ଶରୀରକୁ ଖଣ୍ଡ ଖଣ୍ଡ କରି ହାଣିବୁ ଓ ତୁମ ପରିବାରର ସମସ୍ତଙ୍କୁ ମାରିଦେବୁ ବୋଲି ସେତେବେଳେ ଧମକ ଦିଆଯାଇଥିଲା।

୨୦୧୦ର ଏକ ଘଟଣା। ଧର୍ମଶାଳାରୁ ୩୦ କି.ମି. ଦୂର ଏକ ସ୍ଥାନକୁ ତାଙ୍କୁ ପଠାଯାଇଥିଲା। ସେଠାରେ ୧୨ରୁ ୧୫ ବର୍ଷୀୟା ଜଣେ ଝିଅଙ୍କ ମୃତଦେହ ପୋତିବାକୁ ତାଙ୍କୁ କୁହାଯାଇଥିଲା। ଝିଅ ନିଜ ସ୍କୁଲ ବ୍ୟାଗ୍ ଧରିଥିବାବେଳେ ୟୁନିଫର୍ମ ପିନ୍ଧିଥିଲେ। କିନ୍ତୁ ତଳଭାଗରେ ବସ୍ତ୍ର ନ ଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା କ୍ଷତଚିହ୍ନରୁ ସ୍ପଷ୍ଟ ବାରି ହୋଇଯାଉଥିଲା। ଗଳା ଚିପି ହତ୍ୟା କରାଯାଇଥିବା ଚିହ୍ନରୁ ଜାଣି ହେଉଥିଲା। ତାକୁ ନେଇ ସେ ବିଚଳିତ ହୋଇପଡ଼ିଥିଲେ। ବର୍ବରତା ଓ ହତ୍ୟାକୁ ନେଇ ସ୍ମୃତିର ବୋଝକୁ ଆଉ ସହିପାରିବେ ନାହିଁ ବୋଲି ହ୍ୱିଶିଲବ୍ଲୋୟର କହିଛନ୍ତି।

ହ୍ୱିସିଲବ୍ଲୋୟରଙ୍କ ଓକିଲ କେଭି ଧନଞ୍ଜୟ କହିଛନ୍ତି, ଏହା ଏକ ଅଭୂତପୂର୍ବ ମାମଲା, ଯେଉଁଠି ସାକ୍ଷୀମାନେ କେବଳ ତାଙ୍କ ମହକିଲଙ୍କ ସପକ୍ଷରେ ଆଗେଇ ଆସିନାହାନ୍ତି, ବରଂ ଉତ୍ତରଦାୟିତ୍ୱ ସ୍ଥିର ପାଇଁ ସେମାନେ ମଧ ଅନେକ ପ୍ରମାଣ ସାମ୍ନାକୁ ଆଣିଛନ୍ତି। ଆଇନକୁ ଡରି ନୁହେଁ, ବରଂ ନିଜ ବିବେକ ଓ ନୈତିକତା ଦୃଷ୍ଟିରୁ ସାମ୍ନାକୁ ଆସିଛନ୍ତି। ଜୁଲାଇ ୨୦ରେ ମନ୍ଦିର କର୍ତ୍ତୃପକ୍ଷ ଜାରି କରିଥିବା ବିବୃତିରେ କହିଛନ୍ତି, ସେମାନେ ଏକ ଉପଯୁକ୍ତ ଓ ସ୍ୱଚ୍ଛ ତଦନ୍ତକୁ ସମର୍ଥନ କରୁଛନ୍ତି। ଏସ୍‌ଆଇଟି ନିରପେକ୍ଷ ତଦନ୍ତ କରିବ ବୋଲି ଆଶାବାଦୀ ଥିବା ଶ୍ରୀକ୍ଷେତ୍ର ଧର୍ମଶାଳା ମୁଖପାତ୍ର କେ. ପାର୍ଶ୍ୱନାଥ ଜୈନ କହିଛନ୍ତି। କର୍ନାଟକ ମହିଳା କମିଶନ ମୁଖ୍ୟ ନାଗଲକ୍ଷ୍ମୀ ଚୌଧରୀ ତଦନ୍ତ ପାଇଁ ଏସ୍‌ଆଇଟି ଗଠନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି।

### ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡିଆ ରାଜି

ସିସାକେଟ୍, ୨୭।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଶନିବାର ରାତିରେ ଫୋନ୍ କଲ୍ ପାଇବା ପରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ସାମଦେଚ୍ ଥିପାଡେଇ ହୁନ୍ ମାନେଟ୍ ଥାଇଲାଣ୍ଡ ସହ ତୁରନ୍ତ ନିଃସର୍ତ୍ତ ଅସ୍ତ୍ରବିରତି ପାଇଁ ରାଜି ଥିବା ରବିବାର କହିଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ସୀମାବିବାଦକୁ ନେଇ ୪ ଦିନ ହେଲା ସଂଘର୍ଷ ଲାଗିରହିଥିବାବେଳେ ବହୁସଂଖ୍ୟାରେ ଲୋକ ମୃତାହତ ହେଲେଣି ଏହାକୁ ଆଉ ଦେଖାଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଥିଲେ। ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା କାମ୍ବୋଡ଼ିଆ ଆସିଆନ୍‌ର ବର୍ତ୍ତମାନର ଅଧ୍ୟକ୍ଷ ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍‌ଙ୍କୁ ଜଣାଇଥିବା ମାନେଟ୍ କହିଛନ୍ତି। ସୀମା ବିବାଦରେ ମାଲେସିଆ ମଧ୍ୟସ୍ଥତା କରିବାକୁ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ସହମତ ହୋଇଥିବା ମାଲେସିଆ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସୋମବାର ସନ୍ଧ୍ୟାରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ମାନେଟ୍ ଏବଂ ଥାଇଲାଣ୍ଡର କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ୍ ୱେଚାଚେଇ ମାଲେସିଆରେ ଆଲୋଚନା ପାଇଁ ଏକାଠି ହେବା ଆଶା କରାଯାଉଛି।

### ଉଡ଼ାଣ ପୂର୍ବରୁ ବୋଇଂ ଜେଟ୍‌ରେ ନିଆଁ

ଓ୍ୱାଶିଂଟନ, ୨୭।୭

ଆମେରିକାର ଡେନ୍‌ଭେର ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ନରେ ଆମେରିକାନ୍ ଏୟାରଲାଇନ୍ସର ଏକ ବୋଇଂ ବିମାନ ଉଡ଼ାଣ ପୂର୍ବରୁ ଏହାର ଲ୍ୟାଣ୍ଡିଂ ଗିଅର କାମ ନ କରିବାରୁ ରନ୍‌ୱେରେ ନିଆଁ ବାହାରିବା ସହ ପ୍ରବଳ ଧୂଆଁ ଉଠିଥିଲା। ମିଆମି ଯିବାକୁ ଥିବା ଫ୍ଲାଇଟ୍ ୩୦୨୩ର ଉଡ଼ାଣ ବନ୍ଦ କରାଯିବା ସହ ସେଥିରେ ଥିବା ୧୭୩ ଜଣ ଯାତ୍ରୀ ଓ ୬ କ୍ରିଉ ସଦସ୍ୟଙ୍କୁ ଏମର୍ଜେନ୍ସି ସ୍ଲାଇଡ୍ ଦେଇ ନିରାପଦର ସହ ବାହାର କରାଯାଇଥିଲା। ଟାୟାରରେ ମେଣ୍ଟେନାନ୍ସଜନିତ ତ୍ରୁଟିରୁ ନିଆଁ ବାହାରିଲା ବୋଲି କୁହାଯାଇଛି।

# ୧୩ ବର୍ଷ ପରେ ମାତୋଶ୍ରୀରେ ରାଜ୍ ଠାକ୍‌ରେ

ମୁମ୍ବାଇ, ୨୭।୭

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମ ଥର ପାଇଁ ମୁମ୍ବାଇସ୍ଥିତ ମାତୋଶ୍ରୀରେ ରବିବାର ପ୍ରବେଶ କରିଛନ୍ତି। ଭାଇ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଜନ୍ମଦିନ ଉତ୍ସବ ପାଳନ ପାଇଁ ରାଜ୍ ତାଙ୍କ ବାସଭବନକୁ ଆସିଥିଲେ। ଏହା ପୂର୍ବରୁ ୨୦୧୨ରେ ବାଳାସାହେବ ଠାକ୍‌ରେଙ୍କ ମୃତ୍ୟୁ ସମୟରେ ରାଜ୍ ମାତୋଶ୍ରୀକୁ ଶେଷ ଥର ପାଇଁ ଆସିଥିଲେ। ରବିବାର ରାଜ୍‌ଙ୍କ ସହ ଏମ୍‌ଏନ୍‌ଏସ୍ ନେତା ବାଲା ନନ୍ଦଗାଓଁକର ଏବଂ ନିତୀନ ସର୍ଦ୍ଦେଶାଇ ମଧ୍ୟ ଥିଲେ। ମାତୋଶ୍ରୀରେ ବାଳାସାହେବଙ୍କ ଫଟୋ ନିକଟରେ ଛିଡ଼ା ହୋଇ ରାଜ୍ ଓ ଉଦ୍ଧବ ଫଟୋ ଉଠାଇଛନ୍ତି। ଅନ୍ୟ ଏକ ଫଟୋରେ ରାଜ ଉଦ୍ଧବଙ୍କୁ ତାଙ୍କ ଜନ୍ମଦିନରେ ଫୁଲତୋଡ଼ା ଦେଉଥିବା ଦେଖାଯାଇଛି। ଦୀର୍ଘଦିନ ହେଲା ଠାକ୍‌ରେ ପରିବାରଠାରୁ ଦୂରେଇ ଯାଇଥିବା ରାଜ୍ ଚଳିତ ମାସ ଆରମ୍ଭରେ ମରାଠୀ ପରିଚୟ ପ୍ରସଙ୍ଗରେ ଉଦ୍ଧବଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ୱର୍ଲିରେ ଅନୁଷ୍ଠିତ ବିଜୟ ରାଲିରେ ଆଗାମୀ ପୌର ନିର୍ବାଚନ ଏକାଠି ଲଢ଼ିବା ନେଇ ଉଦ୍ଧବ ସୂଚନା ଦେଇଥିଲେ।


ମାତୋଶ୍ରୀରେ ଉଦ୍ଧବ ଠାକ୍‌ରେଙ୍କ ସହ ରାଜ୍ ଠାକ୍‌ରେ।

# ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ସମେତ ୭ ଗିରଫ

**ରେଭ୍ ପାର୍ଟିରେ ଚଢ଼ାଉ ବେଳେ ଡ୍ରଗ୍ସ ଜବତ**

ପୁଣେ, ୨୭।୭

ମହାରାଷ୍ଟ୍ରର ପୁଣେସ୍ଥିତ ଏକ ଆପାର୍ଟମେଣ୍ଟରେ ରବିବାର ଭୋର ସମୟରେ ଚାଲିଥିବା ରେଭ୍ ପାର୍ଟି ଉପରେ ପୋଲିସ ଚଢ଼ାଉ କରି ସେଠାରୁ ଡ୍ରଗ୍ସ, ହୁକା ଏବଂ ମଦ ଜବତ କରିଛି। ଏହି ଚଢ଼ାଉ ବେଳେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଏକନାଥ ଖଡ୍‌ସେଙ୍କ ଝିଅ ରୋହିଣୀଙ୍କ ସ୍ୱାମୀ ପ୍ରାଞ୍ଜଳ ଖେୱାଲକରଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ତାହାର ତଦନ୍ତ କରାଯାଉ ବୋଲି ଏନ୍‌ସିପି(ଏସ୍‌ପି) ନେତା ଖଡ୍‌ସେ କହିଛନ୍ତି। ଗିରଫ ୭ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଖଡ୍‌ସେଙ୍କ ଝିଅ ରୋହିଣୀ ଏବେ ଏନ୍‌ସିପି(ଏସ୍‌ପି) ମହିଳା ଶାଖାର ରାଜ୍ୟ ସଭାପତି ଅଛନ୍ତି। ରେଭ୍ ପାର୍ଟି ଚାଲୁଥିବା ସୂଚନା ପାଇ ପୁଣେ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଖରାଡି ଅଞ୍ଚଳରେ ଥିବା ଷ୍ଟୁଡିଓ ଆପାର୍ଟମେଣ୍ଟରେ ଚଢ଼ାଉ କରାଯାଇଥିଲା।

# ଦେଶରେ ୨୦୦ରୁ ଉର୍ଦ୍ଧ୍ୱ ସ୍ପେସ୍ ଷ୍ଟାର୍ଟଅପ୍

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ଜଙ୍ଗଲ ନିଆଁ ସଚେତନତା ପାଇଁ କେନ୍ଦୁଝର ମହିଳାଙ୍କୁ ପ୍ରଶଂସା**

ନୂଆଦିଲ୍ଲୀ, ୨୭।୭(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଶୁଭାଂଶୁ ଫେରିବା ପରେ ମହାକାଶକୁ ନେଇ ପିଲାମାନଙ୍କ ମଧ୍ୟରେ ଉତ୍ସୁକତାର ଏକ ନୂଆ ଲହର ଦେଖାଦେଇଥିବାବେଳେ କେବଳ ମହାକାଶ ସେକ୍ଟରରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ସୃଷ୍ଟି ହେଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତ୍ମନିର୍ଭରତା ଦ୍ୱାରା ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ। ଓଡ଼ିଶାର କେନ୍ଦୁଝର ଜିଲାର ମହିଳା ସଂକୀର୍ତ୍ତନ ଦଳ କୀର୍ତ୍ତନ ଜରିଆରେ ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଛନ୍ତି। ଭଜନ ଓ କୀର୍ତ୍ତନ ଆମ ଲୋକଗୀତ ଓ ପରମ୍ପରାର ଅଂଶବିଶେଷ। କେନ୍ଦୁଝର ଜିଲାର ରାଧାକ୍ରିଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ବନାଗ୍ନିକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଅଦ୍ଭୁତ କାର୍ଯ୍ୟ କରିଛନ୍ତି, ଯାହା ବିଶ୍ୱାସ କରିହେବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗତ କିଛି ସପ୍ତାହ ମଧ୍ୟରେ କ୍ରୀଡ଼ା, ବିଜ୍ଞାନ କିମ୍ବା ସଂସ୍କୃତିରେ ଅନେକ ଘଟଣା ଘଟିଛି, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଲଡ୍‌କୀ ବହୀନ୍ ଯୋଜନା: ୧୪ ହଜାର ପୁରୁଷ ହାତେଇଛନ୍ତି ଟଙ୍କା

ମୁମ୍ବାଇ, ୨୭।୭

ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ଅନଗ୍ରସର ମହିଳାଙ୍କ ପାଇଁ ଗତବର୍ଷ ଲଡ୍‌କୀ ବହୀନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଗତବର୍ଷ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏହି ଯୋଜନା ମହାଯୁତିକୁ ଫାଇଦା ଦେଇଥିଲା। ତେବେ ଏହି ଯୋଜନାରେ ୧୪,୨୯୮ ପୁରୁଷ ଆର୍ଥିକ ଭାବେ ଲାଭବାନ ହୋଇଥିବା ନେଇ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ (ଡବ୍ଲ୍ୟୁସିଡି) ଦ୍ୱାରା କରାଯାଇଥିବା ଏକ ଅଡିଟ ରିପୋର୍ଟରୁ ଜଣାପଡ଼ିଛି। ଅନଲାଇନ ପଞ୍ଜୀକରଣ ସମୟରେ ନିଜକୁ ମହିଳା ହିତାଧିକାରୀ ଭାବେ ପରିଚୟ ଦେଇ ୧୪,୨୯୮ ପୁରୁଷ ଲଡ୍‌କୀ ବହୀନ୍ ଯୋଜନାରେ ଆର୍ଥିକ ଲାଭ ପାଇବାକୁ ସକ୍ଷମ ହୋଇଥିବା ଏହି ରିପୋର୍ଟ କହିଛି, ଯାହାକୁ ନେଇ ମହାରାଷ୍ଟ୍ରରେ ରାଜନୀତି ସରଗରମ ହୋଇଛି। ବିରୋଧୀ ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ରାଜ୍ୟର ଦେବେନ୍ଦ୍ର ଫଡ୍‌ନବିସ୍ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏନ୍‌ସିପି (ଏସ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁପ୍ରିୟା ସୁଲେ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାର କହିଛନ୍ତି। ଯେଉଁ ପୁରୁଷମାନେ ଠକେଇ କରି ଲଡ୍‌କୀ ବହୀନ୍ ଯୋଜନାର ଲାଭ ଉଠାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ସେମାନଙ୍କୁ ଦିଆଯାଇଥିବା ରାଶିକୁ ଜବତ କରାଯିବ। ସରକାରୀ ଚାକିରି କରୁଥିବା କିଛି ମହିଳା ମଧ୍ୟ ଏହି ଯୋଜନାର ଲାଭ ଉଠାଇଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି। ହିତାଧିକାରୀ ତାଲିକାରୁ ସେମାନଙ୍କ ନାମକୁ ମଧ ହଟାଯିବ ବୋଲି ଅଜିତ କହିଛନ୍ତି। ପ୍ରକାଶ ଯେ, ଲଡ୍‌କୀ ବହୀନ୍ ଯୋଜନାରେ ମହାରାଷ୍ଟ୍ରରେ ଆର୍ଥିକ ଭାବେ ଅନଗ୍ରସର ଥିବା ମହିଳାଙ୍କୁ ମାସିକ ୧,୫୦୦ ଟଙ୍କାର ସହାୟତା ରାଶି ମିଳୁଛି।



## ଫୁରସତ୍

# ଉଦ୍ୟୋଗପତିରୁ ଶିବ ମହିମା ପ୍ରଚାରକ

**ଚର୍ଚ୍ଚାରେ ପୂର୍ବତନ ଜାପାନୀ ବିଜ୍‌ନେସମ୍ୟାନ୍**

ଡେରାଡୁନ


ହୋଶି ଟାକାୟୁକି

ଜାପାନର ରାଜଧାନୀ ଟୋକିଓର ମୂଳ ନିବାସୀ ତଥା ପୂର୍ବତନ ବ୍ୟବସାୟୀ ହୋଶି ଟାକାୟୁକି (୪୧) ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକଦା ସେ ଟୋକିଓସ୍ଥିତ ୧୫ଟି ବିଉଟି ପ୍ରଡକ୍ଟସ୍ ଷ୍ଟୋର୍‌ର ମାଲିକ ଥିଲେ। ତେବେ ଏବେ ସେ ତାଙ୍କର ଅନେକ କୋଟିର ବ୍ୟବସାୟକୁ ଛାଡ଼ି ଭାରତ ଆସି ହିନ୍ଦୁ ଆଧ୍ୟାତ୍ମିକତାକୁ ଆପଣାଇଛନ୍ତି ଏବଂ ବାଲା କୁମ୍ଭ ଗୁରୁମୁନି ନାମରେ ଭଗବାନ ଶିବଙ୍କ ଭକ୍ତର ପରିଚୟରେ ତାଙ୍କ ମହିମାର ପ୍ରଚାର ପ୍ରସାରରେ ନିଜକୁ ଉତ୍ସର୍ଗ କରିଛନ୍ତି। ସମ୍ପ୍ରତି ସେ ଉତ୍ତରାଖଣ୍ଡରେ ଆତ୍ମ-ଖୋଜ୍ ଯାତ୍ରାରେ ରହିଛନ୍ତି। ସେ ଖାଲି ପାଦରେ ପାରମ୍ପରିକ ଗୈରିକ ବସ୍ତ୍ର ପରିଧାନ କରି ପବିତ୍ର ଗଙ୍ଗା ଜଳ ଧରି ନିଜର ୨୦ ଜଣ ଜାପାନୀ ଅନୁଗାମୀଙ୍କ ସହ ଏହି ଯାତ୍ରାରେ ଭାଗବାନ ଶିବଙ୍କ ମହିମାର ପ୍ରଚାର କରୁଛନ୍ତି।

ହୋଶିଙ୍କ ଆଧ୍ୟାତ୍ମିକ ଯାତ୍ରା ୨୦ ବର୍ଷ ପୂର୍ବେ ତାମିଲନାଡୁରେ ଆରମ୍ଭ ହୋଇଥିଲା। ସେତେବେଳେ ତାମିଲନାଡୁ ଭ୍ରମଣ ସମୟରେ ସେ ଜଣେ ନାଡ଼ି ଜ୍ୟୋତିଷଙ୍କୁ ଭେଟିଥିଲେ। ଜ୍ୟୋତିଷ ଜଣକ ହଜାର ବର୍ଷ ପୁରୁଣା ତାଳପତ୍ର ପାଣ୍ଡୁଲିପିରୁ ହୋଶିଙ୍କ ଜୀବନକୁ ବ୍ୟାଖ୍ୟା କରିଥିଲେ। ସେ ତାଙ୍କର ପୂର୍ବ ଜୀବନକୁ ହିମାଳୟର ପାଦଦେଶରେ ବର୍ତ୍ତମାନର ଉତ୍ତରାଖଣ୍ଡରେ ବିତାଇଥିଲେ ଏବଂ ହିନ୍ଦୁ ଆଧ୍ୟାତ୍ମିକତାକୁ ଅନୁସରଣ କରିଥିଲେ ବୋଲି ହୋଶି ଜାଣିବାକୁ ପାଇଥିଲେ। ଏହାପରେ ହିନ୍ଦୁ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ଏହାର କିଛି ବର୍ଷ ପରେ ଉତ୍ତରାଖଣ୍ଡର ଏକ ଗାଁରେ ଏକ ଶିବ ଭକ୍ତ ଭାବେ ହିନ୍ଦୁ ଆଧ୍ୟାତ୍ମିକତାକୁ ଆପଣାଇଥିବା ନେଇ ହୋଶି ସ୍ୱପ୍ନ ଦେଖିଥିଲେ। ସେଠାରୁ ତାଙ୍କ ଜୀବନ ବଦଳି ଯାଇଥିଲା। ସେ ଟୋକିଓରେ ଥିବା ନିଜ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ସହଯୋଗୀମାନଙ୍କୁ ହସ୍ତାନ୍ତର କରି ଭାରତ ଆସିଥିଲେ। ଟୋକିଓସ୍ଥିତ ନିଜ ଘରକୁ ସେ ଏକ ଭବ୍ୟ ଶିବ ମନ୍ଦିରରେ ପରିଣତ କରିଥିଲେ।

# ଗୁପ୍ତଚର ଭୂମିକାରେ ବିଜୟ ଦେବରକୋଣ୍ଡା

ହାଇଦ୍ରାବାଦ

ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କ ଫିଲ୍ମ 'କିଙ୍ଗଡମ୍' ଟ୍ରେଲରକୁ ରବିବାର ଜାରି କରାଯାଇଛି। ଏହି ଆକ୍ସନ ଡ୍ରାମା ଫିଲ୍ମର ଟ୍ରେଲରକୁ ବିଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ଫିଲ୍ମର ଟ୍ରେଲରକୁ ରିଲିଜ୍ କରାଯାଇଛି। ଏହି ଫିଲ୍ମର ହିନ୍ଦୀ ଡବଡ୍ ଭର୍ସନର ନାମ 'ସାମ୍ରାଜ୍ୟ' ରଖାଯାଇଛି।

ଉକ୍ତ ଟ୍ରେଲରରେ ବିଜୟଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଛି। ଏଥିରେ ତାଙ୍କୁ ଏକ ଅଣ୍ଡରକଭର ସ୍ପାଏ (ଗୁପ୍ତଚର) ଭୂମିକାରେ ଦେଖିବାକୁ ମିଳିଛି। ଏକ ଜରୁରିକାଳୀନ ଅପରେଶନ ପାଇଁ ବିଜୟ ଗୁପ୍ତଚର ଭାବେ ନିଜର ନୂତନ ଯାତ୍ରା ଆରମ୍ଭ କରୁଛନ୍ତି, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ ରହିଛି। ସେ ନିଜ ଘର, ପରିବାର ଛାଡ଼ି ନିଜ ନୂତନ ମିଶନରେ ଲାଗି ପଡ଼ୁଛନ୍ତି। ଗୁପ୍ତଚର ଭାବେ ଧରାପଡ଼ି ସେ ଗିରଫ ହୋଇଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ଏକ ଦୃଶ୍ୟରେ କେତେଜଣ ଲୋକ ବିଜୟଙ୍କୁ ଆକ୍ରମଣ କରୁଥିବାର ଦେଖିବାକୁ ମିଳିଛି। ତେବେ ବିଜୟ ଜୋରଦାର ଭାବେ ନିଜ ଉପରେ ହେଉଥିବା ଆକ୍ରମଣର ପ୍ରତି ଜବାବ ଦେଉଛନ୍ତି। ଗୌତମ ତିନ୍ନାନୁରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୩୧ ତାରିଖରେ ମୁକ୍ତିଲାଭ କରିବ। ଫିଲ୍ମରେ ଅଭିନେତା ସତ୍ୟଦେବ ଏବଂ ଅଭିନେତ୍ରୀ ଭାଗ୍ୟଶ୍ରୀ ବୋର୍‌ସେଙ୍କୁ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।



# ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା

- ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ
- ଦୁର୍ବଳ ବନ୍ଧ ଜଗିଲା ସେଚ ବିଭାଗ


ଭୋଗରାଇର ବନ୍ୟା ପ୍ରପୀଡ଼ିତ ଏକ ଗାଁରୁ ଅନ୍ୟ ଗାଁକୁ ଆଣ୍ଠୁଏ ପାଣିରେ ଲୋକେ ଯିବାଆସିବା କରୁଛନ୍ତି।

**ଭୋଗରାଇ, ୨୭।୭(ପ୍ରଦୀପ ଦାସ)**

ଝାଡ଼ଖଣ୍ଡର ମାଳାଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ୫ମ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜଠାରେ ବନ୍ୟାଜଳ ବୃଦ୍ଧି ପାଇ ବିପଦସଂକେତ ୧୦. ୩୬ ମିଟର ଉପରେ ପ୍ରବାହିତ ହେଉଛି। ବିଳମ୍ବିତ ରାତି ସୁଦ୍ଧା ବନ୍ୟାଜଳ ୧୧. ୪୪ ମିଟର ଧରିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖାର ବନ୍ୟାଜଳ ରବିବାର ସକାଳୁ ଦୁଇ କୂଳ ଲଘି ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ସହ ମୟୂରଭଞ୍ଜର କେତେକ ପଞ୍ଚାୟତରେ ଉଣାଅଧିକେ ପାଣି ପ୍ରବେଶ କରିଛି। ଅଦ୍ୟାବଧି ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଗାଁଗୁଡିକରେ ବନ୍ୟାପାଣି ଛାଡି ନ ଥିବାବେଳେ ପୁଣି ସୁବର୍ଣ୍ଣରେଖାରେ ୫ମ ବନ୍ୟା ଲୋକଙ୍କ ଜନଜୀବନକୁ ଦୁର୍ବିସହ କରିଛି।

ଅପରପକ୍ଷରେ ଭୋଗରାଇ ବ୍ଲକର ୨୦, ବାଲିଆପାଳ ବ୍ଲକର ୧୨ ଓ ଜଳେଶ୍ୱର ବ୍ଲକର ୬ ପଞ୍ଚାୟତର ଶତାଧିକ ଗାଁ ବନ୍ୟାପ୍ଲାବିତ ହୋଇଥିବାରୁ ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇରହିଛନ୍ତି। ଭୋଗରାଇ ଓ ବାଲିଆପାଳ ବ୍ଲକର ଗୋଟିଏ ଗାଁରୁ ଅନ୍ୟ ଗାଁ ବିଚ୍ଛିନ୍ନ ହୋଇଥିବା ବେଳେ ମୁଖ୍ୟ ଓ ଗ୍ରାମରାସ୍ତାଗୁଡିକ ପାଣିରେ ବୁଡିଯାଇ ସ୍ରୋତ ଛୁଟୁଛି। ବନ୍ୟାଘେରରେ ଥିବା ଲୋକେ ଅନ୍ୟ ଉଚ୍ଚ ପକ୍କାଘରେ ଆଶ୍ରୟ ନେଇଛନ୍ତି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଛୁଆପିଲା ଓ ଗୃହପାଳିତ ପ୍ରାଣୀଙ୍କୁ ନେଇ ଜୀବନ ବଞ୍ଚାଇବାକୁ ଚାଲିଯାଉଥିବା ନଜରକୁ ଆସିଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ବା କଦଳୀଭେଳା ଏକମାତ୍ର ସାହା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସମସ୍ତ ବ୍ଲକରେ ଆଭାସୀ ମାଧ୍ୟମରେ ବିଡିଓ, ତହସିଲଦାର ଓ ସରକାରୀ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧରେ ସେଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ହଜାର ହଜାର ବାଲିବସ୍ତା ମହଜୁଦ ରଖାଯାଇଥିବା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ସୂଚନା ଦେଇଛନ୍ତି। ନଦୀବନ୍ଧରେ ୨୪ଘଣ୍ଟିଆ ସତର୍କ ଦୃଷ୍ଟି ରଖାଯାଇଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ କହିଛନ୍ତି। ବନ୍ୟା ଯୋଗୁ ତହସିଲ, ବ୍ଲକ, ସେଚ, ଡ୍ରେନେଜ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବନ୍ୟାଞ୍ଚଳରେ ଲୋକଙ୍କୁ ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଉଦ୍ଧାରକାରୀ ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ଯନ୍ତ୍ରଚାଳିତ ଡଙ୍ଗାକୁ ନିୟୋଜିତ କରାଯାଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି ରବିବାର ଅପରାହ୍ନରେ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ଅବିଳମ୍ବେ ଉଦ୍ଧାର ଓ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସରକାରଙ୍କଠାରେ ଦାବି କରିଥିବା ବେଳେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ବନ୍ୟା ମୁକାବିଲା ନିମନ୍ତେ ସରକାରୀ କଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ୟାରେ ଭାସିଗଲା ଗେଙ୍ଗୁଟି ସେତୁ


ଷୋଳମପୁର ପଞ୍ଚାୟତର ତିଖିଲିଆଠାରେ ପୋଲ ଭାସିଯାଇଛି।

**ଭଣ୍ଡାରିପୋଖରୀ, ୨୭।୭ (ରାଜେନ୍ଦ୍ର ଶତପଥୀ)**

ବନ୍ୟାରେ ଭାସିଗଲା ବୈତରଣୀର ଶାଖା ନଦୀ ଗେଙ୍ଗୁଟି ସେତୁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତରେ ତିଖିଲିଆକୁ ସଂଯୋଗକାରୀ ଏହି ସେତୁର ଏକ ଅଂଶ ଶନିବାର ବିଳମ୍ବିତ ରାତିରେ ଭାସିଯାଇଛି। ଫଳରେ ପଞ୍ଚାୟତର ଦାଣ୍ଡକୂଳରୁ ତିଖିଲିଆକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖମ୍ବ ଭାସିଯାଇ ସେତୁ ୨ ଖଣ୍ଡ ହୋଇଯାଇଛି। ରବିବାର ବିଡିଓ ଦେବଦତ୍ତ ଦାସ ଏଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଭାଜପା ନେତା ସୁଧାଂଶୁ ନାୟକ, ବଦ୍ରିନାରାୟଣ ଧଳ, କଂଗ୍ରେସ ନେତା ସୁବ୍ରତ ଦାସ ପ୍ରମୁଖ ଆସି ସ୍ଥିତି ଅନୁଧ୍ୟାନ କରି ଫୋନ୍ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏଠାରେ ନୂତନ ସେତୁ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି।

ଦୀର୍ଘ ୧୬ ବର୍ଷ ପୂର୍ବରୁ ଏହି ସେତୁ ନିର୍ମିତ ହୋଇଥିଲା। ଗେଙ୍ଗୁଟି ନଦୀରେ ଜଳପ୍ରବାହ କମିଯାଇ ଶଯ୍ୟା ପୋତି ହୋଇପଡ଼ିଛି। ମାତ୍ର ଚଳିତବର୍ଷ ଦାଣ୍ଡକୂଳ ଓ ତିଖିଲିଆର କେତେଜଣ ବାଲି ଚାଲାଣକାରୀ ଏହି ନଦୀଶଯ୍ୟାକୁ ୧୦ ଫୁଟ ଗଭୀର ଖୋଳି ବାଲି ଉଠାଇ ନେଇଥିଲେ। ଫଳରେ ୧୫ ଦିନ ପୂର୍ବରୁ ବୈତରଣୀରୁ ସାମାନ୍ୟ ପାଣି ଏହି ନଦୀରେ ପ୍ରବେଶ କରିବାରୁ ସେତୁ ଟଳମଳ ଅବସ୍ଥାକୁ ଆସିଯାଇଥିଲା। ଅନୁଚ୍ଚ ବାଲି ଉପରେ ନିର୍ମିତ ସେତୁ ଖୁଣ୍ଟର ମୂଳଦୁଆ ଦୋହଲି ଯାଇଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ସେତେବେଳେ ପ୍ରଶାସନ କିମ୍ବା ରାଜନେତା ଏହାକୁ ଗୁରୁତ୍ୱ ଦେଇ ନ ଥିଲେ।

# ରାଷ୍ଟ୍ରପତି ଶାସନ ଜାରି କରାଯାଉ

## ଅଳକାଙ୍କ ପରେ ପ୍ରମିଳା

**ଭୁବନେଶ୍ୱର,୨୭।୭ (ରବିନାରାୟଣ ଜେନା)**

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହି ଅଖିଳ ଭାରତ କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଗତ ୧୬ ତାରିରେ ଦାବି କରିଥିଲେ। ଏବେ ସମାନ କଥା ରାଜ୍ୟ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦୋହରାଇଛନ୍ତି।

ରବିବାର ପ୍ରମିଳା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଉଚିତ। ଓଡ଼ିଶାରେ ମଣିପୁରଠାରୁ ଆହୁରି ସାଙ୍ଘାତିକ ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଜଣକ ସମସ୍ତଙ୍କୁ ଗୁହାରି କଲା ପରେ ମଧ୍ୟ କେହି ତାଙ୍କ କଥା ଶୁଣିଲେ ନାହିଁ। ଫଳରେ ସେ ଆତ୍ମାହୁତି ଦେଲେ। ଏବେ ସବୁ ଜିଲାରେ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ସରକାର କୌଣସି ଦାୟିତ୍ୱ ତୁଲାଇବା ଭଳି ମନେହେଉନାହିଁ। କେବଳ ଦଳର ପ୍ରଚାର ଓ ପ୍ରସାରରେ ଲାଗିଛନ୍ତି। ମହିଳାମାନେ ଏବେ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି ବୋଲି ପ୍ରମିଳା କହିଛନ୍ତି।

ପ୍ରମିଳାଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କୌଣସି ଘଟଣାକୁ ହାଲୁକା ଭାବେ ନେଉ ନାହାନ୍ତି। ଘଟଣା ଘଟିବା କ୍ଷଣି ତୁରନ୍ତ ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ବିରୋଧ କରିବେ। ପ୍ରମିଳା ମଲ୍ଲିକ ଭୁଲି ଯାଉଛନ୍ତି, ତାଙ୍କ ଶାସନ ସମୟରେ ବେବିନା, ମମିତା ଭଳି ବହୁ ଘଟଣା ଘଟିଛି। ହେଲେ ତାଙ୍କ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହା ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ଆମକୁ କହିବା ଆଗରୁ ନିଜେ ଚିନ୍ତା କରନ୍ତୁ।

# ଆଜି ୧୫ ଜିଲାରେ ବର୍ଷା, ୩୧ରୁ କମିବ

**ଭୁବନେଶ୍ୱର,୨୭।୭ (ଅନୁରାଧା ମହାରଣା)**

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଉପକୂଳ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ବାଂଲାଦେଶର ସଂଲଗ୍ନ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ହୋଇ ଅବପାତର ରୂପ ନେଇଛି। ଏହି ଅବପାତ କ୍ରମଶଃ ଦୁର୍ବଳ ହୋଇ ପୁଣି ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୧୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ ଓ ୩୧ରୁ ବର୍ଷା କମିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।




# ଆଗେ ସଙ୍ଗଠନ, ପରେ ନିଗମ

## ଭାଜପାର ମାନସମନ୍ଥନ

**ଭୁବନେଶ୍ୱର,୨୭।୭(ରବିନାରାୟଣ ଜେନା)**

ରାଜ୍ୟ ଭାଜପା ଆଗେ ତା'ର ସଙ୍ଗଠନକୁ ସୁଦୃଢ଼ କରିବ। ଦଳରେ କିଏ ଉପସଭାପତି ରହିବେ ଏବଂ ସାଧାରଣ ସମ୍ପାଦକ ଓ ସମ୍ପାଦକ ଭଳି ଅନ୍ୟାନ୍ୟ ପଦାଧିକାରୀ ରହିବେ ତାକୁ ପୂରଣ ଦିଗରେ ଗୁରୁତ୍ୱ ଦେବ। ଏହାପରେ ବିଭିନ୍ନ ନିଗମ ଅଧକ୍ଷ ପଦରେ ନେତାଙ୍କୁ ଥଇଥାନ ଏବଂ ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ସହିତ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ ବୋଲି ରବିବାର ଭାଜପାର ମାନସ ମନ୍ଥନରୁ ଜଣାଯାଇଛି।

ରବିବାର ପୂର୍ବାହ୍ନରେ ପ୍ରଥମେ ରାଜ୍ୟ କାର୍ଯ୍ୟାଳୟରେ ଭାଜପା ସଭାପତି ମନମୋହନ ସାମଲଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ଭାଜପାର ସାଙ୍ଗଠନିକ ନିର୍ବାଚନ ସହିତ ନିଗମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଛି। ତେବେ ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଯେଉଁ ଚର୍ଚ୍ଚା ଜୋର ଧରିଥିଲା ସେଥିରେ ଏକପ୍ରକାର ରୋକ୍ ଲାଗିଛି।

ବୈଠକ ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି, ଦଳ ଏବେ ସଙ୍ଗଠନକୁ ମଜଭୁତ୍ କରିବାପାଇଁ ଗୁରୁତ୍ୱ ଦେଉଛି। ଏହାପରେ ନିଗମ ଅଧ୍ୟକ୍ଷ ପଦ ଘୋଷଣା କରାଯିବା ସହିତ ଅନ୍ୟାନ୍ୟ ସାମ୍ବିଧାନିକ ପଦ ପୂରଣ କରାଯିବ। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ଉପରେ କୌଣସି ଆଲୋଚନା ହୋଇନାହିଁ। ବୈଠକ ଚାଲୁଛି ଆହୁରି ବୈଠକ ହେବ। ଏହା ଏକ ରୁଟିନ ପ୍ରକ୍ରିୟା। ଶନିବାର ରାତି ୨ଟା ପର୍ଯ୍ୟନ୍ତ ବୈଠକ ହୋଇଥିଲା। ସରକାର, ସଙ୍ଗଠନ, ନୂଆ ମନ୍ତ୍ରିମଣ୍ଡଳ ଓ ନିଗମ ନେଇ କୌଣସି ସ୍ପଷ୍ଟ ଆଲୋଚନା ହୋଇନାହିଁ। ପ୍ରଭାରୀ ମାନେ ଆସିଛନ୍ତି ଆଲୋଚନା ଚାଲିଛି। ଆଲୋଚନା ପରେ ଦିଲ୍ଲୀ ପୁଣି ଯିବାକୁ ହେବ। ଏହାପରେ ରାଜ୍ୟବାସୀ ଜାଣିପାରିବେ ବୋଲି ମନମୋହନ କହିଥିଲେ।

ଏହି ଅବସରରେ ରାଜ୍ୟ ଭାଜପା ପ୍ରଭାରୀ ବିଜୟ ପାଲସିଂହ ତୋମାର କହିଛନ୍ତି ଯେ, ଦଳ ପକ୍ଷରୁ ସଙ୍ଗଠନ ସୁଦୃଢ଼ ସହିତ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏନେଇ ଦଳ ପକ୍ଷରୁ ଅବଗତ କରାଯିବ। ଏହି ବୈଠକରେ ରାଜ୍ୟ ଭାଜପା ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସହିତ କେତେକ ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ସାମିଲ ଥିଲେ।

# ଜିଲାସ୍ତରୀୟ ସ୍ୱତନ୍ତ୍ର ଲୋକ ଅଦାଲତ: ୧୦୬୮ ମକଦ୍ଦମା ଫଇସଲା

## ୨୧.୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ

**କଟକ,୨୭।୭(କାର୍ତ୍ତିକ ସାହୁ)**

ଏନ୍‌ଆଇ ଆକ୍ଟର ୧୩୮ ଧାରା ଅନ୍ତର୍ଗତ ପଡ଼ିରହିଥିବା ମାମଲାଗୁଡ଼ିକର ଆପୋସ ଫଇସଲା ପାଇଁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୧୮ଟି ଜିଲା ଓ ୭ଟି ସବ୍‌ଡିଭିଜନାଲ ହେଡ୍‌କ୍ୱାର୍ଟର୍ସରେ ରବିବାର ଜିଲାସ୍ତରୀୟ ଲୋକ ଅଦାଲତ ଜରିଆରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା କରାଯାଇଛି। ଏନ୍‌ଆଇ ଆକ୍ଟ ଅନ୍ତର୍ଗତ ମୋଟ ୭୦୩୮ଟି ମକଦ୍ଦମା ବିଚାର ପାଇଁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୧୦୬୮ଟି ମକଦ୍ଦମା ଫଇସଲା କରାଯାଇଛି। ମୋଟ ୨୧,୯୨,୯୮,୧୪୩ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଲୋକ ଅଦାଲତ ହୋଇଯାଇଛି।

# ବଳାତ୍କାରୀଙ୍କୁ ଛଡ଼ାଯିବ ନାହିଁ: ଭାଜପା

**ଭୁବନେଶ୍ୱର,୨୭।୭(ରବିନାରାୟଣ ଜେନା)**

ମହିଳା ସୁରକ୍ଷା ପ୍ରସଙ୍ଗରେ ଭାଜପା ସମ୍ବେଦନଶୀଳ। ଭାଜପା ସରକାର ମହିଳାମାନଙ୍କ ପାଇଁ ସମର୍ପିତ। ମହିଳା ସଶକ୍ତୀକରଣ ପାଇଁ ସରକାର ବଦ୍ଧପରିକର। ମହିଳା ହିଂସା କିମ୍ବା ବଳାତ୍କାରରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଭାଜପା ସରକାରରେ ଛାଡ୍ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ରବିବାର ସେ କହିଛନ୍ତି, ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଚିତ୍କାର କରୁଥିବା ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ଭିତରେ ମହିଳା ବଳାତ୍କାରକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମହିଳା ବଳାତ୍କାର ଘଟଣାରେ ଜେଲରେ ଥିବାବେଳେ ରବିବାର ବିଜେଡିର ବିଏମ୍‌ସି କର୍ପୋରେଟର ଅମରେଶ ଜେନା ମଧ୍ୟ ମହିଳା ବଳାତ୍କାର ଘଟଣାରେ ଗିରଫ ହୋଇଛନ୍ତି। ଉଭୟ ଦଳର ଅସଲ ଚେହେରା ପଦାରେ ପଡ଼ିଛି। ଉଭୟ କଂଗ୍ରେସ ଓ ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ହିଂସା, ବ୍ୟଭିଚାର, ନିର୍ଯାତନାକୁ ଏପର୍ଯ୍ୟନ୍ତ ଓଡ଼ିଶାବାସୀ ଭୁଲିନାହାନ୍ତି। ଉଭୟ ଦଳର ଅପକର୍ମ କାରଣରୁ ଓଡ଼ିଶା ଏବଂ ଓଡ଼ିଶାବାସୀ ବହୁ ଥର ଦେଶ ତଥା ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହୋଇଛନ୍ତି ବୋଲି ରାଜ୍ୟ ଉପସଭାପତି କହିଛନ୍ତି।

# ଜେଲ ଗଲେ ଅଭିଯୁକ୍ତ, ସୁରକ୍ଷାକର୍ମୀ ବହିଷ୍କୃତ

## ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା

**ବାଲେଶ୍ୱର, ୨୭।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ରେମୁଣା ଥାନା ପୋଲିସ ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା ମର୍ଦ୍ଦରାଜପୁର ଗାଁର ଶଙ୍କର ଓରଫ୍ ହରିହର ପାତ୍ର (୨୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏସ୍‌ଡିପିଓ ପ୍ରମୋଦ ମଲିକ, ଡିଏସ୍‌ପି ଚାନ୍ଦମଣି ସିଂ, ଆଇଆଇସି ବିମଳ ନାୟକ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଫୋରେନସିକ୍ ଟିମ୍ ସହ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଯେ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ଶନିବାର ଆସିଷ୍ଟାଣ୍ଟ ପ୍ରଫେସର ଘରେ ନ ଥିଲେ। ତାଙ୍କ ନବବିବାହିତା ସ୍ତ୍ରୀ ଏକା ଥିବା ବେଳେ ଅଭିଯୁକ୍ତ ଯୁବକ ଆସି କବାଟ ବାଡେଇଥିଲେ। ନିଜକୁ ଗ୍ୟାସ୍ ବାଲା ପରିଚୟ ଦେବାରୁ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। ଏହାପରେ ସେ ଘରେ ପଶି ମହିଳାଙ୍କୁ ଜବରଦସ୍ତ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଅଭିଯୁକ୍ତ ଖସି ପଳାଉଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ କାବୁ କରିଥିଲେ। ଖବରପାଇ ରେମୁଣା ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ. ୧୩୧/୨୫)ରୁଜୁ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ କହିବା ସହ କାର୍ଯ୍ୟରେ ଅବହେଳା ପାଇଁ ରେସିଡେନ୍‌ସିଆଲ କଲୋନୀ ଫାଟକ ନିକଟରେ ଥିବା ସୁରକ୍ଷାକର୍ମୀଙ୍କୁ ବହିଷ୍କାର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରତି ଗେଟ୍‌ରେ ୨ଜଣ ଲେଖାଏଁ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ପୂର୍ବରୁ ବିଶ୍ୱବିଦ୍ୟାଳୟରେ ୧୬ଜଣ ସୁରକ୍ଷାକର୍ମୀ ଥିଲେ ଓ ୪ଜଣ ସୁରକ୍ଷାକର୍ମୀ ବିଦ୍ୟୁତ୍ ଚାଳିତ ଅଟୋ ଚଳାଉଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।



## ଦେଶର ବିଭିନ୍ନ ମନ୍ଦିରରେ ପ୍ରମୁଖ ଦଳାଚକଟା ଘଟଣା

**୨୦୨୫ ମେ' ୩**
ଗୋଆର ଶିର୍‌ଗାଓ ଗ୍ରାମସ୍ଥିତ ଶ୍ରୀ ଲୈରାଇ ଦେବୀ ମନ୍ଦିରରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଥିଲେ।

**୨୦୨୫ ଜାନୁଆରୀ ୮**
ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଟିକେଟ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବା ସମୟରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଥିଲେ।

**୨୦୨୪ ଜୁଲାଇ ୨**
ଉତ୍ତରପ୍ରଦେଶର ହାଥରସ୍‌ଠାରେ ଭୋଲେ ବାବାଙ୍କ ଦ୍ୱାରା ଆୟୋଜିତ ସତ୍‌ସଙ୍ଗରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ଘଟି ୧୨୧ ଜଣଙ୍କର ମୃତ୍ୟୁ ଘଟିଥିଲା।

**୨୦୦୮ ସେପ୍ଟେମ୍ବର ୩୦**
ରାଜସ୍ଥାନର ଯୋଧପୁର ସହରର ଚାମୁଣ୍ଡା ଦେବୀ ମନ୍ଦିରରେ ବୋମା ବିସ୍ଫୋରଣର ଗୁଜବରୁ ଦଳାଚକଟା ଘଟି ୨୫୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ୬୦ ଜଣ ଆହତ ହୋଇଥିଲେ।

**୨୦୦୮ ଅଗଷ୍ଟ ୩**
ହିମାଚଳ ପ୍ରଦେଶର ବିଳାସପୁର ଜିଲା ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବରୁ ଦଳାଚକଟା ଘଟି ୧୬୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି।

**୨୦୦୫ ଜାନୁଆରୀ ୨୫**
ମହାରାଷ୍ଟ୍ରର ସତାରା ଜିଲା ମନ୍ଧାରାଦେବୀ ମନ୍ଦିରର ବାର୍ଷିକ ତୀର୍ଥଯାତ୍ରା ସମୟରେ ଦଳାଚକଟା ଘଟି ୩୪୦ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା।

## ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସିସିଡବ୍ଲୁଏସ୍‌ଡି ପକ୍ଷରୁ ଏକାକୀ ରହୁଥିବା ମହିଳାଙ୍କ ସମସ୍ୟା ଓ ଆହ୍ୱାନ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା

### ବାଲେଶ୍ୱର
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମେଧାବୀ ସମ୍ମାନ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ନୂତନ ଜମ୍ବୀରା ପୋଲ ନିର୍ମାଣ ନିମନ୍ତେ ଗ୍ରାମସଭା, ସ୍ଥାନ: ପଟାକୁଣ୍ଡିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଜଗତ୍‌ସିଂହପୁର
- ଭାରତୀୟ ମଜ୍‌ଦୂର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ବୃକ୍ଷ ଦାନ ଶିବିର, ସ୍ଥାନ:ନୟାଗଡ଼ ଶିମିଳିସାହି, ସମୟ ; ପୂର୍ବାହ୍ନ ୯ଟା
- ଜିଲା ବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ବଣ୍ଟନ, ସ୍ଥାନ:ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

### କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

### କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

# କଠିନ ପରିଶ୍ରମ କରି ଭଲ ପାଠ ପଢ଼ିବାକୁ ଆଶ୍ରମ ସ୍କୁଲ୍ ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ


ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣୁଛନ୍ତି।

ଭୁବନେଶ୍ୱର,୨୭।୭
(ରବିନାରାୟଣ ଜେନା)

ଭଲ ପାଠପଢ଼,କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନବାସୀ ଆଶ୍ରମ ପିଲାଙ୍କୁ ପରାମର୍ଶ ଦେଇଛନ୍ତି। ରବିବାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିବା ଅବସରରେ ଆଶ୍ରମ ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୁଝାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପରିଶ୍ରମର ଫଳ କେବେ ବୃଥା ଯାଏନାହିଁ। ମାତା-ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ହେଲେ ତୁମକୁ କଠୋର ପରିଶ୍ରମ କରିବାକୁ ପଡ଼ିବ। ରବିବାର ୧୨୪ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମର ଦାୟିତ୍ୱ ବିଷୟରେ କେନ୍ଦୁଝରର ନାମ ନେଇଛନ୍ତି। କେନ୍ଦୁଝର ଜିଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

# ୫୦୦ ମୃତକଙ୍କ ନାମରେ ଉଠୁଛି ଟଙ୍କା

## ଆନନ୍ଦପୁର ପୌରାଞ୍ଚଳରେ ଭତ୍ତା କେଳେଙ୍କାରୀ

ଆନନ୍ଦପୁର,୨୭।୭
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ୧୦ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ବୃଦ୍ଧଙ୍କଠାରୁ ଆରମ୍ଭ କରି ବର୍ଷେ ତଳେ ଦେହାନ୍ତ ହୋଇଥିବା ଲୋକଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଛି। ଏପରିକି ହରିଶ୍ଚନ୍ଦ୍ର ଯୋଜନାରେ ଶବ ସଂସ୍କାର ହୋଇଥିବା ବ୍ୟକ୍ତିଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହୋଇ ହରିଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ରବିବାର ଘଷିପୁରାଠାରେ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯଜ୍ଞପ୍ରସାଦ ସାହୁ ଏଭଳି ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ତଥ୍ୟ ଅନୁଯାୟୀ, ଆନନ୍ଦପୁର ପୌରାଞ୍ଚଳର ୧୬ଟି ୱାର୍ଡରେ ଏଭଳି ହୋଇଛି। ୫୦୦ରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଲୁଟ୍ ହୋଇଛି। ଅନୁମୋଦନ ସଂଖ୍ୟା ଓଆର୍‌ଏସ୍- ୦୯୪୯୫୭୨୬ରେ ଘଷିପୁରା ଅଞ୍ଚଳର ଦୈତାରି ଦାସଙ୍କ ନାମରେ ଭତ୍ତା ମଞ୍ଜୁର ହୋଇଥିଲା। ତେବେ ୧୦ ଡିସେମ୍ବର ୨୦୨୧ରେ ଦୈତାରିଙ୍କ ପରଲୋକ ହୋଇଥିଲା। ମାତ୍ର ତାଙ୍କ ନାମରେ ଭତ୍ତା ଟଙ୍କା ଉଠୁଛି। ସେହିପରି ଘଷିପୁରାର ମଙ୍ଗୁଳି ଚରଣ ସାହୁଙ୍କ ବର୍ଷେ ତଳୁ ମୃତ୍ୟୁ ଘଟିଛି। ହଗୁରୁ ସାହୁଙ୍କ ବର୍ଷେ ପୂର୍ବେ, ବଂଶୀଧର ସାହୁଙ୍କ ୨ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ସେହିପରି ଲମ୍ବୋଦର ସାହୁ, ଶାଳପଡ଼ାର ମୋହନ ଚରଣ ଜେନା, ଖପରାଖାଇର ଗୁଞ୍ଜର ଜେନା, ମୂଳିଆ ଦେହୁରୀ, କୀର୍ତ୍ତନ ପେରେଇ, ମୁରବାଲିର ଝୁମୁରି ବେହେରା, ସନାତନ ବେହେରା, ଶୈଳଙ୍ଗର ବିଦ୍ୟାଧର ଜେନା ପ୍ରମୁଖ ବର୍ଷେରୁ ଅଧିକ ହେବ ମୃତ୍ୟୁବରଣ କରିଥିଲେ ମଧ୍ୟ ସମସ୍ତଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ୫ ବର୍ଷ ତଳେ ବୁଢ଼ିଆ ପାତ୍ରଙ୍କର ମୃତ୍ୟୁ ହୋଇଥିଲା। ଶବ ସଂସ୍କାର ପାଇଁ ତାଙ୍କ ପୁଅ ହରିଶ୍ଚନ୍ଦ୍ର ସହାୟତା ୩ ହଜାର ଟଙ୍କା ପାଇଥିଲେ। ତାଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହେଉଥିବା ଯଜ୍ଞପ୍ରସାଦ ଅଭିଯୋଗ କରିଛନ୍ତି। ସେହିପରି ସମସ୍ତ ୱାର୍ଡରେ ୫ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ସେ କହିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭତ୍ତା ଅପେକ୍ଷାରେ ଥିବା ବୃଦ୍ଧାବୃଦ୍ଧଙ୍କୁ ନ୍ୟାୟ ଦେବାକୁ ଦାବି ରଖିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହଇରେ ରସିକ ରସିଲୁ**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଙ୍ଘା ବଣେ ପଶିଲୁ ।**

ରୂପଠାରୁ ଗୁଣ ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ହାତ ନଡ଼ବଡ଼ କହୁଣି ଖାଏ**
**ଜିଭ ନଡ଼ବଡ଼ ହଗି ଯାଏ ।**

ଖାଦ୍ୟକୁ ଠିକ୍ ଭାବେ ଧରି ରଖି ନ ଖାଇପାରିଲେ ଖାଦ୍ୟ କହୁଣିକୁ ବୋହି ଯାଇଥାଏ। ସେହିପରି ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖିପାରି ନ ଥାଏ ତା'ର ପେଟ ଖରାପ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### କର୍ପୋରେଟର ଅମରେଶ ...

ନେବାବେଳେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଅର୍ଚ୍ଚନା ମତେ ଫସାଇଦେଇଛନ୍ତି। ଅର୍ଚ୍ଚନାଙ୍କୁ ପଚାରିଲେ ସେ ଏହି ଘଟଣାରେ ସବୁ କହିପାରିବେ ବୋଲି ଅମରେଶ କହିଛନ୍ତି। ଏପଟେ ଏପରି ଅଭିଯୋଗକୁ ନେଇ ଅର୍ଚ୍ଚନା ମଧ୍ୟ ଭିଡିଓ ଜାରି କରି ଅମରେଶଙ୍କୁ ଟାର୍ଗେଟ୍ କରିଛନ୍ତି। ଅର୍ଚ୍ଚନା କହିଛନ୍ତି, ସେ ଏହି ଘଟଣା ବିଷୟରେ ଜାଣିନାହାନ୍ତି କିମ୍ବା ପୀଡ଼ିତାଙ୍କୁ ମଧ୍ୟ ଚିହ୍ନି ନାହାନ୍ତି। ଘଟଣାର ସତ୍ୟାସତ୍ୟ ଅମରେଶ ଓ ପୀଡ଼ିତା ହିଁ ଜାଣିଥିବେ। ତେବେ ଅମରେଶ କୁକର୍ମରେ ଜଡ଼ିତ ଥିଲେ ବୋଲି ଆଜି ଓଡ଼ିଶାବାସୀଙ୍କୁ ଜଣାଇଦେଇଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଅର୍ଚ୍ଚନା ନାଗଙ୍କୁ ସେ ଚିହ୍ନି ନ ଥିଲେ ବୋଲି ଅମରେଶ କହୁଥିଲେ। ଆଜି ସେ କିପରି ଅର୍ଚ୍ଚନାଙ୍କୁ ଜାଣିଗଲେ। ସେ ନିଜ କର୍ମର ଫଳ ଭୋଗୁଛନ୍ତି। ଅମରେଶଙ୍କୁ ଭାଇ ସମ୍ବୋଧନ କରି ସୁଧୁରି ଯାଆନ୍ତୁ ଓ ଭଉଣୀଙ୍କୁ ଅପନିନ୍ଦା ଦିଅନ୍ତୁ ନାହିଁ ବୋଲି ଅର୍ଚ୍ଚନା କହିଛନ୍ତି। ସେହିପରି ଅମରେଶଙ୍କ ସ୍ତ୍ରୀ ବନଜା ଜେନା ସ୍ୱାମୀଙ୍କ ବିରୋଧରେ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ନିର୍ବାଚନ ପାଖେଇ ଆସିଲାଣି, ଏଭଳି ଆମ ସହ ଘଟିବ ବୋଲି ଜାଣିଥିଲୁ। କୋର୍ଟ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି, ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ତେବେ ଅମରେଶ ଭୁବନେଶ୍ୱରରୁ ଫେରାର ହୋଇ କଳାକାଦ ଗାଁରେ ଯାହାଙ୍କ ଘରେ ଆତ୍ମଗୋପନ କରିଥିଲେ ତାଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ଉକ୍ତ ବ୍ୟକ୍ତି କିଏ ଓ ଅମରେଶ ତାଙ୍କ ଘରକୁ କାହିଁକି ସୁରକ୍ଷିତ ସ୍ଥାନ ବୋଲି ବାଛିଥିଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଅମରେଶଙ୍କ ମାମଲାରେ ସମ୍ପୃକ୍ତି ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବରଦାତା ସମ୍ମିଳନୀରେ ଜୋନ-୪ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି। ଏପଟେ ଅମରେଶଙ୍କ ଗିରଫଦାରି ଘଟଣାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଲକ୍ଷ୍ମୀସାଗର ଥାନା ପରିସରରେ ଭିଡ ଜମାଇ ହୋହଲ୍ଲା କରିବା ସହ ପୋଲିସର ଗିରଫଦାରିକୁ ନିନ୍ଦା କରିଥିଲେ। ସୂଚନାଯୋଗ୍ୟ, ଅମରେଶ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ବୁଧବାର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅମରେଶଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଥିଲେ। ଏପରିକି ଅମରେଶ ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

### ମାଟିତଳୁ ମିଳିଲା ...

ମୁତୟନ ଅର୍ଦ୍ଧସାମରିକ ବାହିନୀ ଓ ଓଡ଼ିଶା ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୪ଟନ୍ ଲୁଟ ବିସ୍ଫୋରକ ଜବତ ହୋଇଥିଲା। କିନ୍ତୁ ମାଓବାଦୀଙ୍କ ପାଲଟା ଜବାବରେ ସେମାନେ ଖଞ୍ଜିଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମେ' ୩୦ରେ କୋମ୍ବିଂ ଅପରେଶନ ବେଳେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ଗୁରୁତର ଆହତ ହୋଇଥିଲେ। ୩୧ରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା


ମାଟି ତଳୁ ଜବତ ହୋଇଥିବା ଟଙ୍କା।

ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ଆହତ ହୋଇଥିଲେ। ଜୁନ ୧୪ରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ପୁଣି ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ସତ୍ୟବାନ କୁମାର ସିଂ ଶହୀଦ ହୋଇଥିଲେ। ଇତିମଧ୍ୟରେ ଅନେକ ପୋତା ଲ୍ୟାଣ୍ଡ ମାଇନ ଉଦ୍ଧାର ହେବା ସହ ଏକ ବଙ୍କର ଠାବ କରି ଅର୍ଦ୍ଧସାମରିକ ବାହିନୀ ତରଫରୁ ନଷ୍ଟ କରାଯାଇଥିଲା। ପୁଣି ଏବେ ମାଓବାଦୀ ମାଟିତଳେ ଲୁଚାଇ ରଖିଥିବା ୩୫ ଲକ୍ଷ ଟଙ୍କା ଠାବ କରି ଉଦ୍ଧାର କରିବା ପରେ ମାଓବାଦୀଙ୍କ ଅଣ୍ଟା ଦୋହଲି ଯାଇଥିବା ସ୍ୱାଭାବିକ। ହେଲେ ମାଓ ସଙ୍ଗଠନ ଶହୀଦ ସପ୍ତାହ ମଧ୍ୟରେ କିଛି ଯୋଜନା କରୁଥିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଉଭୟ ରାଜ୍ୟ ପୋଲିସ ଏବେ ସତର୍କ ଦୃଷ୍ଟି ରଖିଥିବା ଜଣାପଡ଼ିଛି।

### ୨୦ ହଜାର ଟଙ୍କାରେ...

କରି ସମ୍ପୃକ୍ତ ଶିଶୁ କନ୍ୟାର ବାପାଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବାଗଡେର ଗାଁର ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ ଝିଅ ଥିଲା। ନିକଟରେ ତାଙ୍କ ସ୍ତ୍ରୀ ଟିଟିଲାଗଡ଼ ହସ୍ପିଟାଲରେ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ମହିଳା ଜଣକ ଘରକୁ ଆସିବାର କିଛି ଦିନ ପରେ ବରଗଡ଼ ଜିଲା ପଦ୍ମପୁର ସବ୍‌ଡିଭିଜନ ଅଧୀନ ପାଇକମାଳ ଗାଁର ସମ୍ପୃକ୍ତ ଦମ୍ପତିଙ୍କ ସହ କଥାବାର୍ତ୍ତା କରି ଶିଶୁକନ୍ୟାକୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ବିକ୍ରି କରିଥିବାନେଇ ଶିଶୁକନ୍ୟାର ମା'ବାପା ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି। ଏହି ଦମ୍ପତି ଗରିବ ଶ୍ରେଣୀର ହୋଇଥିବାରୁ ବର୍ଷକ ଅଧିକାଂଶ ସମୟ ଦାଦନ ଖଟିବାକୁ ଯାଇଥାନ୍ତି। ସରକାର ଗରିବ ଲୋକଙ୍କ ପାଇଁ ଅନେକ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହାର ସୁଫଳ ପାଇବାରୁ ଉକ୍ତ ଦମ୍ପତି (ଶିଶୁକନ୍ୟାର ମା'ବାପା)ଙ୍କ ପରିବାର ବଞ୍ଚିତ ହୋଇଛନ୍ତି। ଭଙ୍ଗା ଦଦରା ଘରେ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି ଏହି ପରିବାର। ଫଳସ୍ୱରୂପ ଅଭାବରେ ପଡି ନିଜ ଝିଅକୁ ବିକ୍ରି କରିବାକୁ ପଛାଇ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତି ଆର୍ଥିକ ଅସଙ୍ଗତି ଦୂରକରିବା ସହ ଆଲୋଚନାକୁ ଅଗ୍ରଗାମୀ କରାଇବ। ପୂର୍ବାଲୋଚନା ଅନୁଯାୟୀ ଆଜିର ଯାତ୍ରା, କର୍ମାରମ୍ଭ, ପ୍ରଶାସନିକ ନିଷ୍ପତ୍ତିରେ ସଫଳତା ପାଇବେ। କାଳେ କିଛି ଦେବାକୁ ପଡ଼ିବ,ଏହି ଆଶଙ୍କାରେ ସମ୍ପର୍କୀୟ ଦୂରେଇ ରହିବେ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ।

**ବୃଷ**
କୃତ୍ତିକା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ବୟସ୍କଙ୍କ ଦୁଶ୍ଚିନ୍ତା ବୃଦ୍ଧିପାଇବ। କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ସାହାଯ୍ୟରୁ ଆଶ୍ୱସ୍ତି ଲଭିବେ। ଯାତ୍ରା, ବାଣିଜ୍ୟ, ପରିବହନ, ଆଇନ ଅଦାଲତ ଓ ଆନୁଷ୍ଠାନିକ କାମ ପାଇଁ ଅସୁବିଧା ହେବ ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ମନୋବଳ ଟାଣ ରହିବ ଓ ପଛକୁ ଫେରିବାର ଚିନ୍ତା କରି ନ ପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ଭୁଲ୍‌ବଶତଃ ସ୍ଥଗିତ କାମପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଏବଂ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସୁଯୋଗ ଆସିପାରେ। ଜମିଜମା କାରବାର କିମ୍ବା ପ୍ଲଟ କିଣିବା ଦିଗରେ ଆଲୋଚନା କରିପାରନ୍ତି।

**କର୍କଟ**
ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ କାମରେ ସାମିଲ ହୋଇ ନିଜ କାମକୁ ପଛକୁ ରଖିପାରନ୍ତି। କେତେକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ସାମାଜିକ କାମ, ସଭାସମିତି, ସାମ୍ବାଦିକତା, ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ସିଂହ**
ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ପାରିବାରିକ କ୍ଷେତ୍ରର ଅମିମାଂସୀତ ଘଟଣାବଳୀକୁ ନେଇ ଗୁରୁଜନଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିବେ। ମଘା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା**
କୌଣସି କାମ ଅଟକି ନ ରହିଲେ ମଧ୍ୟ ତାହାକୁ ସଜାଡିବା କ୍ଷେତ୍ରରେ ହଇରାଣ ହେବାକୁ ପଡିବ। ବନ୍ଧୁଙ୍କ କଥାକୁ ପୂର୍ଣ୍ଣ ବିଶ୍ୱାସ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ଓ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେବ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ଭଲ ରହିବାରୁ ଖୁସି ରହିବେ।

**ତୁଳା**
ପାରସ୍ପରିକ ବୁଝାମଣା ହେତୁ ପରିବାରରେ ଶାନ୍ତି ଫେରିବାର ସୂଚନା ରହିଛି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଋଣ ପରିଶୋଧ କରିପାରିବେ ନାହିଁ। ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବିଶାଖା ନକ୍ଷତ୍ର ଆଇନ ଅଦାଲତରେ ସମସ୍ୟାଜନିତ ଚିନ୍ତା ପ୍ରକଟ କରିପାରନ୍ତି।

**ବିଛା**
ପରିସ୍ଥିତିର ତାଡ଼ନାରେ ଇଚ୍ଛା ନ ଥାଇ ମଧ୍ୟ ବାରମ୍ବାର ମତ ବଦଳାଇବାକୁ ବାଧ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତାଦିରେ ସୁନାମ ଅର୍ଜନ କରିବେ। ଯାନବାହନ ଚାଳନାରେ ସତର୍କ ନ ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ**
ଅତୀତ ଘଟଣାକୁ କେନ୍ଦ୍ରକରି ସମାଲୋଚନା ମଧ୍ୟରେ ଅଶାନ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମକୁ ପୁନଃ ଆରମ୍ଭ କରିବା ପାଇଁ ଚିନ୍ତା କରିପାରନ୍ତି। ପ୍ରକାଶନ, ପ୍ରଶାସନ, ସଂଗଠନ, ରାଜନୀତି ଓ ସଭାସମିତିରେ ଶୁଭଫଳ ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**
ବିବାଦୀୟ ସ୍ଥିତି ମଧ୍ୟରେ ଗତିକରିବାକୁ ପଡୁଥିବାରୁ ଖୁସିରେ ରହପାରିବେ ନାହିଁ। ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ଶ୍ରବଣା ନକ୍ଷତ୍ର ସାମାଜିକ ସ୍ତରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳିଯିବ। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**କୁମ୍ଭ**
ନୂତନ କର୍ମାରମ୍ଭ ସକାଶେ ଯୋଜନା କରି ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପରିସ୍ଥିତିକୁ ଲାଘବ କରିବା ସକାଶେ ଋଣ ପରିଶୋଧର ପ୍ରତିଶ୍ରୁତି ଦେବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ସକାଶେ ଯେତେ ଉପାୟ କଲେ ମଧ୍ୟ ସୁବିଧାରେ କାମ ହାସଲ କଷ୍ଟକର ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ସମସ୍ୟା ଲାଗିରହିଥିଲେ ମଧ୍ୟ ଆଜିର କୌଣସି କାମ ପାଇଁ ହଇରାଣ ହେବେନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିସ୍ଥିତିକୁ ଦେଖିଚାହିଁ କାମ କରିବା ଭଲ। ପରିବାରରେ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ କଡ଼ାକଥା କହିଲେ ଚଳିବନାହିଁ। ରୋଗର ପୀଡ଼ା ବୃଦ୍ଧିରେ ଆତ୍ମୀୟଙ୍କ ସହାନୁଭୂତି ପାଇ ଏକପ୍ରକାର ମନକୁ ବୁଝାଇନେବେ।

ଆଜି ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ଶ୍ରାବଣ ଶୁକ୍ଳ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫.୨୪ ଗତେ ଘ.୦୭.୦୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୧ ଗତେ ଘ. ୦୮.୩୮ ମଧ୍ୟେ ରାହୁ କାଳ।

# ଚରିତ୍ର ନ ଥିଲେ ସବୁ ଅସାର

ନାରୀ ନିର୍ଯାତନା ଓ ସେମାନଙ୍କୁ ଯୌନ ଶୋଷଣ ଭଳି କୁତ୍ସିତ କାର୍ଯ୍ୟରେ ରାଜନେତାମାନେ ସମ୍ପୃକ୍ତ ହେବା ଏବଂ ଗିରଫ ହେବା ଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ସାଧାରଣତଃ ନେତା ସିଏ, ଯିଏ ଜନସାଧାରଣ, ସରକାରୀ କଳ ଏବଂ ସରକାରଙ୍କ ମଧ୍ୟରେ ସେତୁ ହୋଇ କାର୍ଯ୍ୟ କରେ। ଲୋକଙ୍କ ଦୁଃଖକଷ୍ଟ ଦୂର ପାଇଁ କାର୍ଯ୍ୟ କରେ, ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ସାମିଲ କରେ। ସେହି ବ୍ୟକ୍ତିଙ୍କ ପ୍ରତି ବହୁସଂଖ୍ୟକ ଲୋକଙ୍କ କେବଳ ଭରସା ନ ଥାଏ, ତାଙ୍କୁ ସେମାନେ ଆଦର୍ଶ ଭାବେ ଗ୍ରହଣ କରିଥାନ୍ତି। ତେଣୁ ନେତାଗିରି କୌଣସି ପେସା ନୁହେଁ, ସ୍ୱୟଂପ୍ରବୃତ୍ତ ସେବା। ଏଭଳିସ୍ଥଳେ ନେତାଙ୍କ ପାଖରେ ଯୌନ ନିର୍ଯାତନା ଭଳି ଚାରିତ୍ରିକ ସ୍ଖଳନ ଦେଖାଦେବା ବାଡ଼ ଫସଲ ଖାଇବା ସଦୃଶ। ଜଣେ ନେତାଙ୍କ ଚରିତ୍ରହାନି ହେଲେ ସେ ଲୋକଙ୍କର, ନିଜର ଏବଂ ତାଙ୍କ ସହ ଜଡ଼ିତ ଦଳର ବ୍ୟାପକ କ୍ଷତି ଘଟାଇଥାନ୍ତି। ତେଣୁ ଲୋକେ କୁହନ୍ତି, 'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର'। ବିଶେଷକରି ରାଜନୀତିକୁ ଆସୁଥିବା ଯୁବପିଢ଼ି ଏହାକୁ ହୃଦୟଙ୍ଗମ କରି ନିଜକୁ ମାର୍ଜିତ କରି ରଖିବାକୁ ମତ ପ୍ରକାଶ ପାଇଛି।

## ଲୋକଙ୍କ ଭରସା ତୁଟିବାରେ ଲାଗିଛି



ସାଧାରଣ ଜନତା ଏବଂ ବ୍ୟବସ୍ଥା ତଥା ସରକାରଙ୍କ ମଧ୍ୟରେ ଯେଉଁ ଶୂନ୍ୟସ୍ଥାନ ରୁହେ, ତାହା ରାଜନୈତିକ ପଦାଧିକାରୀ ତଥା ନେତାଙ୍କ ଦାରା ପୂରଣ ହୋଇଥାଏ। ଅତୀତରେ ଲୋକଙ୍କ ମଙ୍ଗଳ ସାଧନ ପାଇଁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ସର୍ବସ୍ୱ ତ୍ୟାଗ କରି ଇତିହାସ ରଚୁଥିଲେ। ହେଲେ ଏବେ ଯୁଗ ଅନୁସାରେ ତାର ବ୍ୟତିକ୍ରମ ଘଟିଛି। ବସ୍ତୁବାଦୀ ତଥା ବିଳାସବ୍ୟସନ ଜୀବନ ବଞ୍ଚିବା ସ୍ୱପ୍ନ ନେଇ ଲୋକେ ରାଜନୀତିକୁ ଆସୁଛନ୍ତି। ପରେ ଚରିତ୍ରହୀନ କାର୍ଯ୍ୟ କରି ସମାଜ, ସଂସ୍କାର ଓ ପରମ୍ପରାକୁ ଭ୍ରଷ୍ଟ କରିବା ଦ୍ୱାରା ଆଜି ଜନପ୍ରତିନିଧି ଓ ରାଜନୈତିକ ଦଳ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

- ବଳରାମ ପଣ୍ଡା, ସାମାଜିକ କର୍ମୀ, ରାୟଗଡ଼ା

## ସମାଜ ଉପରେ କୁପ୍ରଭାବ ପକାଉଛି



ସମ୍ପ୍ରତି ବହୁ ସ୍ଥାନରେ ଯୌନ ନିର୍ଯାତନା ଘଟଣାମାନ ଲୋକଲୋଚନକୁ ଆସିବାରେ ଲାଗିଛି। ଏଥିରେ ରାଜନୈତିକ ପଦାଧିକାରୀ ବ୍ୟକ୍ତି କିମ୍ବା ଜନପ୍ରତିନିଧିଙ୍କ ସମ୍ପୃକ୍ତି ଏବଂ ତାପରେ ଗିରଫ ଘଟଣା ସମ୍ପୃକ୍ତ ଦଳର ଭାବମୂର୍ତ୍ତିକୁ ନିଶ୍ଚିତ ଭାବେ କ୍ଷୁଣ୍ଣ କରୁଛି। ୩ ହଜାର ବର୍ଷ ପୂର୍ବେ ଚାଣକ୍ୟ ରାଜପଦଧାରୀ କାମପୋଧା (ଯୌନଲିପ୍‌ସା)ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ତେଣୁ ରାଜନୈତିକ ପଦାଧିକାରୀ ଏଭଳି ଘଟଣାରେ ସମ୍ପୃକ୍ତ ଥିଲେ, ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହେବା ସହ ସମାଜ ଉପରେ ଏହାର କୁପ୍ରଭାବ ପକାଇବ।

- ଡ. ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ, ନବରଙ୍ଗପୁର

## ମହିଳାଙ୍କୁ ଅସଦାଚରଣ ବ୍ଲେମ୍ ଗେମ୍ ନ ହେଉ



ବର୍ତ୍ତମାନ ରାଜନୀତିରେ ମହିଳାଙ୍କ ଯୋଗଦାନ ବଢ଼ୁଛି। ସେହି ପରିମାଣରେ ରାଜନେତାଙ୍କ ମହିଳାଙ୍କ ପ୍ରତି ଅସଦାଚରଣ ଘଟଣା ପ୍ରତ୍ୟହ ସମ୍ମୁଖକୁ ଆସୁଛି। ବହୁ ସମୟରେ ରାଜନୈତିକ ସୁବିଧା ଯୋଗାଇ ଦେବା ପ୍ରଲୋଭନରେ ବହୁ ଯୁବତୀ ଓ ମହିଳା ରାଜନେତାଙ୍କ ଅସଦାଚରଣର ଶିକାର ହେଉଛନ୍ତି। ଏହା ମହିଳା ସଶକ୍ତୀକରଣକୁ ବିରୋଧାଚରଣ କରୁଥିବାବେଳେ ଦଳର ଭାବମୂର୍ତ୍ତି ଉପରେ ଖରାପ ପ୍ରଭାବ ପକାଉଛି। ଭାରତୀୟ ସଂସ୍କୃତିରେ ମହିଳାଙ୍କୁ ସମ୍ମାନ ଦେବା ପ୍ରାଥମିକ କର୍ତ୍ତବ୍ୟ ଶ୍ରେଣୀରେ ଅଛି। ତେବେ ରାଜନୀତି ପାଇଁ ବହୁ ସମୟରେ ମହିଳାଙ୍କ ମାଧ୍ୟମରେ ଅସଦାଚରଣ ଅଭିଯୋଗ ଆଣି ପ୍ରତିପକ୍ଷକୁ ନିନ୍ଦିତ କରିବା ପ୍ରୟାସ ଜାରି ରହିଛି। ଏପରି ବ୍ଲେମ୍ ଗେମ୍ ଦ୍ୱାରା ରାଜନୈତିକ ଦଳଗୁଡିକ ବଦନାମ ହେଉଛନ୍ତି। ଅପରପକ୍ଷରେ ରାଜନୈତିକ ଦଳଗୁଡ଼ିକରେ ଆଇସିସି (ଇଣ୍ଟରନାଲ କମ୍ପ୍ଲାଂଟସ କମିଟି) ନ ଥିବାରୁ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

- ମନ୍ମଥ କୁମାର ରାଉତ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

## ଦଳର ମଧ ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି



ଯୌନ ନିର୍ଯାତନା ଏକ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ ଏଥିରେ ବିଭିନ୍ନ ରାଜନୈତିକ ଦଳର ପଦପଦବୀଧାରୀ ନେତାମାନେ ସଂଶ୍ଳିଷ୍ଟ ରହି ଜେଲ ଯାଉଛନ୍ତି। ଏହାଦ୍ୱାରା ନିଜର ମାନମର୍ଯ୍ୟାଦା ହାନି ହେବା ସହ ଦଳର ମର୍ଯ୍ୟାଦା ମଧ କ୍ଷୁଣ୍ଣ ହେଉଛି। ଜଣେ ରାଜନେତା ଅନ୍ୟକୁ ସାହାଯ୍ୟ, ଅନ୍ୟର ବିପଦରେ ଛିଡ଼ା ହେବା କଥା, ମାତ୍ର ସେମାନେ ଯୌନ ନିର୍ଯାତନାରେ ଅଭିଯୁକ୍ତ ହେଲେ ଲୋକଙ୍କ ଭରସା ତୁଟିଯିବ। ସମ୍ପୃକ୍ତ ନେତାଙ୍କର ଅଧୋଗତି ସହ ଦଳ ମଧ୍ୟ ତଳକୁ ଯିବ।

- ଭକ୍ତବନ୍ଧୁ ଧରୁଆ, ସାମାଜିକ କର୍ମୀ, ନୂଆପଡ଼ା

## ରାଜନୈତିକ ଦଳ ପାଇଁ ଶୁଭଙ୍କର ନୁହେଁ



ସବୁ ସରକାରରେ ନାରୀ ନିର୍ଯାତନା ଚାଲିଛି। ନେତାମାନେ ମଧ ଗିରଫ ହେବା ଘଟଣା କାହାକୁ ଅଛପା ନୁହେଁ। ବର୍ତ୍ତମାନ ନାରୀ ନିର୍ଯାତନା ନେଇ ଓଡ଼ିଶା ପଡୁଛି ଉଠୁଛି। ଲୋକଦେଖାଣିଆ ଭାବେ ରାଜନୈତିକ ଦଳଗୁଡ଼ିକ ବିରୋଧ କରୁଛନ୍ତି। ରାଜନୈତିକ ରୁଟି ସେକିବା ପାଇଁ ଏହା ଏକ ପ୍ରହସନ। ଏହା ସମ୍ପୃକ୍ତ ରାଜନୈତିକ ଦଳ ପାଇଁ ଶୁଭଙ୍କର ନୁହେଁ।

- ରାଜେନ୍ଦ୍ର କୁମାର ପଣ୍ଡା, ଶିକ୍ଷାବିତ୍, ବ୍ରହ୍ମପୁର

## ଲୋକଙ୍କ ଭରସା ତୁଟୁଛି



ଯେକୌଣସି ରାଜନୈତିକ ଦଳ ଜନସାଧାରଣଙ୍କ ବିକାଶ ପାଇଁ କାମ କରନ୍ତି। କିନ୍ତୁ ଦଳର କୌଣସି କର୍ମୀ ବା ନେତା ଯଦି ନାରୀ ନିର୍ଯାତନା ଘଟଣାରେ ସମ୍ପୃକ୍ତ ହେବେ, ତେବେ ଏହା ଦଳ ପାଇଁ ଶୁଭଙ୍କର ନୁହେଁ। ଆଗାମୀ ଦିନରେ ଦଳ ପ୍ରତି ଲୋକଙ୍କ ଭରସା ତୁଟିଯାଇପାରେ। ଆଗକୁ ଏସବୁ ନ ହେବା ଦରକାର।

- ସୁରେନ୍ଦ୍ର ବେହେରା, ଆଇନଜୀବୀ, ବ୍ରହ୍ମପୁର

## ତତ୍କାଳ ପଦକ୍ଷେପ ନିଆଯିବା ଆବଶ୍ୟକ



ରାଜନୈତିକ ବ୍ୟକ୍ତିମାନେ ନିଜ ପଦର ଫାଇଦା ନେଇ ଅନେକ ସମୟରେ ନିଜ ଦଳର ମହିଳା କର୍ମୀ ଏବଂ ସାଧାରଣ ମହିଳାଙ୍କ ଉପରେ ପ୍ରଭାବ ବିସ୍ତାର କରିଥାନ୍ତି। ଏପରିକି ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥାଏ। ଏଥିରେ ସମ୍ପୃକ୍ତ ଦଳର ଭାବମୂର୍ତ୍ତି ନଷ୍ଟ ହେବା ସ୍ୱାଭାବିକ। ଅନେକ ସମୟରେ ନାରୀ ନିର୍ଯାତନାକୁ ନେଇ ସରକାର ପରିବର୍ତ୍ତନ ହୋଇଥିବା ନଜିର ରହିଛି। ତେବେ ଯେତେବେଳେ ବି କୌଣସି ସ୍ଥାନରେ ମହିଳା ନିର୍ଯାତନା ନେଇ ଅଭିଯୋଗ ଆସୁଛି, ତତ୍କାଳ ଏହା ଉପରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି।

- ପୁଷ୍ପାରାଣୀ ମହାପାତ୍ର, ସାମାଜିକ କର୍ମୀ, ସମ୍ବଲପୁର

## ଲୋକଙ୍କ ନିକଟକୁ ଖରାପ ବାର୍ତ୍ତା ଯାଇଥାଏ



ମହିଳାମାନେ ପୁରୁଷଙ୍କ ସହିତ ତାଳ ଦେଇ ପ୍ରତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଚାଲିଛନ୍ତି। ମାତ୍ର ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ତେବେ ମହିଳାଙ୍କୁ ଯୌନ ନିର୍ଯାତନା ଭଳି କୁତ୍ସିତ କାର୍ଯ୍ୟ ଯେତେବେଳେ ରାଜନୈତିକ ଭୂଖଣ୍ଡରେ ଦେଖିବାକୁ ମିଳୁଛି, ତାହାର ପ୍ରଭାବ ଆହୁରି ସୁଦୂରପ୍ରସାରୀ ହେଉଛି। ବିଶେଷକରି ରାଜନୈତିକ ପଦାଧିକାରୀ ଅଥବା ନିର୍ବାଚିତ ଜନପ୍ରତିନିଧି ଯୌନ ନିର୍ଯାତନା ଭଳି ସଙ୍ଗିନ ଅଭିଯୋଗରେ ଛନ୍ଦି ହେଲେ ତାହା ବ୍ୟକ୍ତିଗତ ମାମଲା ନ ହୋଇ ଦଳର ଭାବମୂର୍ତ୍ତିକୁ ମଧ କ୍ଷୁଣ୍ଣ କରୁଛି, ଯଦିଓ ସେଥିପାଇଁ ସଂପୃକ୍ତ ଦଳ ଦାୟୀ ବୋଲି କହିବା ଠିକ୍ ନୁହେଁ। ବିଶେଷକରି ଏଭଳି ଘଟଣା ଘଟିଲେ, ଲୋକଙ୍କ ନିକଟକୁ ଖରାପ ବାର୍ତ୍ତା ଯାଇଥାଏ। କାରଣ ଆମ ଲୋକେ ରାଜନେତାଙ୍କୁ ସର୍ବଦା ଏକ ଆଦର୍ଶ ଚରିତ୍ର ଭାବେ ଦେଖିବାକୁ ଚାହିଁଥାନ୍ତି।

- ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍, ବରଗଡ଼

## ବାଡ଼ ଫସଲ ଖାଇବା ପରି ଅବସ୍ଥା



ରାଜନୈତିକ ନେତାମାନେ ସାଧାରଣ ଜୀବନରେ ଲୋକମାନଙ୍କ ସେବା କରିବାର ଆଭିମୁଖ୍ୟ ନେଇ ଦଳୀୟ ସଙ୍ଗଠନରେ ସାମିଲ ହୋଇଥାଆନ୍ତି। ହେଲେ ଆଜିକାଲି କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସେହି ଆଭିମୁଖ୍ୟ ନାହିଁ। ବିଭିନ୍ନ ସମୟରେ ସେପରି ନେତାଙ୍କ ନାମରେ ବଳାତ୍କାର, ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ ଆସୁଛି। ଏପରି ଅଭିଯୋଗ ଆସିବା ପରେ ସାଧାରଣ ନାଗରିକଙ୍କ ଆଶା ଓ ବିଶ୍ୱାସ ସେହି ନେତା ଓ ଦଳ ଉପରୁ ତୁଟି ଯାଉଛି। ଏବେ ବାଡ଼ ଫସଲ ଖାଇବା ପରି ଅବସ୍ଥା। ସମ୍ପ୍ରତି ରାଜନୀତିରେ ଭଲ ମଣିଷଙ୍କ ଅଭାବ ଦେଖାଦେଇଛି। ସରକାରୀ ଓ ବେସରକାରୀ ସମ୍ପତ୍ତି ଆତ୍ମସାତ୍, ଦାଦାବଟି ଆଦାୟ, କାମ ବଦଳରେ କମିଶନ ଆଦାୟ ସହିତ ବିଭିନ୍ନ ଧମକ ଦେଇ ସେମାନେ ଯୁବତୀ, ମହିଳାମାନଙ୍କୁ ଯୌନଶୋଷଣ କରିବାକୁ ପଛାଉ ନାହାନ୍ତି।

- ଋଷି ପ୍ରଧାନ, ଚାଷୀ, ନୟାଗଡ଼

## ରାଜନୈତିକ ଦଳର ଛବିକୁ ମଳିନ କରିବ



ଓଡ଼ିଶାରେ ସାମ୍ପ୍ରତିକ ସ୍ଥିତିରେ ନାରୀ ନିର୍ଯାତନା ବୃଦ୍ଧି ହେଉଛି। ବିଶେଷକରି ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ଏହା ଚର୍ଚ୍ଚାକୁ ଆସିଛି। ସାଧାରଣ ଜନତା ଜନପ୍ରତିନିଧି ଭାବେ ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ସମାଜ କଲ୍ୟାଣକାରୀ କାର୍ଯ୍ୟ ଆଶା କରିଥାନ୍ତି। ନାରୀ ନିର୍ଯାତନା କ୍ଷେତ୍ରରେ ଏମାନଙ୍କ ସମ୍ପୃକ୍ତି ରହିଲେ ରାଜନୈତିକ ଦଳର ଛବିକୁ ମଳିନ କରିବ। ଏସବୁ କର୍ମ ବାରମ୍ବାର ଘଟି ଚାଲିଲେ ଜନସାଧାରଣ ସେହି ଦଳକୁ ପ୍ରତ୍ୟାଖ୍ୟାନ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ଏହାକୁ ଆଜିର ରାଜନୈତିକ ବ୍ୟକ୍ତି ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ।

- ବିଜୟ କୁମାର ସେନାପତି, ସହାୟକ ମହାପ୍ରବନ୍ଧକ, ଆର୍‌ଏସ୍‌ପି, ରାଉରକେଲା

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



ବଳାତ୍କାର, ମହିଳାଙ୍କ ପ୍ରତି ଅତ୍ୟାଚାର ଏକ ସଙ୍ଗିନ ଅପରାଧ। ଏଥିପାଇଁ ଆଇନରେ କଡ଼ାକଡ଼ି ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଏହାର ସଂଖ୍ୟା ବଢ଼ୁଛି। ଏଭଳି ଘଟଣାରେ ଶିକ୍ଷିତ, ଆଇନ ବିଷୟରେ ଜାଣିଥିବା ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦିନକୁ ଦିନ ବଢୁଛି, ଯାହାକି ଅତ୍ୟନ୍ତ ଜଘନ୍ୟ ଓ ସାଂଘାତିକ ବିଷୟ। ଏଣୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦଳ ପକ୍ଷରୁ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏପରିକି ରାଜନୈତିକ ଦଳ ସେମାନଙ୍କ ପାଇଁ ବଦନାମ ହେଉଛି। ତେଣୁ ଦଳ ସଚେତନ ହେବା ସହ ସେଥିପ୍ରତି କର୍ମଶାଳା କରିବା ଜରୁରୀ।

- ଭକ୍ତବତ୍ସଳ ମହାନ୍ତି, ସାମାଜିକ କର୍ମୀ, କେନ୍ଦୁଝର

## ନେତାଙ୍କ ଆଚାର, ବିଚାରରେ ଶୁଦ୍ଧତା ଜରୁରୀ



ରାଜନୈତିକ ବ୍ୟକ୍ତି ଅଥବା ଜନପ୍ରତିନିଧିମାନେ ସିଧାସଳଖ ଜନତାଙ୍କ ସହ ଜଡ଼ିତ ରହିଥାନ୍ତି। ସେମାନଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଥାଏ। ଏଣୁ ସେମାନଙ୍କ ଆଚାର ଓ ବିଚାରରେ ଶୁଦ୍ଧତା, ବ୍ୟବହାରରେ ସ୍ୱଚ୍ଛତା ରହିବା ଜରୁରୀ। ଆଜି ଯେଉଁଭଳି ଭାବେ ରାଜନୈତିକ ବ୍ୟକ୍ତି ଓ ଜନପ୍ରତିନିଧିଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସୁଛି, ତାହା ଏକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏଭଳି ଘଟଣା ଦ୍ୱାରା ଧୀରେ ଧୀରେ ସେମାନଙ୍କ ଉପରୁ ଜନତାଙ୍କ ବିଶ୍ୱାସ ତୁଟିଯାଉଛି। ଏହି କାରଣରୁ ସାଧାରଣ ଜନତା କୌଣସି କାମରେ ଆଗଭଳି ଆଉ ରାଜନୈତିକ ଦଳ ଅଥବା ଜନପ୍ରତିନିଧିଙ୍କ ନିକଟକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିପ୍ରତି ଦଳୀୟ ବ୍ୟକ୍ତିବିଶେଷ ଗୁରୁତ୍ୱ ଦେବା ଜରୁରୀ।

- ପ୍ରବୀଣା ପଟ୍ଟନାୟକ, ସାମାଜିକ କର୍ମୀ, ଖୋର୍ଦ୍ଧା

## ନେତାଙ୍କ କର୍ମଫଳ ଦଳକୁ ପ୍ରଭାବିତ କରିଥାଏ



ନେତା, ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କ ଚାରିତ୍ରିକ ଅବକ୍ଷୟ ଆଜି ସମାଜ ପାଇଁ ଚନ୍ଦ୍ରଗ୍ରହଣ ଅବା ସୂର୍ଯ୍ୟୋପରାଗ ପରିସ୍ଥିତି ସୃଷ୍ଟି କରିଛି। ଜଣେ ନେତାଙ୍କ ଚାରିତ୍ରିକ ସ୍ଖଳନ ତାଙ୍କ ଦଳର ଭାବମୂର୍ତ୍ତିକୁ ବ୍ୟାପକ କ୍ଷତି ପହଞ୍ଚାଉଛି, ଯାହାକି ପରବର୍ତ୍ତୀ ନିର୍ବାଚନରେ ଦଳକୁ ପ୍ରଭାବିତ କରିବା ଆଶଙ୍କା ରହିଥାଏ। ନେତାଙ୍କ କର୍ମଫଳ ଓ ଚରିତ୍ରକୁ ନେଇ ସେହି ରାଜନୈତିକ ଦଳର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ। ତେଣୁ ଲୋକଙ୍କ ସମସ୍ୟା ତଥା ଅଞ୍ଚଳର ବିକାଶ ପାଇଁ ରାଜନେତାମାନେ ବ୍ରତୀ ହେବା ଆବଶ୍ୟକ।

- ଭାଗୀରଥି ଆଚାର୍ଯ୍ୟ, ସାମାଜିକ କର୍ମୀ, ଯାଜପୁର ରୋଡ୍ ଗୋଶାଳା

## ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି



ଯୌନ ନିର୍ଯାତନା ଘଟଣା ସହ କୌଣସି ରାଜନୈତିକ ପଦାଧିକାରୀ ବା ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା କ୍ଷଣି ସେହି ନେତାଙ୍କ ଚରିତ୍ରଗତ ସ୍ଖଳନ ସମ୍ପର୍କରେ ଲୋକେ ଆଲୋଚନା କରୁଛନ୍ତି। ସେଭଳି ନେତାଙ୍କ ରାଜନୈତିକ ଭବିଷ୍ୟତ ମଧ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ସେହି ବ୍ୟକ୍ତି ଯେଉଁ ଦଳରେ ରହିଛନ୍ତି ସେହି ରାଜନୈତିକ ଦଳର ଭାବମୂର୍ତ୍ତି ମଧ ବହୁ ମାତ୍ରାରେ କ୍ଷୁଣ୍ଣ ହେଉଛି। ଲୋକେ ସେହି ନେତା , ଦଳ ଓ ପୋଲିସକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏଭଳି ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହା ସମାଜ ଉପରେ ବି କୁପ୍ରଭାବ ପକାଉଛି।

- ନୀଳମଣି ଯୋଷୀ, ସୂଚନା ଅଧିକାର କର୍ମୀ, ବଲାଙ୍ଗୀର

# ମନ୍ କୀ ବାତ୍‌ରେ ପ୍ରମିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା




'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦୁଝରର ପ୍ରମିଳା ପ୍ରଧାନଙ୍କ ପରିବେଶ ସଚେତନତା ଉପରେ ଆଲୋକପାତ କରିବା ଅବସରରେ ଦେଖାଯାଇଥିବା ପୋଷ୍ଟର।

## ପାଲା ମାଧ୍ୟମରେ ଜଙ୍ଗଲ ନିଆଁ ନିରୋଧୀ ସଚେତନତା କରୁଛନ୍ତି


କେନ୍ଦୁଝର,୨୭।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ମୁର୍ଗାବାଡ଼ି ଗ୍ରାମର ପ୍ରମିଳା ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ପ୍ରମିଳାଙ୍କ ଜଙ୍ଗଲ ନିଆଁ ବିରୋଧରେ ସଚେତନତା ଉଦ୍ୟମକୁ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିପରି ସେ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ଗଠନ କରି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଘେରି ରହିଥିବା ଗ୍ରାମର ଲୋକଙ୍କ ମଧ୍ୟରେ ଅଗ୍ନିରୁ ଜଙ୍ଗଲର ସୁରକ୍ଷା ବାର୍ତ୍ତା ପହଞ୍ଚାଉଛନ୍ତି କହିଥିଲେ।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମାସିକ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ଏପିସୋଡ୍‌ରେ ତାଙ୍କ ଅଭିଭାଷଣ ସମୟରେ ଜଙ୍ଗଲ ସଂରକ୍ଷଣ ପାଇଁ ଉକ୍ତ ଗୋଷ୍ଠୀର ଅନନ୍ୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଗୋଷ୍ଠୀର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଲୋକଗୀତ, ପରମ୍ପରା, ଭଜନ ଏବଂ କୀର୍ତ୍ତନ ହେଉଛି ଭାରତର ବିବିଧତାର ସୁନ୍ଦର ଝଲକ। ଓଡ଼ିଶାର କେନ୍ଦୁଝର ଜିଲାରେ ପ୍ରମିଳା ପ୍ରଧାନ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ନାମକ ଗୋଷ୍ଠୀ ଗଠନ କରି ଅଞ୍ଚଳରେ ଜଙ୍ଗଲ ନିଆଁ ବିରୋଧରେ ସଚେତନତା କରୁଛନ୍ତି। ଏଭଳି ଉଦ୍ୟମରେ ପରିବେଶ ସୁରକ୍ଷା ପାଇଁ ଗୋଷ୍ଠୀ କିପରି ମନ୍ତ୍ର ଜପ କରୁଛି ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଜଙ୍ଗଲ ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ସେ ପାରମ୍ପରିକ ଗୀତରେ ନୂତନ ଗୀତ ଯୋଡ଼ି ଲୋକଙ୍କୁ ଜଙ୍ଗଲ ନିଆଁ କେତେ କ୍ଷତି କରେ ତାହା ବୁଝାଇଛନ୍ତି। ଏହି ପାରମ୍ପରିକ ପଦକ୍ଷେପ ମନେପକାଇ ଦେଇଛି, ଆମର ଲୋକ ପରମ୍ପରାରେ ଏବେ ବି ସମାଜର ଉନ୍ନତି ପାଇଁ ଶକ୍ତି ଅଛି ବୋଲି କହିଥିଲେ।

ଏ ନେଇ ପ୍ରମିଳା କହିଛନ୍ତି, 'ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଜାତିକୁ ସମ୍ବୋଧିତ କରିବା ସମୟରେ ତାଙ୍କ ନାମ ଉଚ୍ଚାରଣ ବହୁତ ଖୁସି ଦେବା ସହ ଆଶ୍ଚର୍ଯ୍ୟ ମଧ କରିଥିଲା। ୧୦ ଜଣ ମହିଳା ସଦସ୍ୟଙ୍କ ସମେତ ପ୍ରାୟ ୧୭ ଜଣ ସଦସ୍ୟଙ୍କୁ ନେଇ ଗୋଷ୍ଠୀ ଗଠନ କରିଥିଲେ। ଏହା ମାଧ୍ୟମରେ ବିଲୁପ୍ତ ହୋଇଯାଇଥିବା ପାରମ୍ପରିକ ସଂକୀର୍ତ୍ତନ ସଂସ୍କୃତିକୁ ପୁନର୍ଜୀବିତ କରିଛନ୍ତି। ଦୁଇ ବର୍ଷ ହେଲା ବନ ବିଭାଗ ସହାୟତାରେ ଜଙ୍ଗଲ ନିଆଁ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାକୁ ଆଗକୁ ବଢ଼ାଇନେବାକୁ ମୃଦଙ୍ଗ, ଝାଞ୍ଜ ଆଦି ବଜାଇ ଗାଁ ଗାଁ ବୁଲି 'ଶୁଣରେ ଶୁଣରେ ଭାଇ ଭଉଣୀ, ଜଙ୍ଗଲରେ ନିଆଁ ଲଗାଅ ନାହିଁ। ବନ ସୁରକ୍ଷା ସମିତି ଗଢ଼ି, ଉଜୁଡ଼ା ଜଙ୍ଗଲ ଦେବା ସଜାଡ଼ି' ଗୀତ ଗାଇ ସଚେତନତା ଜାରି ରଖିଛନ୍ତି।

ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଗତ ବର୍ଷ ୧୦ଟି ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହି ପ୍ରକାର ସଚେତନତା ଯୋଗୁ ଘଟଗାଁ ରେଞ୍ଜରେ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣା ହ୍ରାସ ପାଇଛି। ୨୦୨୩ରେ ୨୮୮ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୨୦୨୪ରେ ୮୦ ଏବଂ ୨୦୨୫ରେ ୨୬ଟି ସ୍ଥାନକୁ ହ୍ରାସ ପାଇଛି। ସେହିପରି କେନ୍ଦୁଝର ଡିଭିଜନରେ ୨୦୨୩ରେ ୧୭୭୨ଟି ଅଗ୍ନି ନିର୍ବାପନ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ୨୦୨୫ରେ ତାହା ୭୨୭ ସ୍ଥାନକୁ ହ୍ରାସ ପାଇଛି। ପ୍ରମିଳା ପ୍ରଧାନଙ୍କ ଅବଦାନ ଅଗ୍ନି ସଚେତନତାଠାରୁ ଅଧିକ। ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ଶିକାର ବିରୋଧୀ, ବନୀକରଣ ବାର୍ତ୍ତା, ହାତୀ ସଂରକ୍ଷଣ ସଚେତନତା, ବଢ଼ୁଥିବା ମଣିଷ-ପଶୁ ସଂଘର୍ଷକୁ ସମ୍ବୋଧିତ କରିବା ସମେତ ଅନେକ କାର୍ଯ୍ୟକ୍ରମରେ ଆଗରେ ରହିଥିବା ଡିଏଫ୍‌ଓ କହିଛନ୍ତି।



ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ। **-ଶ୍ରୀମା**



# କାମ୍ବୋଡିଆ-ଥାଇଲାଣ୍ଡ

କିଛି ବର୍ଷ ହେବ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଓ ସଂଘର୍ଷ ଲାଗି ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାଲିଥିବା ବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ ଓ ପରେ ଇସ୍ରାଏଲ-ଇରାନ ଯୁଦ୍ଧ ନୂଆ ସମୀକରଣ ସୃଷ୍ଟି କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ମେ' ୨୦୨୫ରେ ୪ ଦିନିଆ ଯୁଦ୍ଧ ଆମେ ଅନିଶା କରିଛେ। ନଗଦ ଘଟଣାକୁ ଦେଖିଲେ ସାମ୍ନାକୁ ଆସିଛି କାମ୍ବୋଡିଆ-ଥାଇଲାଣ୍ଡ ଯୁଦ୍ଧ। ଦକ୍ଷିଣ ପୂର୍ବ ଏସିଆ ଦେଶ କାମ୍ବୋଡିଆ। ଏହା ପ୍ରାଚୀନ ମନ୍ଦିର ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ଏହାର ଉତ୍ତର ପଶ୍ଚିମାଞ୍ଚଳରେ ପଡ଼ୋଶୀ ଥାଇଲାଣ୍ଡ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଏହା ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଚିତ। ଦୁଇ ଦେଶ ମଧ୍ୟରେ ସୀମାକୁ ନେଇ ଶତାବ୍ଦୀ ବ୍ୟାପୀ ବିବାଦ ରହିଆସିଛି। ୮୦୦ କିଲୋମିଟର ଦୀର୍ଘ ସୀମା ଘଞ୍ଚ ଜଙ୍ଗଲ ଯୋଗୁ ଦୁର୍ବଳ ଭାବେ ଚିହ୍ନଟ ହୋଇଥିବାରୁ ଦୁଇ ଦେଶ ପରସ୍ପର ଆଡ଼କୁ ମାଡ଼ି ଆସୁଛନ୍ତି। ବିଶେଷକରି ଖେମର ସାମ୍ରାଜ୍ୟ ବେଳେ ଦୁଇ ଦେଶର ସୀମାନ୍ତ ଅଞ୍ଚଳରେ ନିର୍ମିତ ପ୍ରେହ ଭିହିୟାର ମନ୍ଦିର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ସଂଘର୍ଷ ଏବେ ଜୋର ଧରିଛି। ୧୯୬୨ରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଏହା ଉପରେ କାମ୍ବୋଡିଆର ମାଲିକାନା ଥିବା ନେଇ ରାୟ ଦେଇଥିଲେ। କିନ୍ତୁ ଥାଇଲାଣ୍ଡ ଉକ୍ତ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ନିଜର କହି ଐତିହାସିକ ମାନଚିତ୍ର ଓ କାଗଜପତ୍ରର ପ୍ରମାଣ ଦର୍ଶାଇ ଚାଲିଛି, ଯଦ୍ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳ ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି। ଥାଇଲାଣ୍ଡ ରାଷ୍ଟ୍ରଦୂତ ଚେର୍ଡଚାଇ ଚାଇଭାଇଭିଡ୍ କହିଛନ୍ତି, କାମ୍ବୋଡିଆ ତାଙ୍କ ଅଞ୍ଚଳକୁ ମାଡ଼ି ଆସିବାରୁ ଏଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ କାମ୍ବୋଡିଆ ମଧ୍ୟ ଥାଇଲାଣ୍ଡ ବିରୋଧରେ ସମାନ ଅଭିଯୋଗ ଆଣିଛି। ଏଭଳି ସ୍ଥଳେ ଜାତିସଂଘ ଦୁଇ ରାଷ୍ଟ୍ରକୁ ସଂଯମ ରକ୍ଷା କରି ଆଲୋଚନାକୁ ଆସିବା ଲାଗି ପରାମର୍ଶ ଦେଇଛି।

> **ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି।**

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଚିରାଚରିତ ଶୈଳୀରେ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଆଗେଇ ଆସିଛନ୍ତି। ଉଭୟ ଦେଶ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସେମାନେ ଯୁଦ୍ଧ ବନ୍ଦ ନ କଲେ ଆମେରିକା ସେମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏ ନେଇ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମନେଟ ଏବଂ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ତାମ ୱେଚେୟାଚାଇଙ୍କ ସହ ସେ କଥା ହେବେ ବୋଲି ୨୬ ଜୁଲାଇରେ କହିଥିଲେ। ଏହା କହିବା ପରେ କାକତାଳୀୟ ନ୍ୟାୟରେ ଦୁଇ ଦେଶ ଆଲୋଚନା ଟେବୁଲରେ ବସିବା ପାଇଁ ସଙ୍କେତ ଦେଇଥିବା ଖବର ମିଳିଛି। ଏହା ନିଶ୍ଚିତ ଭାବେ ପଡ଼ୋଶୀ ଦେଶର ସୈନ୍ୟ ଓ ନାଗରିକଙ୍କ ପାଇଁ ଏକ ସକାରାତ୍ମକ ଖବର। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଥିଲା। ପରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ 'ଅପରେଶନ ସିନ୍ଦୂର' କରାଯାଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ଲାଗିଥିଲା। ଟ୍ରମ୍ପ୍‌ଙ୍କ ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ହୋଇଥିବା ନେଇ କୁହାଯାଇଥିଲା। ଅନୁରୂପ ଘଟଣା କାମ୍ବୋଡିଆ-ଥାଇଲାଣ୍ଡ ମଧ୍ୟରେ ଦେଖାଦେବା ପରେ ଟ୍ରମ୍ପ୍‌ଙ୍କ ଶାନ୍ତି ବୁଝାମଣା ପାଇଁ ସବୁଥିରେ ହସ୍ତକ୍ଷେପ ଆଲୋଚନାର ବିଷୟ ହୋଇଛି। ହୁଏତ ଟ୍ରମ୍ପ୍ ଏସବୁଥିରେ ଆମେରିକାକୁ ସୁହାଉଥିବା ବାଣିଜ୍ୟ ଚୁକ୍ତିକୁ ଆଖି ଆଗରେ ରଖୁଛନ୍ତି। ଅନ୍ୟପକ୍ଷେ ନୋବେଲ ଶାନ୍ତିକୁ ଅନିଶା କରି ସେ ସବୁ ଦ୍ୱନ୍ଦ୍ୱ ଭିତରେ ନିଜକୁ ସାମିଲ କରି ଶାନ୍ତି ବାର୍ତ୍ତାର ଜ୍ଞାନ ବାଣ୍ଟୁଛନ୍ତି। ହୁଏତ କାମ୍ବୋଡିଆ ଓ ଥାଇଲାଣ୍ଡ ଏହି ମୁହୂର୍ତ୍ତରେ ସଂଘର୍ଷ ବଢ଼ାଇବାକୁ ଚାହୁଁ ନ ଥାଇ ପାରନ୍ତି। ତେବେ ଏହି ସମୟରେ ଟ୍ରମ୍ପ୍‌ଙ୍କ ହସ୍ତକ୍ଷେପ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ବାଟ ଫିଟାଇ ଥାଇପାରେ ବୋଲି କୁହାଯାଇପାରେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 7 | | | | | 6 | |
| | | | | | 1 | 3 | | 4 |
| 1 | 8 | | | | | | | 9 |
| | | 9 | 2 | | | | | |
| | 3 | | 8 | | 5 | | | |
| 4 | | 1 | | | 3 | | | |
| | | | | | | | 1 | |
| 7 | | | | | | | 8 | 5 |
| 2 | | | 6 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 3 | 9 | 8 | 4 | 2 | 7 | 6 |
| 4 | 9 | 6 | 7 | 3 | 2 | 5 | 8 | 1 |
| 2 | 7 | 8 | 5 | 1 | 6 | 9 | 3 | 4 |
| 3 | 4 | 1 | 2 | 6 | 8 | 7 | 5 | 9 |
| 9 | 8 | 2 | 1 | 7 | 5 | 4 | 6 | 3 |
| 5 | 6 | 7 | 4 | 9 | 3 | 1 | 2 | 8 |
| 8 | 1 | 9 | 6 | 5 | 7 | 3 | 4 | 2 |
| 7 | 3 | 4 | 8 | 2 | 9 | 6 | 1 | 5 |
| 6 | 2 | 5 | 3 | 4 | 1 | 8 | 9 | 7 |

ଗତକାଲିର ଉତ୍ତର

# ଜାତିଭିତ୍ତିକ ଜନଗଣନା: ଆଶା ଓ ସଂଶୟ



ଅଧ୍ୟାପକ ଗୋପବନ୍ଧୁ

ଶେଷରେ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଅପ୍ରତ୍ୟାଶିତ ଘୋଷଣା। କାରଣ ପୂର୍ବରୁ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ସପକ୍ଷରେ ନାହାନ୍ତି ବୋଲି ଘୋଷଣା କରିଥିଲେ ଓ ସାଧାରଣ ଜନତା ଭାବି ନେଇଥିଲେ ଯେ ଏ ସରକାର ସମୟରେ ଆଉ ଜାତିଭିତ୍ତିକ ଜନଗଣନା ହେବାର ସମ୍ଭାବନା ନାହିଁ। ଏପରି ପରିସ୍ଥିତିରେ ହଠାତ ଜାତିଭିତ୍ତିକ ଜନଗଣନା କରିବାର ଘୋଷଣା ଅନେକଙ୍କୁ ଚକିତ କରିଛି। ଏହା ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦଳେ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକେ ଏହାକୁ ସମର୍ଥନ କରୁନାହାନ୍ତି। ଯେଉଁମାନେ ଦିନେ ଜାତିଭିତ୍ତିକ ଜନଗଣନା ବିରୋଧରେ କହୁଥିଲେ ସେମାନେ ଏବେ ଚୁପ। ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବିକରି ଆସୁଥିଲା। ଏବେ ଏ ଘୋଷଣାକୁ ବିରୋଧୀ ମେଣ୍ଟ ମଧ୍ୟ ସ୍ୱାଗତ କରିଛି। ତେଣୁ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ସମର୍ଥନ ମଜଭୁତ ଥିବା ବେଳେ ବିରୋଧୀ ସ୍ୱର କ୍ଷୀଣ।

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ। ଏହାଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ଠିକ୍ ତଥ୍ୟ ମିଳିପାରିବ। ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚିତ କରିବ। ଫଳରେ ବିକାଶର ଦୌଡ଼ରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡ଼ିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ। ଏପରି କ୍ଷେତ୍ରରେ ତୁଳନାତ୍ମକଭାବେ ପଛରେ ପଡ଼ିଥିବା ଜାତିଗୁଡ଼ିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ। ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ। ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି। ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ। ଓଡ଼ିଶାରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ। ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଏବଂ ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ। କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧି ପାଇଁ ପଦକ୍ଷେପ ନିଆଯାଇପାରିବ।

ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି। ଅର୍ଥାତ ତାଙ୍କ ସାମଗ୍ରିକ ସଂଖ୍ୟା କେତେ ପ୍ରତି ଜନଗଣନାରେ ତାହାର ହିସାବ ମିଳୁଛି। କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରି, ତାହାର ପରିସଂଖ୍ୟାନ ନାହିଁ। ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ। ବଡକଥା ହେଉଛି ଏସ୍‌ଟି ଓ ଏସ୍‌ସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କ'ଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖକୁ ଆସିବ। ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିଗୁଡ଼ିକ ମଧ୍ୟରେ ବିକାଶର ତାରତମ୍ୟ ରହିଛି। କିଛି ଜାତି ତୁଳନାତ୍ମକ ଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଆଉ କେତେକ ଜାତି ପୂର୍ବବତ ତଳେ ପଡ଼ିଛନ୍ତି। ତେଣୁ ତଳେ ପଡିଥିବା ଜାତିମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ। ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ।




ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି। କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ। ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ। ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ। ସାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କ'ଣ, ଚାକିରି ଓ ପ୍ରଶାସନରେ ଭାଗୀଦାରି କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ। ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶରାଜ ସମୟରେ ୧୯୩୧ ମସିହାରେ। ଏହାପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ। ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇଥିଲେ। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେସ୍‌ରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାନ୍ତି। ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି। ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ବାଦ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରି କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ। ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି। ଏମାନଙ୍କ ମତରେ ଏକ ବିଷମ ସମାଜ କଦାପି କ୍ଷୀପ୍ର ବେଗରେ ଆଗେଇ ପାରିବ ନାହିଁ। ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିବ ନାହିଁ। ସମାନତା, ସ୍ୱତନ୍ତ୍ରତା, ଭ୍ରାତୃବିବାଦ ଓ ନ୍ୟାୟ ହୋଇଛି ଗଣତନ୍ତ୍ରର ଆଭୂଷଣ। ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ। ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜାତି ଜାତି ମଧ୍ୟରେ ବିକାଶ ଦୃଷ୍ଟିରୁ ସମତୁଲ୍ୟତା ସ୍ଥାପନ କାରିବାକୁ ହେବ। ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପରର ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ। ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖିଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ। ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇପାରିବ। ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢ଼ାଇବ ଓ ଜାତିବାଦୀ ରାଜନୀତିକୁ ପ୍ରସାରିତ କରିବ। ବେଳେବେଳେ ବିଭିନ୍ନ ସାମ୍ପ୍ରଦାୟିକ ଗୋଷ୍ଠୀ, ଓବିସି, ଏସଟିଓ ଏସ୍‌ସିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ। ସଂଖ୍ୟାବହୁଳ ଗୋଷ୍ଠୀ ସଂଖ୍ୟାନ୍ୟୂନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି। ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷର ବାତାବରଣ ତିଆରି ହେବ। ଜାତି ନାମରେ ଦକ୍ଷତାକୁ ଅଣଦେଖା କରାଯିବ। ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ। ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ। ବାସ୍ତବରେ ଏପରି ସଂଶୟ ଅମୂଳକ। ଭାରତ ଭାଇଚାରାର ଦେଶ। ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଇଲେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ। ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ। ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗୀଦାରି କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା। ଏପରି ମହତ ପଦକ୍ଷେପକୁ ରାଜନୀତିର ଊର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ।

**ବାରିପଦା, ମୟୂରଭଞ୍ଜ,**
**ମୋ:୭୦୦୮୯୭୬୧୮୦**

# ହେପାଟାଇଟିସ୍ ଓ ଯକୃତ କର୍କଟ



ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛି। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ୍ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ସଂକ୍ରାମକ ରୋଗ। ହେପାଟାଇଟିସ୍‌କୁ ୫ଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ ତେବେ ଏହା ଲିଭର ସିରୋସିସ୍, ଲିଭର କ୍ୟାନ୍ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍‌ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍‌ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

ଲିଭର କ୍ୟାନ୍ସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ବ୍ୟାଧିର ନିରାକରଣ ହୋଇପାରେ। ପ୍ରତିବର୍ଷ ପୃଥିବୀରେ ୬ଲକ୍ଷ ବ୍ୟକ୍ତି ଲିଭର କ୍ୟାନ୍ସରରେ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନ୍ସରର ସ୍ଥାନ ଷଷ୍ଠରେ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶି।



ପୁରୁଷଙ୍କ ଭିତରେ ଏହା ପଞ୍ଚମ ଓ ମହିଳାଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନ୍ସର ଓ ପେଟ କ୍ୟାନ୍ସର ପରେ ଲିଭର କ୍ୟାନ୍ସରରୁ ହିଁ ବେଶି ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକାରେ ହେପାଟାଇଟିସ୍ ବି ୮୦% ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫% ହେଉଛି ଲିଭର କ୍ୟାନ୍ସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କଠୁ ଅନ୍ୟ ଜଣଙ୍କ ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍ସର ରୋଗରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଲିଭର କ୍ୟାନ୍ସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହକଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତିଙ୍କୁ ମଧ୍ୟ ଏହି କ୍ୟାନ୍ସର ରୋଗ ହୁଏ। ଏହି କାରଣଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ, ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନ୍ସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ୨ରୁ ୭% ଜନସାଧାରଣଙ୍କ ଭିତରେ ଦେଖାଯାଏ।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ୫କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଯେଉଁମାନେ ପରବର୍ତ୍ତୀ କାଳରେ ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ହେପାଟାଇଟିସ୍ ବି ଏଡ୍‌ସଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ୬ମାସରୁ ୧ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏବେ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବିକୁ ଟିକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତା'ହେଲେ ଲିଭର କ୍ୟାନ୍ସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନ୍ସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ରକ୍ତବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଇବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍‌ଲଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନ୍ସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନ୍ସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

**ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ,**
**କଟକ, ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ନିଶା କବଳରେ ମଣିଷ ବେଳେବେଳେ ଏତେ ହିଂସ୍ର ପାଲଟିଯାଏ ଯେ ଅତି ଅମାନୁଷିକ କାମ କରିବସେ। ଏମିତିକି ଜନ୍ମକଲା ମା'କୁ ବି ହତ୍ୟା କରିପାରେ! ଏଭଳି ଏକ ଘଟଣା ଘଟିଛି ହରିୟାଣାର ନୁଂହ ଜିଲା ରଣାସିକା ଗାଁରେ। ମାତ୍ର ୨୦ ଟଙ୍କା ପାଇଁ ଏହି ଗାଁର ଜମସେଦ ନିଜ ମା'କୁ କୁରାଢ଼ିରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଜମସେଦ ଦୀର୍ଘଦିନ ଧରି ମଦ ଓ ଅନ୍ୟାନ୍ୟ ନିଶାରେ ବୁଡି ରହୁଥିଲେ। ନିଶା ପାଇଁ ସେ ଅନ୍ଧ ପାଲଟି ଯାଉଥିଲେ। ଏଥିପାଇଁ ସେ ପ୍ରାୟ ସମୟ ମା'ରଜିୟାକୁ ଟଙ୍କା ମାଗୁଥିଲେ। ମନା କଲେ ସେ ମାଡ଼ ଗାଳି ଦେଇ ଜୋର କରି ଟଙ୍କା ନେଇଯାଉଥିଲେ। ଏମିତିକି ଘରୁ ବିଭିନ୍ନ ଜିନିଷ ଚୋରି ବି କରୁଥିଲେ। ନିଶା କବଳରେ ସେ ଏମିତି ବାନ୍ଧି ହୋଇ ପଡିଥିଲେ ଯେ ତାକୁ ଅନ୍ୟ କିଛି ଜଣା ପଡୁ ନ ଥିଲା। ସେଥିପାଇଁ ତ ନିଶା ଖାଇବାକୁ ୨୦ ଟଙ୍କା ନ ଦେବାରୁ ସେ କ୍ରୋଧରେ ହିଂସ୍ର ପାଲଟି ଯାଇଥିଲେ। ଟଙ୍କା ନ ଦେଲେ ସେ ମା'କୁ ମାରିଦେବ ବୋଲି ଧମକ ବି ଦେଇଥିଲେ। ହେଲେ ରଜିୟା ନିଶା ଖାଇବା ପାଇଁ ଆଦୌ ଟଙ୍କା ଦେବେ ନାହିଁ ବୋଲି ସ୍ପଷ୍ଟ ଜଣାଇଥିଲେ। ଏହାପରେ ଜମସେଦ ଭୟଙ୍କର ଭାବରେ ରାଗି ଯାଇ ପାଖରେ ଥିବା କୁରାଢ଼ିରେ ଅତି ନିର୍ମମଭାବେ ହାଣି ହତ୍ୟା କରିଥିଲେ। ଜମସେଦଙ୍କ ଅନ୍ୟ ଦୁଇଭାଇ ଘରେ ନ ଥିବା ସମୟରେ ସେ ଏହି କାଣ୍ଡ ଘଟାଇଥିଲେ। ଘର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରି ଜାମସେଦଙ୍କୁ ଜେଲ ପଠାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ଜୁଲାଇ ୧୯୭୬**

- ଭଦ୍ରକ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ଯୁଗଳ କିଶୋର ପଟ୍ଟନାୟକ ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ କରିଥିବା ଅପିଲକୁ କୋର୍ଟ ଖାରଜ କରିଦେଇଛନ୍ତି।
- ପାକିସ୍ତାନ ସରକାର ପୂର୍ବରୁ ଧାର୍ଯ୍ୟ ଥିବା ଯୌତୁକ ଦାବିର ହାରକୁ ୫ ହଜାର ଟଙ୍କାକୁ କମାଇ ଆଣି ଏ ସଂକ୍ରାନ୍ତରେ ଏକ ବିଲ୍ ପାର୍ଲାମେଣ୍ଟରେ ପାସ୍ କରିଛନ୍ତି।

## ଚିରନ୍ତନୀ

ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ଶାଳୀନତା ରହୁ

ମହାଶୟ,
ସମ୍ପ୍ରତି ବିଭିନ୍ନ ରାଜନୈତିକ ଦଳର ନେତାମାନେ ପରସ୍ପର ବିରୋଧରେ ଅଶାଳୀନ କଟୁ ମନ୍ତବ୍ୟ ଦେଉଥିବା ଦେଖାଯାଉଛି। ଏବେ ବାଲେଶ୍ୱରର ୨ ରାଜନେତାଙ୍କ ପରସ୍ପର ମଧ୍ୟରେ କୁତ୍ସାରଟନା ଏତେ ନିମ୍ନ ଧରଣର ଥିଲା ଯେ, ସେମାନଙ୍କଠାରୁ ତାହା ଆଶା କରାଯାଉନ ଥିଲା। ସମୟ ଥିଲା ସର୍ବଭାରତୀୟ ନେତା ବିଭିନ୍ନ ଦଳରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ପରସ୍ପର ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କ ମଧୁର ଥିଲା। ନିର୍ବାଚନ ସମୟରେ ବିଭିନ୍ନ ଦଳ ନୀତି ବିରୋଧରେ ବିଷୋଦ୍‌ଗାର କରୁ ନ ଥିଲେ। ଏବେ ସାମ୍ବାଦିକ ସମ୍ମିଳନୀ କରି ଜଣେ ବିଧାୟକ ଓ ଅନ୍ୟଜଣେ ମହିଳା ସାଂସଦ ପ୍ରାର୍ଥୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚିଯାଇଛି। ରାଜନୀତିରେ ତିକ୍ତତା ଏବେ ବଢ଼ିଯାଇଛି। ପଣ୍ଡିତ ନେହେରୁ ଓ ଅଟଳ ବିହାରୀ ବାଜପେୟୀ କଂଗ୍ରେସ-ଭାଜପା ଦଳର ପ୍ରତିଷ୍ଠିତ ରାଜନେତାଙ୍କ ମଧ୍ୟରେ ଯେଉଁଭଳି ଶ୍ରଦ୍ଧା ସମ୍ମାନ ବନ୍ଧୁତା ଥିଲା ତାହା ଆଜି ବିରଳ। ସଂସଦରେ ପରସ୍ପର ଶାଳୀନତାରେ ଭିତ୍ତିରେ ଯୁକ୍ତି ସମାଲୋଚନା କରୁଥିଲେ। ତତ୍କାଳୀନ ଶାସକ ଓ ବିରୋଧୀ ଦଳର ନେତାଙ୍କ ନୀତି ଆଦର୍ଶ ଓ ବ୍ୟକ୍ତିତ୍ୱ ଆଜିର ନେତା ଅନୁସରଣ କରନ୍ତୁ।

**-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବସ୍-ବାଇକ୍ ଧକ୍କା, ଜଣେ ଗୁରୁତର

ମୋହନା, ୨୭।୭ (ମନ୍ମଥ ମିଶ୍ର)

ମୋହନା ଥାନା ଅନ୍ତର୍ଗତ ହିକିରିକୁପା ଗାଁ ପାଖରେ ଏକ ବସ୍ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ କୈଳାସ ରଇତ ତାଙ୍କୁ ଉଦ୍ଧାର କରି ମୋହନା ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର କିରନ କୁମାର ସାହୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି। ବାଡେଗୁଡା ପଞ୍ଚାୟତ ଶିମିଳି ଗାଁର ସାନୁନି ମଲ୍ଲିକଙ୍କ ସହ ମେରାପଲ୍ଲୀ ପଞ୍ଚାୟତ କୁଙ୍କୁଣୀ ଭାଲିଆ ସାହିର ବସନ୍ତ ମଲ୍ଲିକ ବାଇକ୍‌ରେ ଗାଁକୁ ଯାଉଥିବା ବେଳେ ଏକ ଘରୋଇ ବସ୍ ହିକିରିକୁପା ଗାଁ ପାଖରେ ସେମାନଙ୍କୁ ଧକ୍କା ଦେଇଥିଲା।

## ଗଞ୍ଜେଇ ଚାଲାଣକାରୀଙ୍କୁ ଉଠାଇ ନେଲା ହରିୟାଣା ପୋଲିସ

ମୋହନା, ୨୭।୭(ମନ୍ମଥ ମିଶ୍ର)

ମୋହନା ଥାନା ପୁଇପଡା ଗାଁରୁ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ହରିୟାଣା ପୋଲିସ ରବିବାର ଉଠାଇ ନେଇଛି। ସେ ହେଲେ ସେହି ଗାଁର ସୁଜିତ୍ କୁମାର ନାୟକ(୪୨) । ଗିରଫ ପରେ ମୋହନା କୋର୍ଟରେ ହାଜର କରି ତାଙ୍କୁ ପୋଲିସ ହରିୟାଣା ନେଇଯାଇଛି। ଗତ ୨୩ରେ ପୋଲିସ ହରିଆଣାର ଜିନ ଗାଁରୁ ୨୪ କିଲୋ ଗଞ୍ଜେଇ ଜବତ କରି ଏଥିରେ ଜଡିତ ହରିୟାଣାର ବରଠା ଗାଁର ରିତିକ କୁମାର (୨୩)ଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ରିତିକଙ୍କ ସୂଚନାକ୍ରମେ ରବିବାର ହରିୟାଣା ପୋଲିସର ୪ ଜଣିଆ ଟିମ ମୋହନାରେ ପହଞ୍ଚି ପୁଇପଡା ଗାଁରୁ ସୁଜିତ୍‌ଙ୍କୁ ଧରିଥିଲା। ସୁଜିତ ଗଞ୍ଜେଇ ନେଇ ଛତ୍ରପୁର ରେଳ ଷ୍ଟେସନ ଯାଇଥିଲେ। ସେଠାରୁ ତାଙ୍କଠାରୁ ରିତିକ ଗଞ୍ଜେଇ ନେଇ ହରିଆଣା ଯାଇଥାନ୍ତେ ବୋଲି ହରିଆଣା ପୋଲିସ ଏସଆଇ ବିନୋଦ କୁମାର କହିଛନ୍ତି ।

## ଶିଶୁବାଟିକା ମାତୃ କର୍ମଶାଳା

ଜି.ଉଦୟଗିରି, ୨୭।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ସଭାପତି ବିନୋଦ ବିହାରୀ ଦାଶ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଫୁଲବାଣୀ ସଙ୍କୁଳ ପ୍ରମୁଖ ପବିତ୍ର ସାହୁ ମାତୃ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରାଧ୍ୟାପକ ଲଡ୍ଡୁକେଶ୍ୱର ରଥ ମାତୃ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଉପସଭାପତି ଡକ୍ଟର ପ୍ରଶାନ୍ତ ମହାପାତ୍ର ଶିଶୁଙ୍କ ସ୍ୱାସ୍ଥ୍ୟ ରକ୍ଷା ଉପରେ ମା'ଙ୍କ ଭୂମିକା କିପରି ରହିବା ଆବଶ୍ୟକ ବୁଝାଇଥିଲେ। ବିଦ୍ୟାଳୟ ସମ୍ପାଦକ ଶିବରାମ ସାହୁ ଶିଶୁଙ୍କ ସଂସ୍କାର, ସଂସ୍କୃତି ଉପରେ ଆଲୋଚନା କରିଥିଲେ। ପ୍ରଧାନାଚାର୍ଯ୍ୟ ମାଧବାନନ୍ଦ ଦାଶ ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ରଶ୍ମିତା ପାଣିଗ୍ରାହୀ ପରିଚାଳନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ପାତ୍ର, ବିଚିତ୍ରା ମହାରଣା, ଲିଲି ସାହୁ ମା'ମାନଙ୍କୁ ନେଇ ଶିଶୁ ବାଟିକା ଶିକ୍ଷାଦାନ ଓ ପ୍ରତିଯୋଗିତା କରିଥିଲେ।

# ଆନ୍ଧ୍ର ସାରକୁ ଚଢା ଦରରେ କିଣୁଛନ୍ତି ଚାଷୀ

**ସାର କଳାବଜାର**

- ଆବଶ୍ୟକତା ଅନୁଯାୟୀ ଜିଲାକୁ ସାର ଆସିନି: ଜିଲା କୃଷି ଅଧିକାରୀ

ପାରଳାଖେମୁଣ୍ଡି, ୨୭।୭(ଗିରିଧାରୀ ପରିଛା)

ଗଜପତି ଜିଲାରେ ସାରର କଳାବଜାର ହେଉଥିବା ଅଭିଯୋଗ ହେଉଛି। ଫଳରେ ଜିଲାରେ ଚାଷକାର୍ଯ୍ୟ ଆଗେଇ ପାରୁ ନ ଥିବା ବେଳେ ଚାଷୀ ଆନ୍ଧ୍ର ସାର ଚଢା ଦରରେ କିଣିବାକୁ ବାଧ୍ୟ ହେଉଛି। ଜିଲାର କାଶୀନାଗର ଓ ଗୋଷାଣି ବ୍ଲକରେ ଅଧିକ ଧାନଚାଷ ହୋଇଥାଏ। ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ମିଳୁନି। ଯେଉଁଠି ମିଳୁଛି ତାହା ଚଢା ଦର ରହୁଛି। ବର୍ତ୍ତମାନ ୟୁରିଆ ପ୍ୟାକେଟ ପିଛା ୨୬୬.୫୦ ପଇସା ଥିବା ବେଳେ ବଜାରରେ ଏହା ୫୦୦ ରୁ ୭୦୦ ଟଙ୍କାରେ ବିକ୍ରି ହେଉଛ। ଡିଏପି ୧୩୫୦ ଟଙ୍କା ଥିବା ବେଳେ ଏହା ବଜାରରେ ୧୮୦୦ରୁ ୨ହଜାର ଟଙ୍କା, ଏମଓପି ୧୭୮୦ ଟଙ୍କା ଥିବା ବେଳେ ବଜାରରେ ୨୪୦୦ ଟଙ୍କାରେ ବିକ୍ରି ହେଉଛି। ଜିଲାରେ ୫୧ଟି ପ୍ୟାକ୍ସରହିଛି। ସେଥିରୁ ୪୫ଟି ପ୍ୟାକ୍ସରେ ସାର ବିକ୍ରି ହେଉଛି। ଜିଲାରେ ୧୦୮ଜଣ ଲାଇସେନ୍ସପ୍ରାପ୍ତ ଡିଲର ରହିଛନ୍ତି। ତେବେ ଜୁଲାଇ ମାସରେ ଜିଲାପାଇଁ ୧୭୮୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯୦୦ ମେଟ୍ରିକ ଟନ ସାର ଆସିଛି। ଫଳରେ ସାରର ଅଭାବ ଦେଖାଦେଇଛି। ଏହାର ସୁଯୋଗ ଉଠାଇ ବ୍ୟବସାୟୀମାନେ ରଖିଥିବା ସାରକୁ ଚଢା ଦରରେ ବିକ୍ରି କରୁଛନ୍ତି। ଆମେ ବାଧ୍ୟ ହୋଇ ଏହା କିଣୁଛୁ ବୋଲି ଚାଷୀ ଚାଷୀ ମାଲେଶ୍ୱ ଜେନା, ମୋନରଞ୍ଜନ ପରିଡା, ରାମଚନ୍ଦ୍ର ଜେନା କହିଛନ୍ତି।

ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଧେକଙ୍କୁ ପଚାରିବାରୁ ସେ କହିଲେ, ଆବଶ୍ୟକ ମୁତାବକ ସାର ଜିଲାକୁ ଆସିନି। ଏବେ ୯୦୦ ମେଟ୍ରିକ ଟନ ସାର ମହଜୁଦ ଅଛି। ଆବଶ୍ୟକ ପରିମାଣର ସାର ଆସନ୍ତା ୩୦ ତାରିଖ ସୁଦ୍ଧା ଆସିଯିବ। ଜିଲାରେ ସାର କଳାବଜାର ରୋକିବାକୁ ବ୍ଲକ ସ୍ତରରେ ସପ୍ଲାଇ ଇନିସ୍ପେକ୍ଟରଙ୍କୁ କୁହାଯାଇଛି। ସାର କଳାବଜାର ନେଇ କୌଣସି ପ୍ୟାକ୍ସ କିମ୍ବା ଡ଼ିଲରଙ୍କ ନାଁରେ ଅଭିଯୋଗ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅବସରପ୍ରାପ୍ତ ସେନା କର୍ମଚାରୀ ସମ୍ବର୍ଦ୍ଧିତ

## ଭାଜପା ପାଳିଲା କାରଗିଲ୍ ବିଜୟ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଲଗୁଣ୍ଠା, ୨୭।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କାରଗିଲ୍ ବିଜୟ ଦିବସ ଅବସରରେ ବେଲଗୁଣ୍ଠା ଭାଜପା ତରଫରୁ ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ସମ୍ବର୍ଦ୍ଧିତ ହୋଇଛନ୍ତି। ବେଲଗୁଣ୍ଠା ନଗର ଭାଜପା ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଘୁମୁସର ଜିଲା ଭାଜପା ସଭାପତି ନୀଳମାଧବ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାରଗିଲ୍ ଯୁଦ୍ଧରେ ଶହୀଦ ଯବାନଙ୍କୁ ଆମେ ଭୁଲିବା ଉଚିତ୍ ନୁହେଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବେଲଗୁଣ୍ଠା ଏନ୍ଏସି ଏମ୍‌ପି ପ୍ରତିନିଧି ନାରାୟଣ ସାହୁ ଯୋଗ ଦେଇ ଆମେ ଆମର ସେନା ବାହିନୀର ପୂର୍ବତନ କର୍ମଚାରୀଙ୍କୁ ସମ୍ମାନିତ କରି ଗର୍ବିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବେଲଗୁଣ୍ଠା ବ୍ଲକ୍ ଏମ୍‌ପି ପ୍ରତିନିଧି ରଞ୍ଜନ କୁମାର ରାଉତ, ଘୁମୁସର ଜିଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ମାନସ ରଞ୍ଜନ ଜେନା, ବରିଷ୍ଠ କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ନାଥ ଚୌଧୁରୀ, ସଙ୍ଗଠକ ରାମଚନ୍ଦ୍ର ମିଶ୍ର, ତନରଡା ମଣ୍ଡଳ ସଭାପତି ସଞ୍ଜୟ ଜେନା ଓ ବରିଷ୍ଠ ସଂଗଠକ ନୀଳାଞ୍ଚଳ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ କର୍ମଚାରୀମାନେ ଏପରି କାର୍ଯ୍ୟକ୍ରମ ପାଇଁ ସୋରଡା ବିଧାୟକ ନୀଳମଣି ବିଷୋୟୀ ଓ ବେଲଗୁଣ୍ଠା ଭାଜପାକୁ କୃତଜ୍ଞତା ଜଣାଇଥିଲେ।

# ୬ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ।

ବୁଗୁଡା, ୨୭।୭(କାଳିଚରଣ ଦାଶ)


ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ବିଭିନ୍ନ ହାଇସ୍କୁଲର ଅବସରପ୍ରାପ୍ତ ୬ ଜଣ କ୍ରୀଡା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ପଙ୍କଲବାଡି ଗ୍ରାମ ଆର.ଏ.ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯକ୍ରମରେ ବୁଗୁଡା ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ସଭାପତି ଦୂତିକୃଷ୍ଣ ପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବେଗୁନିଆପଡ଼ା ବ୍ଲକ କ୍ରୀଡା ସମ୍ପାଦକ ଭଗବାନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୋଲସରା ବ୍ଲକ କ୍ରୀଡା ସମ୍ପାଦକ ଜ୍ଞାନ ରଞ୍ଜନ ଜାଲି, ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର, ପଙ୍କଲବାଡି ଏସଏମସି ସଭାପତି ରିତା ଜେନା ଓ ପ୍ରଧାନ ଶିକ୍ଷକ ନାକା ରମଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କରଚୁଲି ହାଇସ୍କୁଲର ବେଣୁଧର ପ୍ରଧାନ, ପୋଚାଲୁଣ୍ଡି ହାଇସ୍କୁଲର ଭଗବାନ ପ୍ରଧାନ, ଅନ୍ତରପଡା ହାଇସ୍କୁଲର ଭାସ୍କର ବେହେରା, ଖୋଳଖାଲି ହାଇସ୍କୁଲର ସୁଦର୍ଶନ ଖଟୁଆ, ତାଳସାକର ହାଇସ୍କୁଲର ବି.ଗୋପାଳ ପାତ୍ର ଓ ମୋଟାବାଡି ହାଇସ୍କୁଲର ପ୍ରଦୀପ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବୁଦ୍ଧଗିରି ବିଦ୍ୟାପୀଠ କ୍ରୀଡା ଶିକ୍ଷକ ବିନୋଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବୁଗୁଡା ବ୍ଲକ କ୍ରୀଡା ଶିକ୍ଷକ ସଂଘ ସମ୍ପାଦକ ବିଶ୍ୱେଶ୍ୱର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଉଦି ଆରବରୁ ଫେରିଲେ ପ୍ରଫୁଲ୍ଲ, ବ୍ରଜ

ରମ୍ଭା, ୨୭।୭(ବନବାସୀ ସେଠୀ)

ଖଲିକୋଟସ୍ଥିତ କୋଦଳା ଅଞ୍ଚଳର ପ୍ରଫୁଲ୍ଲ ସେଠୀ ଏବଂ ବ୍ରଜ ସ୍ୱାଇଁ ଗତ ୨ବର୍ଷ ତଳେ ସାଉଦି ଆରବର ଗଲଫ କମ୍ପାନୀରେ କମନ୍ ଲେବର୍ ଭାବରେ କାମ କରିବାକୁ ଯାଇଥିଲେ। କିଛି ମାସ ପରେ କମ୍ପାନୀ ଉଭୟଙ୍କୁ ହଇରାଣ କରି ୩/୪ ମାସରେ ଥରେ ଦରମା ଦେଉଥିଲା। ତେଣୁ ଉଭୟେ ଗାଁକୁ ଫେରି ଆସିବାକୁ କମ୍ପାନୀକୁ ଜଣାଇଥିଲେ। କମ୍ପାନୀ ଏ ନେଇ ସେମାନଙ୍କ ସହ ଆଲୋଚନା ନ କରି ଅନ୍ୟ ଏକ ଜାଗାକୁ ପଠାଇଥିଲା। ସେଠାରେ ପ୍ରଫୁଲ୍ଲ ଓ ବ୍ରଜ ହଇରାଣ ହୋଇଥିଲେ। ସେମାନେ ନୂଆ ଜାଗାକୁ ଆସିବାର ୪/୫ ମାସ ହୋଇଯାଇଥିଲେ ମଧ୍ୟ କମ୍ପାନୀ ଉଭୟଙ୍କୁ କୌଣସି ସହଯୋଗ କରି ନ ଥିଲା। ଏହି ଖବର ବ୍ରଜ ତାଙ୍କ ସଢୁ ବସନ୍ତ ବାବୁ, ସାଉଦି ଆରବରେ ରହୁଥିବା ଗ୍ରୀନପିସ୍ ଭିଲେଜ ଫାଉଣ୍ଡେଶନର ପ୍ରତିଷ୍ଠାତା ପ୍ରତାପ ନାୟକଙ୍କୁ ଜଣାଇଥିଲେ। ଖବର ପାଇ ପ୍ରତାପ ଉଭୟଙ୍କୁ ସାଉଦି ଆରବରେ ଭେଟି ସେମାନଙ୍କ ଖାଇବା ପିଇବା ଓ ଘର ସହ ଯୋଗାଯୋଗ କରି ସମସ୍ତ ବିଷୟ ଅବଗତ ହୋଇଥିଲେ। ଉଭୟଙ୍କୁ ଏଠାରୁ ନିଜ ମାଟିକୁ ଶୀଘ୍ର ଫେରାଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତାପ ବ୍ରଜ ଓ ପ୍ରଫୁଲ୍ଲଙ୍କୁ କିଭଳି ଓଡ଼ିଶା ଫେରାଇ ଆଣିବେ ସେନେଇ ଏକ ମିଶନ ଆରମ୍ଭ କରି ଗଲଫ କମ୍ପାନୀ ଉପରେ ଚାପ ପକାଇ ୭ ଦିନ ମଧ୍ୟରେ ସେମାନଙ୍କ କମ୍ପାନୀ ଉପରେ ଥିବା ବକେୟା ଟଙ୍କା ଆଣି ଉଭୟଙ୍କୁ ନିଜଗାଁ କୋଦଳାକୁ ଫେରାଇ ଆଣିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା

ଦୁମୁଡିବନ୍ଧ, ୨୭।୭(ଦୀପକ କୁମାର ପରାସେଠ)

ଦୁମୁଡିବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଅପରାହ୍ନରେ ବରିଷ୍ଠ ନାଗରିକମାନଙ୍କ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭ ପୂର୍ବରୁ ମଞ୍ଚର ସମ୍ପାଦକ ସାଇପଏନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ସାହୁଙ୍କୁ ସ୍ୱାଗତ କରିଥିଲେ। ସଭାପତି ସାହୁ ସଭା ପରିଚାଳନା କରିଥିଲେ। ପ୍ରଥମେ ସଂଘର ୪ ଜଣ ଦିବଂଗତ ସଦସ୍ୟଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା, ସ୍ୱାସ୍ଥ୍ୟ ବୀମା, ରେଳ ଯାତ୍ରା ଓ ବିମାନ ଯାତ୍ରାରେ ସରକାର ଯେଉଁ ସବୁ ବ୍ୟବସ୍ଥା ଗ୍ରହଣ କରିଛନ୍ତି ସେ ନେଇ ସମସ୍ତଙ୍କୁ ବୁଝାଇଥିଲେ। ଦୁମୁଡିବନ୍ଧ ବ୍ଲକ ଅଞ୍ଚଳରେ ଯେଉଁ ସବୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ରହିଛି ସେଠାରେ କୌଣସି କାମରେ ବରିଷ୍ଠ ନାଗରିକ ଗଲେ ତୁରନ୍ତ ସେମାନଙ୍କ କାମ ସମ୍ପାଦନ କରାଯାଉଥିବା ଉପରେ କହିଥିଲେ। ପାରିବାରିକ ହିଂସାର ଶିକାର ହେଲେ ତୁରନ୍ତ ସଂଘକୁ ଜଣାଇବା, ବ୍ଲକ ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକ ସଦସ୍ୟ ହେବା ଏବଂ ସରକାରଙ୍କ ସମସ୍ତ ଯୋଜନାର ଫାଇଦା ଉଠାଇବା ବୋଲି ବୈଠକରେ କୁହାଯାଇଥିଲା।

# ଶିକ୍ଷା ନିକେତନରେ ଜାତୀୟ ଅଭିଭାବକ ଦିବସ

ବାଲିଗୁଡ଼ା, ୨୭।୭(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ସହରର ଶିକ୍ଷା ନିକେତନ ପରିସରରେ ଜାତୀୟ ଅଭିଭାବକ ଦିବସ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜକିଶୋର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବାଲିଗୁଡ଼ା ତହସିଲଦାର ଦିପ୍ତି ପ୍ରକାଶ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୦୩ ଅକ୍ଷୟ ତୃତୀୟାରେ ବାଲିଗୁଡ଼ା ସହରରେ ଏହି ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ଚଳିତ ବର୍ଷ ପ୍ରଥମଥର ପାଇଁ ଶିକ୍ଷା ନିକେତନ ପକ୍ଷରୁ ଜାତୀୟ ଅଭିଭାବକ ଦିବସ ପାଳନ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବକ।

ଏହି ଅବସରରେ ସ୍ୱତନ୍ତ୍ର ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅଞ୍ଚଳର ୧୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏଣୁ ପରସ୍ପର ନିକଟତର ହେବାସହ ଛାତ୍ରୀଛାତ୍ରଙ୍କ ମନୋବଳ ଦୃଢ଼ କରିବା ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷା ନିକେତନର ପ୍ରତିଷ୍ଠାତା ପାଢ଼ୀ କହିଛନ୍ତି । ଏହି ଅବସରରେ ବିଦ୍ୟାଳୟର ସମ୍ପାଦିକା ରେଖାରାଣୀ ମହାପାତ୍ର, ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁ, ଶାନ୍ତିମୈତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତି ଅଭିଭାବକଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ

ବାଲିଗୁଡା, ୨୭।୭(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ସୁଧାଂଶୁ ମୋହନ ପତି ଓ ସମ୍ପାଦକ ତୀର୍ଥବାସୀ ଘଡେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନାଚାର୍ଯ୍ୟ ଶିଶିର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ଆଚାର୍ଯ୍ୟା ମମତା ମହାରଣା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନ୍ନତିରେ ମାଆ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଶିଶୁର ସର୍ବାଙ୍ଗୀନ ବିକାଶରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନାଚାର୍ଯ୍ୟ କହିଥିଲେ। ଏତଦ୍‌ବ୍ୟତୀତ ନାଗରିକର କର୍ତ୍ତବ୍ୟ, କୁଟୁମ୍ବ ପ୍ରବୋଧନ, ସଂଘର ଶତବାର୍ଷିକୀ ପାଳନ ଓ ପଞ୍ଚ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଦ୍ୟାଳୟକୁ ସାମାଜିକ ଚେତନାର କେନ୍ଦ୍ର ଭାବେନିର୍ମାଣ କରିବାକୁ ମାଆମାନଙ୍କୁ ନେଇ ମାତୃଭାରତୀ ଗଠନ କରାଯାଇଥିଲା। ସମ୍ମିଳନୀରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ମାଆ ଉପସ୍ଥିତ ଥିଲେ।

# ଲୋକଙ୍କୁ ସଚେତନ କରିବାକୁ ସ୍ୱାସ୍ଥ୍ୟବିଭାଗ ପାଖରେ ଗାଡ଼ି ନାହିଁ

**ଖତ ଖାଉଛି ଭ୍ରାମ୍ୟମାଣ ଗାଡ଼ି**

ମୋହନା, ୨୭।୭(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନାସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ଛାତ୍ରୀନିବାସରେ ନିକଟରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଟ୍ରନଙ୍କ ଦ୍ୱାରା ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ସହ ଭ୍ରାମ୍ୟମାଣ ଡାକ୍ତରୀ ଦଳ ଛାତ୍ରୀ ନିବାସରେ ପହଞ୍ଚି ସମସ୍ତ ଅନ୍ତେବାସୀଙ୍କୁ ପରୀକ୍ଷା କରି ପ୍ରତିଷେଧକ ଔଷଧ ଓ ଓଆର୍‌ଏସ୍ ଦେଇଥିଲେ। ସମସ୍ତେ ବର୍ତ୍ତମାନ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ମୋହନାରେ ଝାଡାବାନ୍ତିର ପ୍ରାର୍ଦ୍ଦୁଭାବ ଦେଖା ଦେଇଥିବା ବେଳେ ବ୍ଲକର ୩୧ଟି ପଞ୍ଚାୟତକୁ ଗସ୍ତ କରି ଲୋକଙ୍କୁ ସଚେତନ କରିବା, ଔଷଧ ବଣ୍ଟନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରିବା ପାଇଁ ଭ୍ରାମ୍ୟମାଣ ଟିମ୍ ପାଖରେ ଗାଡ଼ି ନାହିଁ। ଭ୍ରାମ୍ୟମାଣ ଟିମ୍ ପାଇଁ ଯେଉଁ ଗାଡ଼ି ରହିଥିଲା ତାହା ଏବେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡିରହି ଖତ ଖାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଗାଡ଼ି ଆଉ ରାସ୍ତାରେ ଚଳପ୍ରଚଳ କରିପାରିବ ନାହିଁ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏକ ମାସ ହେଲା ଉକ୍ତ ଗାଡ଼ିଟି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡ଼ିରହିଛି। ଫୋର୍ ହୁଇଲର ଗିୟର ବିଶିଷ୍ଟ ଏହି ଗାଡ଼ିଟି କାଦୁଅ, ବାଲି, ଘାଟି ଓ ପଥୁରିଆ ରାସ୍ତାରେ ଯାତାୟାତରେ ସମସ୍ୟା ହେଉ ନ ଥିଲା। ଯାହାଦ୍ୱାରା ଭ୍ରାମ୍ୟମାଣ ଟିମ୍ ଦୂର ଦୂରାନ୍ତରରେ ଥିବା ଦୁର୍ଗମ ଅଞ୍ଚଳକୁ ଯାଇ ରୋଗୀ ଚିକିତ୍ସା କରୁଥିଲେ। ଅନ୍ୟପକ୍ଷରେ ଏହି ଗାଡ଼ିଟିର ଚଳାଚଳ କରିବାର ଅବଧି ଆସନ୍ତା ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଥିବା ବେଳେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିକୁ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ପ୍ରଶାସନ ଏହାକୁ ବନ୍ଦ କରି ଦେଇଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ପଡି ରହିଥିବା ଆମ୍ବୁଲାନ୍ସ।

# ଚଳିତବର୍ଷ ଲାଗିବ ୬୮ ହଜାର ତାଳଗଛ: ଡିଏଫଓ

- ମଞ୍ଜି ପୋତି ଯତ୍ନ ନିଆଯାଉଛି
- ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁ ରୋକିବାକୁ ପଦକ୍ଷେପ

ଭଞ୍ଜନଗର, ୨୭।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଗତବର୍ଷ ବର୍ଷା ଋତୁରେ ମୁଜାଗଡ, ଗାଲେରି, ତାରସିଂ, ଜଗନ୍ନାଥପ୍ରସାଦ ଏବଂ କେନ୍ଦ୍ରୀୟ ବନାଞ୍ଚଳ ଅଧୀନରେ ୬୮ ହଜାର ତାଳଗଛ ଲଗାଯାଇଥିଲା। ଚଳିତବର୍ଷ ଆଉ ୬୮ହଜାର ତାଳଗଛ ଲଗାଇବାକୁ ପ୍ରକ୍ରିୟା ଚାଲିଛି। ଗତବର୍ଷ ଯେଉଁ ମଞ୍ଜି ପୋତା ହୋଇଥିଲା ତାହା ଆଶାନୁରୂପକ ସଫଳତା ମିଳି ନ ଥିଲା। ଚଳିତବର୍ଷ ଅଧିକ ୨୦ ପ୍ରତିଶତ ମଞ୍ଜି ପୋତିବା ଯୋଜନା କରାଯାଇଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଗତବର୍ଷ ମଞ୍ଜି ଲଗାଇବା ସମୟରେ ବିଭାଗ ବହୁ ବିଳମ୍ବ କରିଥିଲା। ସେତେବେଳକୁ ବର୍ଷା କମିଯାଇଥିଲା। ପୋତାଯାଇଥିବା ମଞ୍ଜିର ଉପଯୁକ୍ତ ରକ୍ଷଣାବେକ୍ଷଣ ମଧ୍ୟ ହୋଇପାରି ନ ଥିଲା। ଏଥିଯୋଗୁ ୫୦ ପ୍ରତିଶତରୁ ଅଧିକ ମଞ୍ଜି ନଷ୍ଟ ହୋଇଯାଇଥିବା ବେଳେ ବିଭାଗ ୨୦ ପ୍ରତିଶତ ମଞ୍ଜି ନଷ୍ଟ ହୋଇଥିବା ଆଶଙ୍କା କରୁଛି। ଏନେଇ ଡିଏଫଓ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଚଳିତବର୍ଷ ତାଳ ମଞ୍ଜି ଲଗାଇବା ପ୍ରକ୍ରିୟା ଚାଲିଛି। ଯୋଜନା କିଭଳି ସଫଳ ହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି।



ଗତ ବର୍ଷର ତାଳଗଛକୁ ଯତ୍ନ ନିଆଯାଉଛି।

ସୂଚନାଯୋଗ୍ୟ, ରାଜ୍ୟରେ ଦିନକୁ ଦିନ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ତାଳଗଛ ହିଁ ଏକମାତ୍ର ବିକଳ୍ପ ହୋଇଥିବାରୁ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଗତବର୍ଷ ରାଜ୍ୟର ସମସ୍ତ ବନଖଣ୍ଡରେ ତାଳମଞ୍ଜି ବିଭିନ୍ନ ଯୋଜନାରେ ପୋତା ଯାଇଥିଲା। ଚଳିତବର୍ଷ ଶିକ୍ଷାନୁଷ୍ଠାନ ପାଚେରି କଡ, ପୋଖରୀ ଆଡିଗୁଡିକରେ ତାଳମଞ୍ଜି ପୋତିବାକୁ ଲକ୍ଷ୍ୟ ରଖାଯାଇଛି। ଶନିବାର ଗାଲେରି ରେଞ୍ଜ ଏବଂ ଗାଲେରୀ ଦଣ୍ଡପାଣି ମହାର୍ଥା ଜାତୀୟ ସେବା ଯୋଜନା ପକ୍ଷରୁ ମିଳିତ ଭାବେ ତାଳମଞ୍ଜି କଲେଜ ପାଚେରି ଚାରିପଟେ ଲଗାଯାଇଛି। ରେଞ୍ଜର ଆଶାଲତା ଦିଗାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନା ଅଧିକାରୀ ଦୁର୍ଗା ମାଧବ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆବାସ ଅପେକ୍ଷାରେ ୧.୭୫ ଲକ୍ଷ ପରିବାର

ଛତ୍ରପୁର, ୨୭।୭(ସନ୍ତୋଷ ପାଢ଼ୀ)

**ଗଞ୍ଜାମ ଜିଲା**
- ଦିଗହରା ହେଉଛି ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ ) ଯୋଜନା
- ମଞ୍ଜୁରୀରେ ବିଳମ୍ବ ଯୋଗୁ ଗୃହନିର୍ମାଣ ଅଧାପନ୍ତରିଆ

ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନା ଦିଗହରା ହୋଇପଡ଼ିଛି। ଲକ୍ଷାଧିକ ପରିବାର ଏହି ଯୋଜନାରେ ଆବାସ ଖଣ୍ଡେ ପାଇବା ପାଇଁ ବର୍ଷ ବର୍ଷ ଅପେକ୍ଷା କରି ରହୁଛନ୍ତି। ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେର ହିତାଧିକାରୀଙ୍କୁ ଏଯାଏ କୌଣସି ସୁଫଳ ମିଳିନାହିଁ। ବର୍ଷେ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ ) ଯୋଜନାରେ ଆବାସ ନିର୍ମାଣ ସରୁନି। ଠିକ ସମୟରେ ଆବାସ ନିର୍ମାଣ ପାଇଁ ପ୍ରଶାସନ ମଞ୍ଜୁରୀ ଦେବାରେ ବିଳମ୍ବ କରୁଛି। ଏଥିଯୋଗୁ ଗଞ୍ଜାମ ଜିଲାରେ ୧.୭୫ ଲକ୍ଷ ପରିବାର ଆବାସ ଅପେକ୍ଷାରେ ରହିଛନ୍ତି।

ଜିଲାରେ ୨୨ ବ୍ଲକରେ ୫୦୩ ପଞ୍ଚାୟତ ରହିଛି। ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ସ୍ତର ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥାଏ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଞ୍ଜାମ ଜିଲା ପରିଷଦକୁ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ଗଞ୍ଜାମ ଜିଲାର ୨୨ ବ୍ଲକରେ ୩୬ ହଜାର ୨୮୭ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ନିର୍ମାଣ ଲାଗି ମଞ୍ଜୁରୀ ମିଳିଥିଲା। ସେଥିରୁ ୩୦ ହଜାର ୪୬୩ ଆବାସ ନିର୍ମାଣ ସରିଥିବା କୁହାଯାଇଛି। ତେବେ ଜିଲାରେ ଲକ୍ଷାଧିକ ପରିବାର ଝାଟିମାଟି ଓ ପକ୍କା ଘରେ ରହୁଛନ୍ତି। ଏମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘରଟିଏ ପାଇଁ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ ଓ ଜିଲାପାଳଙ୍କୁ ଜଣାଇ ଆସୁଥିଲେ ମଧ୍ୟ ସୁଫଳ ପାଉନାହାନ୍ତି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ପ୍ଲସ ନାମରେ ଜିଲାରେ ସର୍ଭେ କରିବାକୁ ସ୍ଥିର ହୋଇଥିଲା। ଏଥିରେ ଜିଲାର ୫୦୩ ପଞ୍ଚାୟତର ୧ ଲକ୍ଷ ୭୫ ହଜାର ୫୦୪ ପରିବାର ଆବାସ ପାଇବା ପାଇଁ ପଞ୍ଜୀକରଣ ହୋଇଥିଲେ। ସରକାରୀ ଅଧିକାରୀମାନେ ଘରକୁ ଘର ବୁଲି ଏହି ସର୍ଭେ କରିଥିଲେ। ବର୍ତ୍ତମାନ ପଞ୍ଚାୟତ ସ୍ତରରେ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଚାଲିଛି। ଏହାପରେ ବ୍ଲକ ସ୍ତରରେ ଏବଂ ପରେ ଜିଲା ସ୍ତରରେ ଯାଞ୍ଚ ହେବ। ସମସ୍ତ ପ୍ରକ୍ରିୟା ପରେ କେବେ ଏହି ଯୋଜନାରେ ଆବାସ ମିଳିବ ସେନେଇ ହିତାଧିକାରୀମାନେ ଚିନ୍ତାରେ ରହିଛନ୍ତି।

୨୦୨୪-୨୫ରେ ଜିଲାର ୪୦୫୪ ପରିବାରଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିଲା। ଏଥିପାଇଁ ବର୍ଷେ ୩୩୮୦ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି। ଫଳରେ ଆବାସ ଅଧାପନ୍ତରିଆ ହୋଇପଡ଼ିଛି। ଏହି ଯୋଜନାରେ ୨୦୨୫-୨୬ରେ ଜିଲାର ୪୭୭୫ ପରିବାରଙ୍କୁ ସାମିଲ କରାଯାଇଥିଲା। ମାତ୍ର ଏଥିପାଇଁ କୌଣସି ଅର୍ଥ ମଞ୍ଜୁର କରାଯାଇନି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ ) ଯୋଜନାରେ ଆବାସ ନିର୍ମାଣ ପାଇଁ ପୂର୍ବରୁ ୧ ଲକ୍ଷ ୩୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧ ଲକ୍ଷ ୨୦ ହଜାର ଟଙ୍କା ମିଳୁଛି। ୩ ମାସ ମଧ୍ୟରେ ଆବାସ ନିର୍ମାଣ କଲେ ଅତିରିକ୍ତ ୨୦ ହଜାର ଟଙ୍କା ଏବଂ ୬ ମାସ ମଧ୍ୟରେ ନିର୍ମାଣ କଲେ ଅତିରିକ୍ତ ୧୦ ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ଏବଂ ଏମ୍‌ଜିଏନଆରଇଜିଏସ୍‌ରେ ଏହି ଆବାସ ନିର୍ମାଣ ଲାଗି ୧୬ ହଜାର ଟଙ୍କାର ଶ୍ରମ ପାଇଁ ମଜୁରି ମିଳୁଛି।

## ସଂକ୍ଷେପରେ

### ୧୨ ଫୁଟର ଅହିରାଜ ଉଦ୍ଧାର



ପାତ୍ରପୁର,୨୭।୭(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଅନ୍ତର୍ଗତ ଦମୋଦରପଲ୍ଲି ଗ୍ରାମରୁ ରବିବାର ୧୨ ଫୁଟ ଲମ୍ବର ଏକ ଅହିରାଜ ଉଦ୍ଧାର ହୋଇଛି । ଅପରାହ୍ନରେ ଗ୍ରାମର ଦୀନବନ୍ଧୁ ପ୍ରଧାନ ତାଙ୍କ ଗୁହାଳ ନିକଟରେ ଅହିରାଜଟି ଏକ ଡମଣା ସାପକୁ ଖାଉଥିବା ଦେଖି ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ । ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ପହଞ୍ଚି ଅହିରାଜକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି।

### ଦାରିଙ୍ଗବାଡ଼ି ବ୍ଲକ: ବିଏସ୍‌ଏନ୍‌ଏଲ୍ ସେବା ବ୍ୟାହତ ଉପଭୋକ୍ତା ହଟହଟା

ଦାରିଙ୍ଗବାଡ଼ି,୨୭।୭(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବିଏସ୍‌ଏନ୍‌ଏଲ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ୧ ବର୍ଷ ଧରି ସିଆଙ୍ଗବାଲି ପଞ୍ଚାୟତରେ ବିଏସଏନଏଲ ମୋବାଇଲ ସେବା ଅଚଳ ହୋଇଥିବା ବେଳେ ସିମନବାଡ଼ି ଏବଂ ଗଦାପୁର ପଞ୍ଚାୟତରେ ପ୍ରାୟ ୧ ମାସ ହେଲା ମୋବାଇଲ ସେବା, ଇଣ୍ଟରନେଟ ଅଚଳ ହୋଇପଡ଼ିଛି। ସେହିପରି ଦାରିଙ୍ଗବାଡ଼ି, ସ୍ଲିହେରୀ, ଦାସିଂବାଡ଼ି, ସୋନପୁର ଆଦି ପଞ୍ଚାୟତ ଅଞ୍ଚଳରେ ୩ ଦିନରୁ ଊର୍ଦ୍ଧ୍ୱ ହେବ ସେବା ବ୍ୟାହତ ହୋଇଛି। ସିଆଙ୍ଗବାଲି, ସିମନବାଡ଼ି ଏବଂ ଗଦାପୁର ଅଞ୍ଚଳବାସୀ ମୋବାଇଲ ସେବା ଅଚଳ ଯୋଗୁ ଅନଲାଇନ କାର୍ଯ୍ୟ ଓ ରନ୍ଧନ ଗ୍ୟାସ ବୁକିଂ କରପାରୁନାହାନ୍ତି। ଉପଭୋକ୍ତା ମାନେ ସିମ ଆକ୍ଟିଭ ରଖିବା ପାଇଁ ନେଟଓ୍ୱର୍କ ନ ଥିଲେ ମଧ୍ୟ ଅନ୍ୟ ନେଟଓ୍ୱର୍କକୁ ଯାଇ ଭାଉଚର ପକାଇ କ୍ଷତି ସହୁଛନ୍ତି। ଏ ନେଇ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ବିଭାଗ ଆଜି, କାଲି କହି ଟାଳଟୁଳ ନୀତି ଅବଲମ୍ବନ କରୁଛି। ସିମନବାଡ଼ିର ନେଟଓ୍ୱର୍କ ଶୁକ୍ରବାର ସକାଳ ସୁଦ୍ଧା ସ୍ୱାଭାବିକ ହୋଇଯିବ ବୋଲି ବିଏସଏନଏଲ୍ ଡିଜିଏମ ବୃନ୍ଦାବନ ମାଝୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରବିବାର ପର୍ଯ୍ୟନ୍ତ ସ୍ୱାଭାବିକ ହୋଇନଥିବାରୁ ଅସନ୍ତୋଷ ଦେଖାଯାଇଛି। ଏହା ପ୍ରତିବାଦରେ ସିମନବାଡ଼ି ଅଞ୍ଚଳବାସୀ ଆସନ୍ତା ମଙ୍ଗଳବାର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ବଣିକ ସଂଘ ସଭାପତି ମହେଶ କୁମାର ସାହୁ, ସାମାଜିକ କର୍ମୀ ପରମେ ପ୍ରଧାନ କହିଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଗୋପାଳପୁର,୨୭।୭(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ବିକ୍ରମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ବିଇଓ ଦେବେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ କହଁର ଗତ କିଛିମାସ ହେଲା ବିନା ଦରଖାସ୍ତରେ ଛୁଟିରେ ରହିଥିଲେ। ସପ୍ତାହକ ତଳେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ଦୀର୍ଘଦିନର ଅନୁପସ୍ଥିତିକୁ ନେଇ ବିଇଓ ବେହେରାଙ୍କ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ କହଁରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଉତ୍ତର ସନ୍ତୋଷଜନକ ହୋଇ ନ ଥିବାରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ନିଲମ୍ବନ ଆଦେଶ ହଟିବା ଯାଏଁ ସେ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ହାଇସ୍କୁଲରେ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ବାଲିଗୁଡ଼ା,୨୭।୭(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖ ୫୯ ନଂ. ଜାତୀୟ ରାଜପଥରେ ରବିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଗୋଟିଏ ବାଇକ୍ ଚୁରମାର୍ ହୋଇଥିବା ବେଳେ ଜଣେ ଚାଳକ ଗୁରୁତର ଓ ଅନ୍ୟ ଚାଳକ ଜଣକ ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛି ପୋଲିସ୍। ଗୁରୁତର ଆହତ ସୀତାପଡ଼ି ଗ୍ରାମର ରଘୁନାଥ ମଲ୍ଲିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଫୁଲବାଣୀସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ଅଗ୍ନିକାଣ୍ଡ: ୩ ପରିବାରର ୮ ବଖରା ଭସ୍ମୀଭୂତ



ଅଗ୍ନି ବିପନ୍ନଙ୍କ ସହ କଥା ହେଉଛନ୍ତି ଅତିରିକ୍ତ ତହସିଲଦାର।

ଖଲ୍ଲିକୋଟ,୨୭।୭(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାରର ୮ ବଖରା ଘର ଭସ୍ମୀଭୂତ ହେବା ସହ ଲକ୍ଷାଧିକ ଟଙ୍କା ଏବଂ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଗ୍ରାମର ବି.ସନ୍ତୋଷୀ ପାତ୍ର, ଏନ. ଶାନ୍ତି ପାତ୍ର ଓ କେ. ପୂର୍ଣ୍ଣଚନ୍ଦ୍ର ପାତ୍ର ଦିନମଜୁରିଆ ହୋଇଥିବାରୁ ସେମାନେ ଧାନ ବିଲରେ କାମ କରିବାକୁ ଯାଇଥିବା ବେଳେ ଘରେ ଅଗ୍ନିକାଣ୍ଡ ଘଟିଛି। ନିଆଁ କିପରି ଲାଗିଲା ଜଣା ପଡି ନ ଥିଲେ ମଧ୍ୟ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳୁଛି। ପ୍ରଥମେ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବରପାଇ ଖଲ୍ଲିକୋଟ ଏବଂ ରମ୍ଭା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୩ ପରିବାରର ଘରେ ଥିବା ଧାନ, ଚାଉଳ, ପେଡି, ଆଲମାରୀରେ ଥିବା ଲୁଗାପଟା, ଟଙ୍କା, ସୁନା ଆଦି ସବୁ ପୋଡି ଯାଇଥିଲା। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ, କେଶପୁର ଆର୍‌ଆଇ ମୋହନ ପାତ୍ର ପ୍ରମୁଖ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନଙ୍କୁ ପାଲ ପ୍ରଦାନ କରାଯାଇଛି।

ଅଗ୍ନି ବିପନ୍ନ ଏନ. ଶାନ୍ତିଙ୍କ ସ୍ୱାମୀ ଏନ. ତାରେଶ୍ୱର ପାତ୍ର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ସେହିପରି ବି .ସନ୍ତୋଷୀଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଥିବା ବେଳେ ସେ ଦିନ ମଜୁରି କରି ରଖିଥିବା ଟଙ୍କାରେ ନିଆଁ ଲାଗିଯାଇଛି। ସେ ଓଦା ଏବଂ ଅଧାପୋଡା ୫୦୦ ଟଙ୍କିଆ ନୋଟ ବିଡାକୁ ଧରି ଦାଣ୍ଡରେ ଭୋ ଭୋ କାନ୍ଦି ଗଡୁଥିବା ଦେଖାଯାଇଥିଲା। ସର୍ବସ୍ୱ ହରାଇଥିବା ୩ ଗରିବ ପରିବାରକୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲା ଲେଖକ ସାମ୍ମୁଖ୍ୟର ସାହିତ୍ୟ ଆସର




ସାହିତ୍ୟ ସୃଜନ ସମାବେଶରେ ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ସହ ଅନ୍ୟମାନେ।

ଫୁଲବାଣୀ,୨୭।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଲେଖକ ସାମ୍ମୁଖ୍ୟର ମାସାନ୍ତ ରବିବାସରୀୟ ସାହିତ୍ୟ ସୃଜନ ସମାବେଶ ଗୋଛାପଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଲେଖକ ସାମ୍ମୁଖ୍ୟର ନୂତନ ଶାଖା ଗୋଛାପଡାଠାରେ ଉଦଘାଟିତ ହୋଇଥିଲା। ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କବି ବିଦେଶୀ ନାୟକ ଓ ଶିକ୍ଷାବିତ ତ୍ରିଲୋଚନ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଉତ୍ତମ ଚିକିତ୍ସିକା ଭାବେ ସାଇସ୍ତା ପରବିନ, ଉତ୍ତମ ସ୍ୱାସ୍ଥ୍ୟ ସେବକ ଭାବେ ପ୍ରଶାନ୍ତ କୁମାର ସାହୁ, ଆଦର୍ଶ ଶିକ୍ଷକ ଭାବେ ରମେଶ କୁମାର ସାହୁ, ଶିଶିର କୁମାର ରାଉତରାୟ, ଉତ୍ତମ ନାଟ୍ୟଗୁରୁ ଭାବେ ପଞ୍ଚୁଦେବ ପ୍ରଧାନ, ମେଧାବୀ ଛାତ୍ର ଅନିରୁଦ୍ଧ ସାହୁ ଏବଂ ସୁକୁମାରୀ କହଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ଧଳ ମଞ୍ଚ ସଂଯୋଜନା କରିଥିବା ବେଳେ ଉପ ସଭାପତି ଅଶୋକ କୁମାର ମିଶ୍ର ଅତିଥି ପରିଚୟ ଓ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଜ୍ୟୋର୍ତିମୟୀ କହଁର, ଅଧ୍ୟାପିକା ହରପ୍ରିୟା ମିଶ୍ର, ଛାତ୍ରଛାତ୍ରୀ ଓ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଲେଖକ ସାମ୍ମୁଖ୍ୟ ଉପସଭାପତି ବିଜୟ କୁମାର ମହାନ୍ତି, ପୁର୍ଣ୍ଣେନ୍ଦୁ ତ୍ରିପାଠୀ, ବନ ବିହାରୀ ନନ୍ଦ, ନବ କିଶୋର ରଥ, ଦୁର୍ଯ୍ୟୋଧନ ପ୍ରଧାନ, ଆରତି ପରିଛା, ବନିତା ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନୂତନ ଗୋଛାପଡା ଶାଖାର ସଭାପତି ଭାବେ ମୋହନ ଦିଗାଲ, ଉପ ସଭାପତି ପ୍ରେମଲତା ସାହୁ, ସମ୍ପାଦକ ନାଭିଦତ୍ୟ ଦିଗାଲ, ସହ ସମ୍ପାଦକ ନୀଳକାନ୍ତି ସାହୁ, ସଂଗଠନ ସମ୍ପାଦକ ଅର୍ଜୁନ କହଁର, କୋଷାଧ୍ୟକ ଗୌରାଙ୍ଗ କହଁର ପ୍ରମୁଖ ମନୋନୀତ ହୋଇଥିଲେ।

### ତୁରୁବୁଡିରେ ଲାଗିଲା ୫ଶହ ଚାରା

ପାତ୍ରପୁର,୨୭।୭(ଉମା ଚରଣ ନେପାକ)

ବ୍ରହ୍ମପୁର ବନଖଣ୍ଡ ଅଧୀନ ସାମନ୍ତିଆପଲ୍ଲୀ ବନାଞ୍ଚଳର ତୁରୁବୁଡିଠାରେ ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ସାମିଲ ହୋଇ ଚାରାରୋପଣ କରିଥିଲେ। ଚିକିଟି କଂଗ୍ରେସ ନେତା ରବୀନ୍ଦ୍ର ଦ୍ୟାନ ସାମନ୍ତରା, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୟ ଦାସବର୍ମା, ତୁରୁବୁଡି ସମିତିସଭ୍ୟ ଭାରତ ଭୂଷଣ ସାହୁ, ପ୍ରମୋଦ ସାହୁ, ଉମାକାନ୍ତ ସାହୁ, କିଶୋର ଚନ୍ଦ୍ର ସାହୁ, ସନ୍ତୋଷ ଦାସ, ଭୋଳେଶ୍ୱର ସାହୁ ,ପ୍ରଦ୍ୟୁମ୍ନ କୁଣ୍ଡ, ବିଜୟ ରଣା, ଏ. ମୋହନ ରାଓ, ଫରେଷ୍ଟର ରାଜେନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୫ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

### ମଲାଡ଼ରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ

ଗଞ୍ଜାମ,୨୭।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାର୍ଯ୍ୟ ଚାଲିଛି। କୁଶପଲ୍ଲୀଠାରେ ୮ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ, ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଲାଡ଼ କାଞ୍ଚନେଶ୍ୱର ହାଇସ୍କୁଲ ଖେଳ ପଡିଆ ନିର୍ମାଣ, ୮ ଲକ୍ଷରେ ରାଉଳିବନ୍ଧ ଡ୍ରେନ ଓ ବରୋଦା ଗ୍ରାମରେ ୨ଟି ଗାର୍ଡ ୱାଲ ନିର୍ମାଣ ଚାଲିଛି। ଏସବୁ କାର୍ଯ୍ୟକୁ ସରପଞ୍ଚ ମମତା ବେହେରା ନିଜେ ଅନୁଧାନ କରୁଛନ୍ତି। ନିମ୍ନମାନର କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସରପଞ୍ଚଙ୍କ ଅନୁଧାନ ବେଳେ ସମିତି ସଭ୍ୟ ପ୍ରତିନିଧି ଲିଙ୍ଗରାଜ ମହାପାତ୍ର, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା, ଭାଜପା ମଣ୍ଡଳ ସଭାପତି ଟୁକୁନା ସାହୁ, ସନ୍ତୋଷ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ସୂର୍ଯ୍ୟ ଘର ଯୋଜନା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଛତ୍ରପୁର,୨୭।୭(ଦିଲ୍ଲୀପ ସାମଲ)

ପରିବେଶ ସୁରକ୍ଷା ପାଇଁ ଅକ୍ଷୟ ଶକ୍ତିର ବ୍ୟବହାର କରି ବିଦ୍ୟୁତ୍ ବିଲ କମାଇବା ଉଦ୍ଦେଶ୍ୟରେ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁରସ୍ଥିତ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଏନଏସି ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ୟୁଥ ମାସ ସେବା ସଂଘର ସମ୍ପାଦକ ସୟଦ ମୁକ୍ତାର, ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାଶ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ, ଠିକାଦାର ବଇଁଶୀ ସାହୁ ପ୍ରମୁଖ ଯୋଗଦେଇ ପରିବେଶ ବଞ୍ଚାଇବାରେ ଏହି ଯୋଜନାର ପ୍ରମୁଖ ଭୂମିକା ରହିଥିବା କହିଥିଲେ । ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସବସିଡ଼ି ବିଷୟରେ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଜୟପ୍ରଭା ଇଲେକ୍ଟ୍ରିକାଲ ଆଣ୍ଡ ଇଞ୍ଜିନିୟର ସଂସ୍ଥାର ଅବିନାଶ ପରିଡା ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ବୁଝାଇଥିଲେ। ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୟଦ ମୁକ୍ତାର ଧନ୍ୟବାଦ ଅର୍ପଣ କରିଥିଲେ।

# ଲାୟନ୍ସ କ୍ଲବର ଅଧିଷ୍ଠାନ ସମାରୋହ

କବିସୂର୍ଯ୍ୟନଗର,୨୭।୭ (କୃପାସିନ୍ଧୁସ୍ୱାଇଁ)

କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ସଭାପତି ରୂପେ ରବିବାର କୃପାସିନ୍ଧୁ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏନେଇ ଅନୁଷ୍ଠିତ ଅଧିଷ୍ଠାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଲାୟନ୍ସ ପିଡ଼ିଜି, ପିଏମ୍‌ଜେଫ ତଥା ଇଷ୍ଟାଲେସନ ଅଫିସର ହରିହର ଦାସ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ପୂର୍ବତନ ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଜାତୀୟ ସଙ୍ଗୀତ ଗାନ, ଇନଭୋକେଶନ, ପିସ୍ ପ୍ରେୟାର, ବିଶ୍ୱଶାନ୍ତି ପାଇଁ ମିନିଟିଏ ନୀରବ ପ୍ରାର୍ଥନା ହୋଇଥିଲା । ଇନଷ୍ଟାଲେଶନ ଅଫିସର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ନୂତନ ସଭାପତି ଖବରଦାତା ଇଂ. କୃପାସିନ୍ଧୁ ସ୍ୱାଇଁ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସର୍ଭିସ ଚେୟାର ପରଶନ ଇଂ. ଦିଲ୍ଲୀପ ଖଣ୍ଡୁଆଳ, ଡାଇରେକ୍ଟର ସୁକୁମାର, ଡାଇରେକ୍ଟର ଡ଼. ଭାଗୀରଥି ଶତପଥୀ, ଡାଇରେକ୍ଟର ଡ଼. ଅକ୍ଷୟ ମିଶ୍ର, ନୂତନ ଉପସଭାନେତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର, ନୂତନ ସମ୍ପାଦକ ପ୍ରଭାସ ଚନ୍ଦ୍ର ନାହାକ, କୋଷାଧ୍ୟକ୍ଷ ସୁପ୍ରଭା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଡାଇରେକ୍ଟର ସୁକୁମାର ମାଝୀ ଧନ୍ୟବାଦ ଦେଇଥିଲେ ।

# ଥାନା ଚାରିପଟୁ ଜବରଦଖଲ ଉଚ୍ଛେଦ ଆରମ୍ଭ



ଜବରଦଖଲରେ ଥିବା ଲୋକଙ୍କ ବାସସ୍ଥାନକୁ ଉଚ୍ଛେଦ କରାଯାଇଛି।

ଦାରିଙ୍ଗବାଡ଼ି,୨୭।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଚାରିପଟକୁ ଜବରଦଖଲ କରି ଏକାଧିକ ଲୋକ ବସବାସ କରୁଛନ୍ତି। ଏଥିଯୋଗୁ ଥାନା ପରିସର ଦିନକୁ ଦିନ ସଙ୍କୁଚିତ ହୋଇପଡୁଛି। ତେବେ ରବିବାରଠାରୁ ଥାନା ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ଥାନା ଅଧିକାରୀ ତଥା ଡିଏସ୍‌ପି କନକ କୁମାର ମାଝୀଙ୍କ ନେତୃତ୍ୱରେ ସଦଳବଳ ଉପସ୍ଥିତିରେ ଥାନା ମୁଖ୍ୟ ଫାଟକଠାରୁ ବସ୍‌ଷ୍ଟାଣ୍ଡ ରୋଡରେ ଉଚ୍ଛେଦ ଆରମ୍ଭ ହୋଇଛି। ଥାନା ସମ୍ମୁଖ ଏବଂ ପଛପାଖ ସମସ୍ତ ଅଞ୍ଚଳ ଦୀର୍ଘବର୍ଷ ହେଲା ଜବରଦଖଲ ହୋଇ ରହିଛି। ଥାନାର ଏବେ ପକ୍କା କଂକ୍ରିଟ ପାଚେରି ନିର୍ମାଣ କରାଯିବାକୁ ରହିଛି। ତେଣୁ ପୋଲିସ ବଡ଼ ପଦକ୍ଷେପ ନେଇ ଜବରଦଖଲ ଉଚ୍ଛେଦ କରୁଥିବା ଡିଏସ୍‌ପି ମାଝୀ କହିଛନ୍ତି। ପ୍ରଥମ ଦିନ ଛୋଟବଡ଼ ବାସଗୃହ ସମେତ ଦୋକାନ ଗୃହ ଆଦି ଉଚ୍ଛେଦ କରାଯାଉଛି।

# ବର୍ଷ ସାରା ମିଳିବ ପଣସ

ଫୁଲବାଣୀ, ୨୭।୭ (ରାକେଶ କୁମାର ରାଉତ)

**ପ୍ରକ୍ରିୟାକରଣ ୟୁନିଟ୍ ପ୍ରସ୍ତୁତ କରିବ କଞ୍ଚା, ପାଚିଲା ପଣସରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ**

ପଣସ କଠା ତରକାରୀ ହେଉ ଅବା ଚିପ୍‌ସର ସ୍ୱାଦ ନିଆରା। ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଏହା ମିଳେ। ଆଉ ପଣସ ପାଇଁ ବର୍ଷର ସେହି ଗୋଟିଏ ସମୟକୁ ଅପେକ୍ଷା କରିବାକୁ ପଡ଼ିବନି। ଏଣିକି ବର୍ଷସାରା ଉପଲବ୍ଧ ହେବ ପ୍ରକ୍ରିୟାକୃତ କଠା ପଣସ ଓ ଚିପ୍‌ସ। ପ୍ୟାକେଟରେ ମିଳିବ ପନିର କଟ୍ ଓ ଚିପ୍‌ସ। ପ୍ୟାକେଟ ଖୋଲି ତରକାରି କରିହେବ ଅବା ଚିପ୍‌ସ ଛାଣି ହେବ ।

ହଳଦୀ ଓ ଅଦା ପାଇଁ ପ୍ରସିଦ୍ଧି ଲାଭ କରିଥିବା କନ୍ଧମାଳ ଜିଲାର ଅନ୍ୟତମ ପ୍ରମୁଖ କୃଷି ଉତ୍ପାଦ ହେଉଛି ପଣସ। ମାତ୍ର ଏଯାଏ ଚାଷୀଙ୍କୁ ପ୍ରକୃତ ଲାଭ ମିଳିପାରିନାହିଁ। ଜ୍ୟାକଫ୍ରୁଟ ମିଶନ ଜରିଆରେ ଏବେ କନ୍ଧମାଳର ପଣସରୁ ହେଉଥିବା ଉତ୍ପାଦ ଯଥା ପନିରକଟ, ପଣସ ଚିପ୍‌ସ ଓ ପଣସ ପାଉଡରକୁ ଜାତୀୟ ସ୍ତରରେ ପରିଚିତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ବଜାରରେ ଏସବୁ ସାମଗ୍ରୀର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟିକ ଭିତ୍ତିରେ ଏହାର ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ଚଳିତ ବର୍ଷ ପ୍ରାୟ ୫୦୦ କୁଇଣ୍ଟାଲ ପଣସ ପ୍ରକ୍ରିୟାକରଣ ପାଇଁ ଯୋଜନା ହୋଇଛି। କନ୍ଧମାଳ ଆପେକ୍ସ ସ୍ପାଇସେସ ଆସୋସିଏଶନ ଫର୍ ମାର୍କେଟିଂ ଏହାର ଦାୟିତ୍ୱ ନେଇଛି।

ଜିଲାରେ ପ୍ରତି ବର୍ଷ ୬ ଲକ୍ଷ ଟନ୍ ପଣସ ଓ ୯ ଲକ୍ଷ ଟନ୍ ଆମ୍ବ ଅମଳ ହୁଏ। ଏଥିରୁ ଅଧିକ ପରିମାଣର ଫଳ ବଣ ଜଙ୍ଗଲରେ ଗଛରୁ ପ୍ରାକୃତିକ ଭାବେ ମିଳିଥାଏ। କିଛି ଉଦ୍ୟାନ କୃଷି ଜରିଆରେ ମଧ୍ୟ ଚାଷ ହେଉଛି। ତେବେ ଶୀତଳଭଣ୍ଡାର ଓ ପ୍ରକ୍ରିୟାକରଣ ଶିଳ୍ପ ନ ଥିବାରୁ ଜିଲାରେ ଉତ୍ପାଦିତ ଆମ୍ବ ଓ ପଣସ ବିଶେଷ କାମରେ ଲାଗୁ ନ ଥିଲା। ଏଥିରେ ପରିବର୍ତ୍ତନ ଆଣିବାକୁ ଗତବର୍ଷଠାରୁ ସରକାରୀ ସ୍ତରରେ ପଦକ୍ଷେପ ଆରମ୍ଭ ହୋଇ ଓଡ଼ିଶା ଜ୍ୟାକଫ୍ରୁଟ ମିଶନରେ କନ୍ଧମାଳ ସମେତ କଳାହାଣ୍ଡି, କୋରାପୁଟ ଓ ଢେଙ୍କାନାଳ ଜିଲାକୁ ସାମିଲ କରାଯାଇଛି। ରାଜ୍ୟ ଉଦ୍ୟାନ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ଏହି ମିଶନରେ କନ୍ଧମାଳ ଜିଲାର କଳିଙ୍ଗାଠାରେ ଥିବା ଉଦ୍ୟାନ କୃଷି ତାଲିମ କେନ୍ଦ୍ର ପରିସରରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏକ ପଣସ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରାଯାଇଛି। ଏଠାରେ କଞ୍ଚା ଓ ପାଚିଲା ପଣସର ପ୍ରକ୍ରିୟାକରଣ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ସହ ସଂରକ୍ଷଣ ହେବ। ୫ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏକ ଶୀତଳ ଭଣ୍ଡାର ମଧ୍ୟ ନିର୍ମାଣ ହୋଇଛି। ଏହି ଉଦ୍ୟୋଗ ଦୈନିକ ୫୦୦ କିଲୋ ପର୍ଯ୍ୟନ୍ତ ପଣସ ପ୍ରକ୍ରିୟାକରଣ କ୍ଷମତା ରଖିଛି। ୟୁନିଟ ପରିଚାଳନା ଦାୟିତ୍ୱ ଜିଲାର ଅଗ୍ରଣୀ କୃଷି ଉଦ୍ୟୋଗ ସଂସ୍ଥା 'କସମ' ନେଇଛି।

ଗତ ବର୍ଷଠାରୁ ପରୀକ୍ଷାମୂଳକ ଭାବେ ଏହି ୟୁନିଟ୍ ପଣସର ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ଆରମ୍ଭ କରି ବଜାରରେ ଚାହିଦା ଅନୁସାରେ ଉତ୍ପାଦନ କ୍ଷମତା ବଢ଼ାଇବାକୁ ଲକ୍ଷ୍ୟ ରଖିଥିବା କସମ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ କହିଛନ୍ତି। ଏଠାରେ ଉଭୟ କଞ୍ଚା ଓ ପାଚିଲା ପଣସକୁ ପ୍ରକ୍ରିୟାକରଣ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଛି। କଞ୍ଚା ପଣସରୁ ତିଆରି ହେଉଛି ପନିର କଟ୍। ଏହା ତରକାରି ପାଇଁ ବ୍ୟବହୃତ ହୋଇପାରିବ। ପଣସର ମଞ୍ଜି ଦଣ୍ଡାକୁ ଶୁଖାଇ ସେଥିରୁ ପ୍ରସ୍ତୁତ ହେଉଥିବା ଗୁଣ୍ଡ ମଧୁମେହ ରୋଗୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପାଚିଲା ପଣସରୁ ପ୍ରସ୍ତୁତ ହେଉଛି ମଣ୍ଡ ଅଟା। ତେବେ ୟୁନିଟର ପ୍ରମୁଖ ଉତ୍ପାଦ ହେଉଛି ପଣସ ଚିପ୍‌ସ । ଅଧା ପାଚିଲା ପଣସରୁ ପ୍ରସ୍ତୁତ ହେଉଥିବା ଏହି ଚିପ୍‌ସର ଚାହିଦା ବଜାରରେ ରହିଛି ବୋଲି କସମ ସମ୍ପାଦକ ପଟ୍ଟନାୟକ କହନ୍ତି। ଆଳୁ, ଦେଶୀଆଳୁ, କଞ୍ଚା କଦଳୀ ଭଳି ପଣସ ଚିପ୍‌ସ ମଧ୍ୟ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବଜାରକୁ ପଠାଯାଉଛି। ଫୁଲବାଣୀ ସହର ସମେତ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରରେ କସମ ତା'ର ଅଧିକୃତ ବିକ୍ରେତା ନିଯୁକ୍ତି କରି ଏହାର ବଜାର ବ୍ୟବସ୍ଥାକୁ ଦୃଢ଼ କରୁଛି।



ପ୍ରକ୍ରିୟାକରଣ ମେଶିନ୍।

# ଜଗନ୍ନାଥ ମନ୍ଦିର ନିର୍ମାଣ ଅଗ୍ରଗତି ନେଇ ଆଲୋଚନା

## ପ୍ରତ୍ୟେକ ୱାର୍ଡରୁ ଜଣେ ରହିବେ କମିଟି ସଦସ୍ୟ

ଗଞ୍ଜାମ,୨୭।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବଡ଼ ବଜାରଠାରେ ଥିବା ବହୁ ପୁରାତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ନେଇ ଜଗନ୍ନାଥ ମନ୍ଦିର ନିର୍ମାଣ ସମିତି ଓ ପୁରୁଣା କମିଟିର ଏକ ବୈଠକ ରବିବାର ବଡ଼ ବଜାର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ବଡ଼ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ପଲେଇ, ଦଇତାପତି ପ୍ରଭାକର ପାଣିଗ୍ରାହୀ, ଯୁଧିଷ୍ଠିର ମହାନ୍ତି, ଗୋପାଳ ବେହେରା, ଭିକାରି ବେହେରା, ସୁଦାମ ଚରଣ ଜେନା, ସୁଧୀର ପାଢ଼ୀ, ପ୍ରଣବ ପ୍ରଧାନ, ବଟକୃଷ୍ଣ ରାଉଳ, କାଙ୍ଗା ପଲାଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ୱାର୍ଡ ବା ସାହିରୁ ଜଣେ ବ୍ୟକ୍ତି କାର୍ଯ୍ୟକାରୀ ସଦସ୍ୟ ରହିବାକୁ ଆଲୋଚନାରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ଅଗଷ୍ଟ ୧୭ରେ ସହରର ଜନସାଧାରଣଙ୍କୁ ନେଇ ଡମଣାସାହିସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିରଠାରେ ଏକ ବୈଠକ କରିବାକୁ ସ୍ଥିର ହୋଇଥିଲା। ସିମେଣ୍ଟ ଇଟାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଉ ସିମେଣ୍ଟ ଇଟା ମନ୍ଦିର ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେବନାହିଁ ବୋଲି ନିଷ୍ପତ୍ତି ହୋଇଥିଲା।

# ସରକାରଙ୍କ ନୂଆ ନିର୍ଦ୍ଦେଶନାମାକୁ ବିରୋଧ

## ଓଡିଶା ମେଡିକାଲ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର,୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)



ବୈଠକରେ ସଂଘର କର୍ମକର୍ତ୍ତା।

ରାଜ୍ୟର ସମସ୍ତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଭାଗ ଆଉଟସୋର୍ସିଂ କର୍ମଚାରୀଙ୍କ ଦ୍ୱାରା ଚାଲିଛି। ତେବେ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ତ ଦୂରର କଥା ସେମାନଙ୍କୁ ମୌଳିକ ସୁବିଧା ଯୋଗାଇବାରେ ମଧ୍ୟ ବିଭିନ୍ନ ସରକାର ବିଫଳ । ପୂର୍ବରୁ କର୍ମଚାରୀ ସଂଘ ଦ୍ୱାରା ଆନ୍ଦୋଳନ ଫଳରେ ମିଳିଥିବା କିଛି ସୁବିଧା ସୁଯୋଗକୁ ମଧ୍ୟ ବର୍ତ୍ତମାନର ଭାଜପା ସରକାର ଲାଗୁ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ରବିବାର ଓଡିଶା ମେଡିକାଲ କର୍ମଚାରୀ ସଂଘ ଗଞ୍ଜାମ ଜିଲା କମିଟି ତରଫରୁ ହିଞ୍ଜିଳିକାଟୁ ନିକଟ ଶ୍ୟାମଳାଇ ମନ୍ଦିର ପରିସରରେ ଜିଲା ସଭାପତି ହିମାଂଶୁ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସେ କହିଲେ ଯେ, ପୂର୍ବରୁ ରାଜ୍ୟର ସମସ୍ତ ବିଭାଗର ଆଉଟସୋର୍ସିଂ କର୍ମଚାରୀଙ୍କ ମିଳିତ ଆନ୍ଦୋଳନ ଫଳରେ ପୂର୍ବର ବିଜେଡି ସରକାରଙ୍କ ଦ୍ୱାରା ୨୫ ପ୍ରତିଶତ ଦରମା ବୃଦ୍ଧି, ମାତୃତ୍ୱକାଳୀନ ଛୁଟି ବ୍ୟବସ୍ଥା, ବାର୍ଷିକ ଅତିରିକ୍ତ ୧୨ଟି ଛୁଟି ଓ ପାଞ୍ଚବର୍ଷିଆ ଅଭିଜ୍ଞତା ଭିତ୍ତିକ ଦରମା ବୃଦ୍ଧି ଘୋଷଣା କରାଯାଇଥିଲା। ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଅନ୍ୟପଟେ ଏଜେନ୍ସିଗୁଡିକ ଦ୍ୱାରା ବିଭିନ୍ନ ରାସ୍ତାରେ ଶୋଷଣ ବୃଦ୍ଧି ପାଇଛି। ମାସାଧିକ କାଳ ଦରମା ବକେୟା ରହୁଛି, ଇପିଏଫ/ଇଏସଆଇ ବାବଦ ଅର୍ଥ ପୈଠ ହେଉନି। ପ୍ରତିବାଦ କଲେ ଛଟେଇ ଧମକ ମିଳୁଛି। ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆଉଟସୋର୍ସିଂ ଟେଣ୍ଡର ଓ ନିଯୁକ୍ତିକୁ ନେଇ କଟକଣା ଲଗାଯାଇ ଅର୍ଥ ବିଭାଗର ବିନା ନିର୍ଦ୍ଦେଶରେ ଟେଣ୍ଡରକୁ ଅନୁମତି ନ ଦେବାକୁ ନିର୍ଦ୍ଦେଶନାମା ଲାଗୁ କରାଯାଇଛି। କିନ୍ତୁ ଟେଣ୍ଡର ଅବଧି ସରିଗଲେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କ ଭବିଷ୍ୟତ କ'ଣ ହେବ ତାହା ସ୍ପଷ୍ଟ କରାଯାଇନାହିଁ। ତେଣୁ ସରକାରଙ୍କ ଏହି ନୂଆ ନିଷ୍ପତ୍ତିକୁ ବୈଠକରେ ବିରୋଧ କରାଯାଇଛି । ଏଥି ସହିତ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଫେଇ କର୍ମଚାରୀ ପାଇଁ ବୀମା, ମୋବାଇଲ ଫୋନ ଓ ସହରୀ ଆବାସ ଯୋଜନାରେ ସାମିଲ କରିବାକୁ ଘୋଷଣା କରାଯାଇଛି। କିନ୍ତୁ ଏହି ଘୋଷଣା କେବଳ ସ୍ୱେରେଜ ଓ ସେପ୍ଟିକ ଟାଙ୍କି ସଫା କରୁଥିବା ଅଳ୍ପ ସଂଖ୍ୟକ କର୍ମଚାରୀ ମାନଙ୍କ ପାଇଁ ପ୍ରଯୁଜ୍ୟ ହୋଇପାରେ। କିନ୍ତୁ ମେଡିକାଲ ଆଉଟସୋର୍ସିଂ ସଫେଇ କର୍ମଚାରୀ ଓ ସହରାଞ୍ଚଳ ସଫେଇ କର୍ମଚାରୀମାନେ ଏହା ଦ୍ୱାରା ଲାଭାନ୍ୱିତ ହୋଇପାରିବେ ନାହିଁ। ତେଣୁ ଏହାର ବି ପ୍ରତିବାଦ କରାଯାଇଛି । ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ବିଭିନ୍ନ ସ୍ୱାସ୍ଥ୍ୟ ସ୍କିମର କର୍ମଚାରୀ ମାନେ ଯୋଗ ଦେଇଥିଲେ । ସଂଘ ତରଫରୁ ଯାହା ଦାବି ରହିଛି, ତାହା ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟସ୍ତରରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ଆବାହକ ତଥା ସର୍ବ ଭାରତୀୟ ଶ୍ରମିକ ସଂଗଠନ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ସଭାପତି ହିମାଂଶୁ ପଟ୍ଟନାୟକ, ସଂଘର ଜିଲା ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରା, ଆଦର୍ଶ ବିଦ୍ୟାଳୟ କର୍ମଚାରୀ ନେତା ପ୍ରଶାନ୍ତ ପରିଚ୍ଛା, ପୌର କର୍ମଚାରୀ ନେତା ଉତ୍ତମ ନାୟକ, ପ୍ରେମାନନ୍ଦ ସାହୁ, ବିକ୍ରମ ବିଷୋୟୀ, ସୁଶାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କ ତଣ୍ଟି ଚିପି ହତ୍ୟା, ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ମହୁଡ଼ା ପଞ୍ଚାୟତ କୁମାରପୁର ଗ୍ରାମରେ ଜଣେ ୨୦ ବର୍ଷୀୟ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକ ଅଧିକ ଯୌତୁକ ଦାବି କରି ହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ଉକ୍ତ ଗ୍ରାମର ମନୋଜ ପ୍ରଧାନଙ୍କ ସ୍ତ୍ରୀ ତୁଳସା ପ୍ରଧାନ। ଏନେଇ ତୁଳସାଙ୍କ ଭାଇ ରବୀନ୍ଦ୍ର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ସଦର ଥାନା ପୋଲିସ ତାଙ୍କ ସ୍ୱାମୀ ମନୋଜ କୁମାର ପ୍ରଧାନ(୨୨)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୁମାରପୁର ଗ୍ରାମର ମନୋଜ ଆଜକୁ ୨ ବର୍ଷ ତଳେ ଉକ୍ତ ଗ୍ରାମର ତୁଳସାଙ୍କୁ ପ୍ରେମ ବିବାହ କରିଥିଲେ । ବିବାହର କିଛି ମାସ ପରେ ଉଭୟଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ହେଲେ ମନୋଜ ଅନେକ ସମୟରେ ଯୌତୁକ ଆଣିବାକୁ ତୁଳସାଙ୍କୁ ବାଧ କରିବା ସହ ତାଙ୍କୁ ମାରପିଟ କରୁଥିଲେ । ୧୦ ଦିନ ତଳେ ବାପ ଘରୁ ଏକ ଗାଡି ଓ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ ମନୋଜ କହିଥିଲେ। ଏହି କାରଣକୁ ନେଇ ମନୋଜ ଓ ତାଙ୍କ ସ୍ତ୍ରୀ ତୁଳସା ମଧ୍ୟରେ କଳହ ଲାଗି ରହିଥିଲା । ମନୋଜ କାମକୁ ନଯାଇ ଦିନରାତି ମଦ୍ୟପାନ କରି ଘରକୁ ଆସି ତୁଳସାଙ୍କ ସହ ଝଗଡା କରୁଥିଲେ ବୋଲି ତୁଳସାଙ୍କ ଭାଇ ରବୀନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୫ ତାରିଖ ପୂର୍ବାହ୍ନରେ ତୁଳସା ତାଙ୍କ ଶଶୁର ଘରେ ମରି ପଡିଥିବା ଖବର ପାଇ ତୁଳସାଙ୍କ ଭାଇ ଓ ପରିବାର ଲୋକେ ଜାଣିବାକୁ ପାଇଥିଲେ । ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରାଇବା ପରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତୁଳସାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ପୋଲିସ ନିକଟରେ ତାଙ୍କ ଭାଇ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମନୋଜଙ୍କୁ ଗିରଫ କରିଥିଲା ବୋଲି କହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତୁଳସାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଟ୍ରାକ୍ଟର ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର

ବୁଗୁଡ଼ା,୨୭।୭(କାଳିଚରଣଦାଶ)

ବୁଗୁଡ଼ା-ବାଲିପଦର ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଧକ୍କାରେ ୨ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଝୋଲୋରି ଗ୍ରାମର ସୁଶାନ୍ତ ସ୍ୱାଇଁ (୪୮) ଓ ଉମା ଚରଣ ସୱାଇଁ । ସୁଶାନ୍ତ ଓ ଉମା ଝୋଲୋରି ଗ୍ରାମରୁ ବାଇକ୍‌ରେ ବାଲିପଦର ଯାଉଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ବାଲିପଦର ପଟୁ ଖାଇଡା ଯାଉଥିବା ଏକ ଟ୍ରାକ୍ଟର ଉଭୟଙ୍କୁ ଧକ୍କା ଦେଇଥିଲା। ଟ୍ରାକ୍ଟର ଚକାରେ ହଳ କରିବାକୁ ଲାଗିଥିବା ଅତିରିକ୍ତ ଲଙ୍ଗଳ ଚକାଟି ବାଇକ୍‌ରେ ବାଜିଯିବାରୁ ଏପରି ଦୁର୍ଘଟଣା ଘଟିଥିଲା । ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ନିଖିଳ ଓଡ଼ିଶା ପନ୍ଦରା ସମାଜର ସାଧାରଣ ଅଧିବେଶନ


ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୨୭।୭(ସ୍ମୃତି ରଞ୍ଜନ ମହାଲିକ)

ନିଖିଳ ଓଡିଶା ପନ୍ଦରା ସମାଜ ପକ୍ଷରୁ ରବିବାର ଗୋସାଣୀନୂଆ ଗାଁ ଉତ୍ତରେଶ୍ୱର ଭବନ ପରିସରରେ ୨୦ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଅମର କୁମାର ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ପୂର୍ବରୁ ନିଆଯାଇଥିବା ସାମାଜିକ ଉନ୍ନତିମୂଳକ ପଦକ୍ଷେପ ମଧ୍ୟରେ ନାରୀ ଶିକ୍ଷା, ମିଶନ ଶକ୍ତି, ବାଲ୍ୟ ବିବାହ ଓ ବେକାରୀ ସମସ୍ୟା ଦୂରୀକରଣ ସହ ସମାଜରେ ଝିଅ ଓ ପୁଅ ବିବାହର ସରଳୀକରଣ ନିମନ୍ତେ ମେଟ୍ରିମୋନିର ଗୁରୁତ୍ୱ ଏବଂ ଉପଯୋଗିତା ଗୁଡିକୁ ଉପସ୍ଥାପନା କରାଯାଇଥିଲା। ରାଜ୍ୟ ସରକାର ପନ୍ଦରା ସମାଜ ଓ ନାରୀଙ୍କ ନିମନ୍ତେ ପ୍ରଦାନ କରୁଥିବା ସମସ୍ତ ସୁବିଧା କିଭଳି ପାଇପାରିବେ ସଭାପତି ପରାମର୍ଶ ଦେଇଥିଲେ। ପନ୍ଦରା ସମାଜକୁ କୃଷିର ମାନ୍ୟତା ସହ କୃଷି ଭିତ୍ତିକ ସମସ୍ତ ସହଯୋଗ ପ୍ରଦାନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ପନ୍ଦରା ସମାଜର ୮ ଜିଲାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଂପାଦକ ଚନ୍ଦ୍ରଶେଖର ବାଡତ୍ୟା ସଂପାଦକୀୟ ବିବରଣୀ ପାଠ କରିଥିଲେ।

## ଶିବା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ଗିରଫ

ବ୍ରହ୍ମପୁର,୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ୨୦୨୪ ସେପ୍ଟେମ୍ବର ୧୬ ତାରିଖ ହତ୍ୟା କରାଯାଇଥିଲା। ଉକ୍ତ ହତ୍ୟାକାଣ୍ଡର ଫେରାର ଥିବା ମାଷ୍ଟରମାଇଣ୍ଡ ଦକ୍ଷିଣପୁର ଗ୍ରାମ ବଡ଼ ସାହିର ଦୀପକ କୁମାର ସାହୁ ଓରଫ ମଣ୍ଟୁ (୩୨)ଙ୍କୁ ରବିବାର ପୋଲିସ ଗିରଫ କରିଛି। ମାମଲା ନଂ. ୨୯୬/୨୫ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ପୋଲିସ ଏହି ଘଟଣାରେ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ସନ୍ତୋଷ ଗୌଡ଼, ଆସିକା ରୋଡ଼ ସୀତାରାମ ସାହିର ଅମିତ ଗୌଡ଼, ଓ ପାଣିଗ୍ରାହୀପେଣ୍ଠ ସାହି ଆନନ୍ଦ ନଗରର କାହ୍ନା ସେଠୀ, ଲାଞ୍ଜିଆ ଗ୍ରାମର ସନ୍ତୋଷ ଗୌଡ଼ ଓରଫ ବାବୁ, ସୁକାନ୍ତ ନାୟକ ଓ ଶିବା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣା ଦିନ ୫ରୁ୬ଜଣ ଯୁବକ ଶିବାଶିଷଙ୍କୁ ତାଙ୍କ ଘରୁ ଡାକି ନେଇ ଲାଞ୍ଜିଆରେ ହତ୍ୟା କରିବା ପରେ ଡେଙ୍ଗାପଦର ପୋଖରୀରେ ପିଙ୍ଗିଦେଇଥିଲେ। ଏ ନେଇ ମୃତ ଶିବାଶିଷଙ୍କ ବାପା ରାମକୃଷ୍ଣ ଚୌଧୁରୀ ସଦର ଥାନାରେ ଅଭିଯୋଗ କରିଥିଲେ।

# ଜିଲାସ୍ତରୀୟ ଲୋକ ଅଦାଲତରେ ୬୮.୪୧ ଲକ୍ଷ ଟଙ୍କା ଆଦାୟ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି।

ବ୍ରହ୍ମପୁର,୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବ୍ରହ୍ମପୁର ସ୍ଥିତ ଜିଲା ଜଜ କୋର୍ଟ ପରିସରରେ ରବିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରଥ ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କେବଳ ବହୁଦିନ ଧରିବିଚାରାଧୀନ ରହିଥିବା ଚେକ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ହୋଇଛି। ୬ଗୋଟି ବେଞ୍ଚରେ ଏହି ମାମଲା ଗୁଡିକର ଫଇସଲା କରାଯାଇଛି। ୨୩୩ ଚେକ ବଉନ୍ସ ମକଦ୍ଦମା ରୁଜୁ ହୋଇଥିବା ବେଳେ ସେଥି ମଧ୍ୟରୁ ନିଃଶୁଳ୍କ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ୨୦ ମାମଲାର ବିଚାରଣା କରାଯାଇ ୬୮ ଲକ୍ଷ ୪୧ ହଜାର ୬୫୧ ଟଙ୍କା ଆଦାୟ ସହ ମାମଲା ସମାଧାନ କରାଯାଇଛି। ଏହି ବେଞ୍ଚ ଗୁଡିକରେ ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ) -୩ ବିବସ୍ୱତ ଗୌତମ, ଏଡିଜେ-୩ ନରେଶ ମହାନ୍ତି, ଟିଟଫଣ୍ଡ କୋର୍ଟ ଜଜ ସଙ୍ଗୀତା ପାଣି, ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁଶାରତ ଜାହିନ, ଏସଡ଼ିଜେଏମ କୁମାର ସ୍ୱନ୍ଦନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନା ଉପସ୍ଥିତ ରହି ମାମଲା ଗୁଡିକର ଫଇସଲା କରିଥିଲେ। ଡ଼ିଏଲଏସଏ ସଚିବ ଦେବଶ୍ରୀ ସାହୁ ଏହି ଅଦାଲତ ପରିଚାଳନା କରିଥିଲେ।

# ସଚେତନ ହେଲେ ହେପାଟାଇଟିସ୍ ଦୂର ହୋଇପାରିବ

ବ୍ରହ୍ମପୁର ୨୭।୭( ସୁବାସ ଚନ୍ଦ୍ର ପାଢ଼ୀ)

ହେପାଟାଇଟିସ ଏକ ମାରାତ୍ମକ ରୋଗ। କେବଳ ସଚେତନତା ଦ୍ୱାରା ଏହାକୁ ଦୂର କରାଯାଇପାରିବ। ଏହା ସମାଜ ପାଇଁ ଏବେ ଏକ ଆହ୍ୱାନ ହୋଇଛି ବୋଲି ସୋମବାର ବିଶ୍ୱ ହେପାଟାଇଟିସ ଦିବସ ପାଳନ ପୂର୍ବରୁ ରବିବାର ଆଲୋଚନା ବେଳେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ନାୟକ କହିଛନ୍ତି। ଏହି ବର୍ଷର ବିଶ୍ୱ ହେପାଟାଇଟିସ ଦିବସର ଥିମ ହେଉଛି 'ଏକ ସୁସ୍ଥ ଯକୃତ ପାଇଁ ଏକଜୁଟ ହେବା', ଯାହା ସମାଜରେ ହେପାଟାଇଟିସ ରୋଗର ପ୍ରତିରୋଧ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦେଇଛି। ହେପାଟାଇଟିସ ଏକ ଗୁରୁତର ଯକୃତ ରୋଗ, ଯାହା ମୁଖ୍ୟତଃ ହେପାଟାଇଟିସ ଏ, ବି, ସି, ଡି ଓ ଇ ଭୁତାଣୁ ଦ୍ୱାରା ହୁଏ। ଏହା ଅସୁରକ୍ଷିତ ଖାଦ୍ୟ, ପାଣି, ଅସୁରକ୍ଷିତ ଯୌନ ସମ୍ପର୍କ, ଅପରିଷ୍କାର ଇଞ୍ଜେକ୍ସନ ଓ ରକ୍ତ ସଞ୍ଚାରଣ ମାଧ୍ୟମରେ ବ୍ୟାପିଥାଏ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ଓଡ଼ିଶାରେ ହେପାଟାଇଟିସ ବି ଓ ସି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି, ଯାହା ଏକ ଚିନ୍ତାର ବିଷୟ। ଏହି ଅବସରରେ ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ସଚେତନତା ରାଲି, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଡାକ୍ତରମାନେ ସାଧାରଣ ଜନତାଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ ଓ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ହେପାଟାଇଟିସ ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ହେପାଟାଇଟିସକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ସଚେତନତା ହିଁ ଏହାର ମୁଖ୍ୟ ଅସ୍ତ୍ର ବୋଲି ଜିଲା ସ୍ୱାସ୍ଥ୍ୟାଧିକାରୀ କହିଛନ୍ତି। ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ଯେ ସୁରକ୍ଷିତ ପାନୀୟ ଜଳ, ସଠିକ ପରିଚ୍ଛନ୍ନତା ଓ ସମୟ ଅନୁସାରେ ଟୀକାକରଣ ହେପାଟାଇଟିସ ରୋଗରୁ ରକ୍ଷା କରିପାରେ। ଏହି ଦିବସ ଆମକୁ ଏକ ସୁସ୍ଥ ଓ ରୋଗମୁକ୍ତ ସମାଜ ଗଠନ ପାଇଁ ଏକଜୁଟ ହେବାର ସୁଯୋଗ ଦେଇଛି।ସମସ୍ତେ ମିଳିତ ଭାବେ ଏହି ରୋଗ ବିରୋଧରେ ଲଢ଼ିବା ଓ ସଚେତନତା ବିସ୍ତାର କରିବା ପାଇଁ ଆଜି ପ୍ରତିଜ୍ଞାବଦ୍ଧ ହେବା ଦରକାର ବୋଲି ଡା. ନାୟକ କହିଛନ୍ତି।

## ହତ୍ୟା ମାମଲାର ସାକ୍ଷୀଙ୍କୁ ଧମକ ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ହତ୍ୟା ମାମଲାର ସାକ୍ଷୀଙ୍କୁ ଧମକ ଦେବା ଅଭିଯୋଗରେ ସଦର ଥାନା ପୋଲିସ ଦକ୍ଷିଣପୁର ଗ୍ରାମର ରାମକୃଷ୍ଣ ନାହାକ ଓରଫ ବୁଲୁ(୩୮)ଙ୍କୁ ଗିରଫ କରିଛି। ମାମଲା ନଂ, ୩୩୧/୨୫ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨୦୨୪ରେ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତ ଥିବା ବୁଲୁଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସାଗର ମହାଙ୍କୁଡ ନାମକ ଜଣେ ଯୁବକ ସାକ୍ଷୀ ଥିଲେ । ବୁଲୁ ଜେଲରୁ ଜାମିନରେ ଆସିବା ପରେ ସାଗର ମହାଙ୍କୁଡଙ୍କୁ ଧମକ ଦେଇଥିଲେ । ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ବୁଲୁ କୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିବା ସହ ସାକ୍ଷୀଙ୍କୁ ଧମକ ଦେଇଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

# ପଞ୍ଚମା ସିଦ୍ଧ ବିନାୟକ ପୀଠ ନୂତନ କମିଟି ଗଠିତ

ଗୋପାଳପୁର,୨୭।୭(ନବୀନ ରାଜ ଆଚାରୀ)


ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ପଞ୍ଚମାସ୍ଥିତ ଶ୍ରୀସିଦ୍ଧ ବିନାୟକ ପୀଠରେ ୩୧ ଜଣିଆ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଅଶୋକ ସାମନ୍ତରାୟଙ୍କ ସଭାପତିତ୍ୱରେ ମନ୍ଦିରର ପୁରୁଣା କମିଟି ଭଙ୍ଗ କରାଯାଇ ଏହି ନୂତନ କମିଟି ଗଠନ ହୋଇଛି। ଏଥିଲାଗି ଆୟୋଜିତ ବୈଠକରେ ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳର ପ୍ରାୟ ୨୫ ଗ୍ରାମର ଶତାଧିକ ଲୋକ ଯୋଗ ଦେଇଥିଲେ। ନୂତନ କମିଟିରେ ସୀମାଞ୍ଚଳ ପାତ୍ର ସଭାପତି, ଟୁନା ଜେନା ଉପ ସଭାପତି ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଭକ୍ତବତ୍ସଳ ନାୟକ, ସହସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ଶୁଭେନ୍ଦୁ ଶେଖର ସାମନ୍ତରାୟ ନିର୍ବାଚିତ ହୋଇଛନ୍ତି। ସୁଧୀର ମଣ୍ଡଳ ସଂଯୋଜକ ଓ ଶରତ ଚନ୍ଦ୍ର କର ସହ ସଂଯୋଜକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଆସନ୍ତା ଅଗଷ୍ଟ ୨୭ରେ ଗଣେଶ ଚତୁର୍ଥୀ ପୂଜା କିପରି ସଫଳତାର ସହ ପାଳନ ହେବ ତାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଆସନ୍ତା ରବିବାର ମନ୍ଦିର ପ୍ରାଙ୍ଗଣରେ ହେବ ବୋଲି ନିଷ୍ପତ୍ତି ହୋଇଛି। ରବିବାର ବୈଠକରେ ମନ୍ତ୍ରୀଙ୍କ ସମେତ ଜିଲା ପରିଷଦ ମନ୍ତ୍ରୀ ପ୍ରତିନିଧି ବିନୋଦ ଚନ୍ଦ୍ର ମିଶ୍ର, ବ୍ଲକ୍ ପ୍ରତିନିଧି ବ୍ରଜମୋହନ ନାହାକ, କମିଟି ପୂର୍ବତନ ସଭ୍ୟ ଗୌରୀ ସାମନ୍ତରାୟ, ସୁବାସ ମଣ୍ଡଳ, ପ୍ରକାଶ ଚନ୍ଦ୍ର ସାମନ୍ତ, ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିବା ବେଳେ ବିକ୍ରମ ଦାସ ସହଯୋଗ କରିଥିଲେ।

# ୩୩୦ ଛାତ୍ରୀଛାତ୍ର ପ୍ରଦର୍ଶନ କଲେ ପ୍ରକଳ୍ପ

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଦିଗପହଣ୍ଡି,୨୭।୭(ଅଶେଷ ନାଥ ମିଶ୍ର)


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଏବଂ ଭଗବତୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ମେଳାରେ ଆଚାର୍ଯ୍ୟ ବାବୁଲା ପଣ୍ଡା ସଂଯୋଜନା କରିଥିଲେ। ଉଦଘାଟନୀରେ ପରିଚାଳନା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ସୁଶାନ୍ତ ଦୋରା, ପୂର୍ବତନ ଛାତ୍ର ତଥା ଡ଼ା. ନୀଳମାଧବ ରଥ, ଆବାହକ ରଞ୍ଜନ ସାହୁ ଏବଂ ଉଦଯାପନୀ ଉତ୍ସବରେ ପୂର୍ବତନ ସଙ୍କୁଳ ପ୍ରମୁଖ ଈଶ୍ୱର ଭୂୟାଁ ଏବଂ ପରିଚାଳନା କମିଟି ଉପଦେଷ୍ଟା ସନ୍ତୋଷ ପାଢୀ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ଶିଶୁ ବିଭାଗ, ବାଲ୍ ବିଭାଗ ଓ କିଶୋର ବର୍ଗରୁ ୩୩୦ ଜଣ ଛାତ୍ରୀଛାତ୍ର ମେଳାରେ ଗଣିତ, ବିଜ୍ଞାନ ଓ ସଂସ୍କୃତି ଜ୍ଞାନର ପ୍ରଶ୍ନ ମଞ୍ଚ, ପ୍ରକଳ୍ପ , ପ୍ରୟୋଗ, ପତ୍ରବାଚନ, କଥା କଥନ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ ୪୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଛାତ୍ରୀଛାତ୍ର ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଆଚାର୍ଯ୍ୟ ଶ୍ରୀଧର ରଥ ଅତିଥି ପରିଚୟ ଓ ନୀଳାଞ୍ଚଳ ପାତ୍ର ଧନ୍ୟବାଦ ଦେଇଥିଲେ। ସିଆରସିସି ଅନୀଲ ଦାସ, ଶ୍ରୀକାନ୍ତ ସାମନ୍ତରା, ଗୋବିନ୍ଦ ସାହୁ, ଦିତିକୃଷ୍ଣ ଗୌଡ଼, କେଶବ ରାଓ, ଦୀପକ ଜେନା, ସୁଜାତା ପାଢୀ, ଗୋପାଳ ସାବତ, ସଦାଶିବ ପାଢ଼ୀ ପରିଚାଳନାରେ ସହଯୋଗ କରିଥିଲେ।

# ସହରବାସୀଙ୍କୁ ମିଳୁନି ମୌଳିକ ସୁବିଧା, କାର୍ଯ୍ୟାଳୟ ମରାମତିରେ ଲକ୍ଷାଧିକ ଖର୍ଚ୍ଚ

ବ୍ରହ୍ମପୁର,୨୭।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ବିଏମ୍‌ସି ରାଜ୍ୟ ସରକାର ଓ ଲୋକଙ୍କ ନିକଟରୁ ସହରର ବିକାଶ ପାଇଁ ଆର୍ଥିକ ରାଶି ପାଉଛି। କିନ୍ତୁ ତାହା ସହରବାସୀଙ୍କ ସ୍ୱାର୍ଥ ଓ ଉନ୍ନତି ପାଇଁ ଖର୍ଚ୍ଚ କରିବା ବଦଳରେ ନିଗମ ନିଜର କାର୍ଯ୍ୟାଳୟ ଓ ବିଭାଗୀୟ କମିଶନରଙ୍କ ସରକାରୀ ବାସସ୍ଥାନ ମରାମତି, ନବୀକରଣ ଓ ସୌନ୍ଦର୍ଯ୍ୟ ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଭାଜପା ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଅଭିଯୋଗ କରିଛନ୍ତି। ଭାଜପା ନେତା ସୂଚନା ଅଧିକାର ନିୟମ ବଳରେ ମାଗିଥିବା ତଥ୍ୟାନୁଯାୟୀ, ଗତ ୫ ବର୍ଷ ମଧ୍ୟରେ କମିଶନରଙ୍କ ସରକାରୀ ବାସ ସ୍ଥାନ, ନିଗମର ନୂତନ ନିର୍ମାଣ, ମରାମତି ଓ ଉଭୟ କୋଠାକୁ ସୁନ୍ଦର କରିବା ପାଇଁ ୨ କୋଟି ୩୪ ଲକ୍ଷ ୨୨ ହଜାର ୨୬୦ ଟଙ୍କା ଖର୍ଚ୍ଚ ହୋଇଛି। ଏଥିମଧ୍ୟରୁ କମିଶନରଙ୍କ ବାସଭବନକୁ ସୁନ୍ଦର ଓ ମରାମତି ପାଇଁ ୫ ବର୍ଷ ମଧ୍ୟରେ ୧୧ ଲକ୍ଷ ୮୯ ହଜାର ୯୮୦ ଟଙ୍କା ଖର୍ଚ୍ଚ ହୋଇଛି। ବାସ ଭବନରେ ଗୋଟିଏ ଶୀତତାପ ନିୟନ୍ତ୍ରିତ ଲଗାଇବା ପାଇଁ ୧ ଲକ୍ଷ ୯ ହଜାର ୯୮୦ ଟଙ୍କା ଖର୍ଚ୍ଚ ହୋଇଛି। କମିଶନରଙ୍କ ବାସ ଭବନରେ ଥିବା ଖୋଲା ଜମିର ଉନ୍ନତି ପାଇଁ ୨ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଖର୍ଚ୍ଚ ହୋଇଛି।

ସେହିଭଳି ନିଗମ କାର୍ଯ୍ୟାଳୟକୁ ସାଜସଜା ଓ ମରାମତି ପାଇଁ ୨ କୋଟି ୨୨ ଲକ୍ଷ ୩୨ ହଜାର ୨୮୦ ଟଙ୍କା ଖର୍ଚ୍ଚ ହୋଇଛି। ଏଥିମଧ୍ୟରୁ କାର୍ଯ୍ୟାଳୟରେ କେବଳ ପାଇଖାନା ମରାମତି ପାଇଁ ୫ ଲକ୍ଷ ୩୭ ହଜାର ଖର୍ଚ୍ଚ ହୋଇଛି। ଏଥିସହ ନୂତନ ସମ୍ମିଳନୀ କକ୍ଷ ପାଇଁ ୨ କୋଟି ଟଙ୍କା ଓ କାର୍ଯ୍ୟାଳୟରେ କାଠ କାମ ପାଇଁ ୪ ଲକ୍ଷ ୯୯ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସେ ସୂଚନା ଦେଇଛନ୍ତି। ସହରବାସୀ ମୌଳିକ ସୁବିଧାରୁ ବଂଚିତ ହେଉଥିବା ବେଳେ ହୁଗୁଳାପଟା ଓ ଗୋସାଣୀ ନୂଆ ଗାଁରେ ନିଗମର ଅର୍ଥ ଅଭାବରୁ ଗୋ ଶାଳା ଦୀର୍ଘ ଦିନ ଧରି ନିର୍ମାଣ ହୋଇପାରୁ ନାହିଁ। ଏଣୁ ସରକାରୀ ଅର୍ଥ ମନମୁଖୀ ଭାବେ ଖର୍ଚ୍ଚ କରିବା କେତେଦୂର ଯଥାର୍ଥ ବୋଲି ଭାଜପା ନେତା ପ୍ରଶ୍ନ କରିଛନ୍ତି।

# ୨ ନାବାଳିକାଙ୍କୁ ବଳାତ୍କାର

## ମାଲକାନଗିରି ଜିଲା

ମାଲକାନଗିରି/କୋରୁକୋଣ୍ଡା, ୨୭।୭(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ମୁଦୁଲିପଡ଼ା ଓ ଓର୍କେଲ ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମୁଦୁଲିପଡା ଅଞ୍ଚଳର ନାବାଳିକାଙ୍କୁ ଗତ ୧୦ ମାସ ପୂର୍ବେ ଜଣେ ଯୁବକ ବଳାତ୍କାର କରିଥିବା ବେଳେ ସେ ଗର୍ଭବତୀ ଥିଲେ। ଶନିବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ କୌଣସି କାରଣରୁ ସନ୍ତାନଟିର ମୃତ୍ୟୁ ଘଟିଥିଲା। ଏ ସମ୍ବନ୍ଧରେ ପରିବାର ଲୋକେ ମୁଦୁଲିପଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହିପରି ଓର୍କେଲ ଥାନା ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୦୦/୨୫ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଦୟା ମାଡ଼ୀଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁ ଘରେ ରହୁଥିଲେ। ଗତ ୧୪ ତାରିଖରେ ସେ ମାମୁ ଘରୁ ନିଜ ଗାଁକୁ କିଛିଦିନ ପାଇଁ ଯାଇଥିଲେ। ଗତ ୨୦ ତାରିଖରେ ସେ ଘରୁ ବାହାରି ଏକ ବସ୍ ଯୋଗେ ଆସି ମାମୁ ଘର ଗାଁ ଛକରେ ଓହ୍ଲାଇ ଚାଲି ଚାଲି ଯାଉଥିଲେ। ସେହି ସମୟରେ ମାମୁ ଘର ଗାଁର ଜଣେ ବ୍ୟକ୍ତି ଦୟା ମାଡ଼ୀ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ତାଙ୍କୁ ସେ ମାମୁଘରେ ଛାଡ଼ିଦେବି କହି ବାଇକ୍‌ରେ ବସାଇ ନେଇଥିଲେ। କିନ୍ତୁ ସେଠାରୁ ନାବାଳିକାଙ୍କୁ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇ ଆଣିବି ବୋଲି କହି ନେଇଯାଇଥିଲେ। ତେବେ ଡ୍ୟାମ୍ ଅଞ୍ଚଳରୁ ବୁଲାବୁଲି ସାରି ଫେରିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ଏହାର ସୁଯୋଗ ନେଇ ଦୟା ହାତୀଆମ୍ବ ଗ୍ରାମ ନିକଟ ଜଙ୍ଗଲରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରାତି ପ୍ରାୟ ୮ଟାରେ ଦୟା ତାଙ୍କୁ ନେଇ ମାମୁ ଘର ଗାଁରେ ଛାଡ଼ି ଦେଇଥିଲେ। ରାତି ହୋଇ ଯାଇଥିବାରୁ ନାବାଳିକା ଜଣକ ଭୟରେ ମାମୁ ଘରକୁ ନ ଯାଇ ଉକ୍ତ ଗ୍ରାମର ଜଣେ ପରିଚିତଙ୍କ ଘରେ ରହିଥିଲେ। ପରଦିନ ସକାଳେ ସେ ମାମୁ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କ ମାମୁ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଡାକିଥିଲେ। ବୈଠକରେ ଗ୍ରାମର ସମସ୍ତେ ଉପସ୍ଥିତ ଥିବାବେଳେ ଦୟା ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ପୀଡ଼ିତାଙ୍କ ମାମୁ ଶନିବାର ଓର୍କେଲ ଥାନାରେ ଦୟାଙ୍କ ନାମରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ଦୟାଙ୍କୁ କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳର ଏକ ଗ୍ରାମରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କୁ ରବିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି।



ଗିରଫ ଦୟା ମାଡ଼ୀ ।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର

ବାସୁଦେବପୁର, ୨୭।୭(ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)

## ଘର ଭିତରୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଥିବାବେଳେ ରବିବାର ସକାଳେ ଘର ଭିତରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଛି। ମୃତା ମହିଳା ହେଲେ ଗ୍ରାମର ଗୁରୁବାରୀ ଜେନା(୪୫)। ଟଙ୍କା ପାଇଁ ତାଙ୍କ ସ୍ୱାମୀ ଗୋପୀନାଥ ଜେନା (୫୮) କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଗୁରୁବାରୀଙ୍କ ମୁଣ୍ଡ, ହାତ ଓ ଦେହର କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଅଧିକ ରକ୍ତସ୍ରାବ ହୋଇ ଜୀବନ ଯାଇଛି। କଷିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଗୋପୀନାଥ ବାସୁଦେବପୁର ଥାନା ଅଧୀନ ଅଡୁଆଁ ଗ୍ରାମର ବାସିନ୍ଦା। ସେ ପାରାପୋଖରୀ ଗ୍ରାମର ଗୁରୁବାରୀଙ୍କୁ ଦ୍ୱିତୀୟ ବିବାହ କରି ରହୁଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। କିଛିଦିନ ତଳେ ଗୁରୁବାରୀ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ବିକ୍ରି କରି ଟଙ୍କା ରଖିଥିଲେ। ସେହି ଟଙ୍କାକୁ ନେବା ପାଇଁ ଗୋପୀନାଥ ତାଙ୍କୁ ମାରଧର କରୁଥିବା ପୁଅ ଝିଅମାନେ ପ୍ରକାଶ କରିଛନ୍ତି। ପୁଅ ଝିଅ ବିବାହ କରି ଅନ୍ୟତ୍ର ରହୁଥିବାବେଳେ ଗୋପୀନାଥ ଓ ଗୁରୁବାରୀ ଏକାଠିରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତା ଗୁରୁବାରୀଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ଥାନାଧିକାରୀ ପଣ୍ଡା କହିଛନ୍ତି।

# ସଫେଇ ଆଳରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଲୁଟ୍



ପୋଲିସ ପକ୍ଷରୁ ଜାରି ହୋଇଥିବା ଦୁର୍ବୃତ୍ତଙ୍କ ଫଟୋଚିତ୍ର।

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଠକେଇର ଶିକାର

ବଡ଼ବିଲ, ୨୭।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କଠାରୁ ସଫେଇ ଆଳରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ଚମ୍ପଟ ମାରିଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମ୍ୟାନେଜର ସୁଲୋଚନା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବଡ଼ବିଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ଗୋଲକ ବିହାରୀ ଗିରି ଓ ତାଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ ବଡ଼ବିଲ ସୁନ୍ଦରାବସ୍ତିସ୍ଥିତ ଘରେ ରହୁଛନ୍ତି। ଶନିବାର ପୂର୍ବାହ୍ନରେ ଗୋଲକ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ସହ ଦେଖା କରିବାକୁ ଯାଇଥିବା ବେଳେ ସେହି ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସୁଲୋଚନାଙ୍କୁ ପିତଳ ଜିନିଷ ସଫେଇ କରିବା ନିମନ୍ତେ ଆସିଥିବା କହିବା ସହ ପିତଳ ଜିନିଷ ମାଗି ସଫା କରି ଫେରାଇ ଦେଇଥିଲେ। ପରେ ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହିବାରୁ ସୁଲୋଚନା ପିନ୍ଧିଥିବା ହାର, କାନଫୁଲ ଓ ବଳା ଖୋଲି ସଫେଇ କରିବାକୁ ଦେଇଥିଲେ। ଅତି ଚତୁରତାର ସହିତ ଦୁର୍ବୃତ୍ତ ଆଖି ସାମ୍ନାରେ ସୁନା ଅଳଙ୍କାର ସବୁ ହାତେଇ ସେଠାରୁ ଚମ୍ପଟ ମାରିଥିଲେ। ଗୋଲକ ଘରେ ପହଞ୍ଚିବା ପରେ ଘଟଣା ବିଷୟରେ ଜାଣି ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୦୫/୨୦୨୫)ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା କ୍ଲୋଜ୍ ସର୍କିଟ କ୍ୟାମେରାର ଫୁଟେଜ୍ ତନଖି କରି ତଦନ୍ତ କରୁଛି। ୨ ଦୁର୍ବୃତ୍ତଙ୍କ ଫଟୋଚିତ୍ରକୁ ଥାନା ପକ୍ଷରୁ ସୋସିଆଲ ମିଡିଆରେ ପ୍ରସାର କରି ଜନସାଧାରଣଙ୍କୁ ସତର୍କ ରହିବା ସହ ସେମାନଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବାକୁ ନିବେଦନ କରାଯାଇଛି।

# କମ୍ପାନୀ କ୍ୟାଣ୍ଟିନରେ ମହିଳାଙ୍କୁ ଅସଦାଚରଣ

ଯୋଡ଼ା, ୨୭।୭(ମାନସ ମହାନ୍ତି)

## ଅଭିଯୋଗ କରିବାରୁ କାମରୁ ବିଦା ହେଲେ

କେନ୍ଦୁଝର ଜିଲା ଯୋଡ଼ା ସହରର ଜଣେ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଅସଦାଚରଣ ଅଭିଯୋଗ ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମାତ୍ର ସେ ଅଭିଯୋଗ କରିବା ପରେ ତାଙ୍କୁ କର୍ମକ୍ଷେତ୍ରରୁ ବାହାର କରିଦିଆଯାଇଛି।

ଅଭିଯୋଗ ମୁତାବକ, ଯୋଡ଼ା ଶହୀଦନଗର ଅଞ୍ଚଳର ମହିଳା ସ୍ଥାନୀୟ ଏକ କମ୍ପାନୀରେ ଠିକାସଂସ୍ଥା ଅଧୀନରେ କ୍ୟାଣ୍ଟିନ କାର୍ଯ୍ୟରେ ନିୟୋଜିତ ଥିଲେ। କ୍ୟାଣ୍ଟିନରେ କାର୍ଯ୍ୟ କରୁଥିବା ଚନ୍ଦନ କୁମାର ସେଠୀ ନାମକ ଯୁବକ ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ଚନ୍ଦନ ଆତ୍ମହତ୍ୟା କରିବେ ବୋଲି କହି ବ୍ଲାକ୍‌ମେଲିଂ ମଧ୍ୟ କରୁଥିଲେ। ଏନେଇ ମହିଳା ଜଣକ ଫେବୃଆରୀ ୧୬ରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ରବି ନାରାୟଣ ସାହୁ ନାମକ ଯୁବକ ଚନ୍ଦନଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ଯୋଡ଼ା ଥାନାରେ ଏକ ମାମଲା(ନଂ.୩୫/୨୦୨୫) ରୁଜୁ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ମହିଳାଙ୍କ ସ୍ୱାମୀ କହିଛନ୍ତି। ନ୍ୟାୟ ମିଳିବା ପରିବର୍ତ୍ତେ ଟାଟାଷ୍ଟିଲ୍ ଠିକା ସଂସ୍ଥା ମହିଳାଙ୍କୁ କାର୍ଯ୍ୟରୁ ବିଦା କରିଦେଇଥିବା ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଫଳରେ କାର୍ଯ୍ୟହରା ହୋଇ ସେ ମାନସିକ ବିଷାଦଗ୍ରସ୍ତ ହୋଇଛନ୍ତି। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀ, ଠିକାସଂସ୍ଥା କର୍ତ୍ତୃପକ୍ଷ ସମସ୍ତଙ୍କୁ ଅଭିଯୋଗ କରି ବି ନିରାଶ ହୋଇଥିବା କହିଛନ୍ତି। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି, ଏହା ପୁରୁଣା ମାମଲା ହୋଇଥିବାରୁ ଏହାକୁ ଅଗ୍ରାଧିକାରଭିତ୍ତିରେ ଗୁରୁତ୍ୱର ସହିତ ନିଆଯିବ।

# ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା

ରାଜଗାଙ୍ଗପୁର, ୨୭।୭ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧୀନ ସାଗଯୋର ପଞ୍ଚାୟତ କଦେଲଡ଼ିପା ଗ୍ରାମରେ ଶନିବାର ରାତିରେ ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି ସ୍ତ୍ରୀ। ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସ୍ତ୍ରୀ ସଙ୍ଗୀତା ବାରା(୨୫)ଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ସୋମବାର ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ. ୩୭୪/୨୫ ରୁଜୁ କରିଛି।

ସୂଚନା ଅନୁଯାୟୀ, କଦେଲଡ଼ିପା ଗ୍ରାମରେ ସୁଦୀପ ବାରା ସ୍ତ୍ରୀ ସଙ୍ଗୀତା ଓ ୨ ପୁଅଙ୍କ ସହ ରୁହନ୍ତି। ସୁଦୀପ ସବୁବେଳେ ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡ଼ା କରନ୍ତି। ଅନୁରୂପଭାବେ ଶନିବାର ରାତିରେ ମଦ ପିଇ ଘରକୁ ଫେରିବା ପରେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଫଳରେ ସ୍ତ୍ରୀ ନିଜ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଏକ ଶାବଳରେ ପିଟିପିଟି ତାଙ୍କୁ ହତ୍ୟା କରିଥିଲେ। ରବିବାର ସକାଳେ ଏହି ଖବର କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ପାଇବା ପରେ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ସେଠାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

BUSINESS

# ରେଳ ଉପକରଣ ରପ୍ତାନିରେ ଭାରତ ଆଗୁଆ

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)



ଭାରତ ରେଳ ଉପକରଣ ରପ୍ତାନିରେ ଆଗୁଆ ରହିଛି। 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଭାରତୀୟ ରେଳ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପ୍ରଭାବ ପକାଇଛି। ଭାରତ ଏବେ ଅନେକ ଉନ୍ନତ ଦେଶକୁ ରେଳ ଉପକରଣ, କୋଚ ଓ ଲୋକୋମୋଟିଭ ରପ୍ତାନି କରୁଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଗୁଜରାଟର ଭଦୋଦରାସ୍ଥିତ ସାଭଲିରେ ଥିବା ଆଲଷ୍ଟମ ଫ୍ୟାକ୍ଟ୍ରି ପରିଦର୍ଶନ କରିବା ଅବସରରେ ଏପରି ମତ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଆଲଷ୍ଟମ ଅଧିକାରୀ ଓ କର୍ମଚାରୀମାନେ ରେଳ ମନ୍ତ୍ରୀଙ୍କୁ ଫ୍ୟାକ୍ଟ୍ରିରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତି ସହ ନିର୍ମିତ 'ନମୋ ଭାରତ' କୋଚଗୁଡ଼ିକର ଆଧୁନିକ ଡିଜାଇନ ଓ ଗୁଣବତ୍ତାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଆଲଷ୍ଟମ ଟିମ୍ ମନ୍ତ୍ରୀଙ୍କୁ ରକ୍ଷଣାବେକ୍ଷଣ କାର୍ଯ୍ୟ, ସାମଗ୍ରୀ ବ୍ୟବହାର ଏବଂ ଯୋଗାଣକାରୀ ସଂଯୋଗ ବିଷୟରେ ସୂଚନା ଦେଇଥିଲେ। ସେନ୍ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ନିୟମିତ ରକ୍ଷଣାବେକ୍ଷଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତରେ ଡିଜାଇନ ହୋଇଥିବା ରେଳ ଉପକରଣ ପାଇଁ ମନ୍ତ୍ରୀ ଆଲଷ୍ଟମକୁ ଅଭିନନ୍ଦନ ଜଣାଇଥିଲେ। ଏହି ଫ୍ୟାକ୍ଟ୍ରିରୁ ନିର୍ମିତ କୋଚ, ଲୋକୋମୋଟିଭ, ବଗି ଓ ପ୍ରପଲସନ ସିଷ୍ଟମ ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର, ଫ୍ରାନ୍ସ, ଜର୍ମାନୀ, କାନାଡା, ମେକ୍ସିକୋ ଆଦି ଦେଶକୁ ରପ୍ତାନି ହେଉଛି। ରେଳ ମନ୍ତ୍ରୀ କହିଛନ୍ତି, ସାଭଲି ଫ୍ୟାକ୍ଟ୍ରି ଭଦୋଦରା ଅଞ୍ଚଳର ଅର୍ଥନୀତିକୁ ମଜଭୁତ କରିଛି, ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି ଏବଂ ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହୋଇଛି। ଆଲଷ୍ଟମ ଭାରତରେ ପ୍ରାୟ ୭,୦୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଛି, ଯେଉଁମାନେ ରୋଲିଂ ଷ୍ଟକ ଓ ସିଗନାଲିଂ ସିଷ୍ଟମ କ୍ଷେତ୍ରରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦୦ ଜଣ ଅନ୍ତର୍ଜାତୀୟ ପ୍ରକଳ୍ପରେ ସାମିଲ ଅଛନ୍ତି। ମନ୍ତ୍ରୀ ଆଲଷ୍ଟମର ତାଲିମ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରି ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ସହଯୋଗ ପାଇଁ ପରାମର୍ଶ ଦେଇଛନ୍ତି। ସେ ଆଲଷ୍ଟମ ଓ ପଶ୍ଚିମ ରେଳପଥର ଭଦୋଦରା ଡିଭିଜନ ମଧ୍ୟରେ ଚାଲିଥିବା ତାଲିମ ସହଭାଗିତାକୁ ପ୍ରଶଂସା କରିଛନ୍ତି। ମନ୍ତ୍ରୀ ଆଲଷ୍ଟମ ଟିମକୁ ଭାରତୀୟ ରେଳପଥ ପାଇଁ ବୃହତ ଅଫ-କ୍ୟାମ୍ପସ ଓ ଅନସାଇଟ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି। ସେ ରେଳ ଅଧିକାରୀ ଓ ସେମାନଙ୍କ ଦଳକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗୀଦାରି ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ତାଙ୍କ ସହ ଭଦୋଦରା ଏମପି ଡ. ହେମାଙ୍ଗ ଯୋଶୀ, ସାଭଲି ବିଧାୟକ କେତନଭାଇ ଇନାମଦାର, ପଶ୍ଚିମ ଓ ମଧ୍ୟ ରେଳପଥର ଜେନେରାଲ ମ୍ୟାନେଜର, ଭଦୋଦରା ଓ ଅହମଦାବାଦର ଡିଆରଏମ ଏବଂ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ସିଇଓ କନ୍‌କ୍ଲେଭ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୭

ଦି ଇଣ୍ଟରଭ୍ୟୁ ଟାଇମ୍‌ସ ପକ୍ଷରୁ ଆୟୋଜିତ ଜାତୀୟ ସିଇଓ କନ୍‌କ୍ଲେଭ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅକଲ୍ୟାଣ୍ଡରେ ଭାରତର କନ୍‌ସଲ୍ ଜେନେରାଲ୍ ଡ. ମଦନ ମୋହନ ସେଠୀ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ମାନସ ରଞ୍ଜନ ପଣ୍ଡା (ପରିଚାଳନା ନିର୍ଦ୍ଦେଶକ, ଓକାକ୍)ଙ୍କ ସମେତ ଡିଜି ଡିଆର୍‌ଡିଓ ଇ ଓ ସିଏସ୍ ଡ. ବି.କେ. ଦାସ୍ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ସମ୍ପାଦକ ଡ. ଦିବ୍ୟଜିତ ସାହୁ ସ୍ୱାଗତ ଅଭିଭାଷଣ ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ସ୍ୱାସ୍ଥ୍ୟ, ଲାଇଫ୍ ଷ୍ଟାଇଲ୍, ଦକ୍ଷତା, ଶିକ୍ଷା ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୭।୭



ଦେଶର ଅଗ୍ରଣୀ ରୋଷେଇ ଏବଂ ଘରୋଇ ଉପକରଣ ବ୍ରାଣ୍ଡ ତଥା ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ ରେଞ୍ଜ 'କୁକ୍‌ୱେର୍ ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ କୁକ୍‌ୱେର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଏହାର ନୂତନ ଉଦ୍ଭାବନ ଆରମ୍ଭ ସହ ସମ୍ପ୍ରତି ଉନ୍ମୋଚିତ ରେଞ୍ଜ୍ ଟ୍ରାଇପ୍ଲି ନିର୍ମାଣର ଅତୁଳନୀୟ ସ୍ଥିରତାକୁ ଏକ ପରିବର୍ତ୍ତନକାରୀ, ମଧୁର କୋଷ-ପାଟର୍ନ ନନ୍-ଷ୍ଟିକ୍ ଫିନିସ୍ ସହିତ ମିଶ୍ରଣ କରିଥାଏ। ସେହିଭଳି ଭାରତୀୟ ପରିବାରଗୁଡ଼ିକର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ବିକଶିତ, ତ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ ଫ୍ରାଏ ପ୍ୟାନ୍ ଏବଂ କଡ଼ାଇରେ ନନ୍-ଷ୍ଟିକ୍ ଇନୋଭେଶନ୍ ସହ ଟ୍ରିପଲ ସ୍ଥାୟିତ୍ୱ ମିଶ୍ରଣ ପ୍ରଦାନ କରାଯାଏ। ଏହି ଡିଜାଇନ୍ କେବଳ ଆବରଣର ସ୍ଥାୟିତ୍ୱ ବୃଦ୍ଧିକରେ ନାହିଁ ବରଂ ବାରମ୍ବାର ବ୍ୟବହାର ସତ୍ତ୍ୱେ ଦୀର୍ଘସ୍ଥାୟୀ କାର୍ଯ୍ୟଦକ୍ଷତା ମଧ୍ୟ ସୁନିଶ୍ଚିତ କରିଥାଏ। ପ୍ରେଷ୍ଟିଜ୍ ଟ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ କୁକ୍‌ୱେର୍ ଉତ୍ପାଦ ଉପରେ ୧୫ବର୍ଷର ୱାରେଣ୍ଟି ଏବଂ ନନ୍-ଷ୍ଟିକ୍ ଆବରଣ ଉପରେ ୩ ବର୍ଷର ୱାରେଣ୍ଟି ରହିଛି । ଏହା ବ୍ରାଣ୍ଡର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତାର ନିଶ୍ଚିତତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, ଟିଟିକେ ପ୍ରେଷ୍ଟିଜର ଏହି ନୂତନ ରେଞ୍ଜର ପ୍ରାରମ୍ଭିକ ବଜାର ଦର ୨୦ ସିଏମ୍ ମଡେଲ୍ ଫ୍ରାଏ ପ୍ୟାନ୍‌ର ମୂଲ୍ୟ ୨୮୪୫ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ କଡ଼ାଇର ଦର ୨୯୯୫ ଟଙ୍କାରୁ ଆରମ୍ଭ ହେଉଛି, ଯାହା ପ୍ରିମିୟମ୍ ପ୍ରଯୁକ୍ତିବିଦ୍ୟାକୁ ଭାରତୀୟ ଗ୍ରାହକଙ୍କ ପାଖରେ ରଖିଛି। ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ୍‌ର ଶୁଭାରମ୍ଭ ସହିତ ଟିଟିକେ ପ୍ରେଷ୍ଟିଜ୍ ଶିଳ୍ପରେ ଏକ ଅଗ୍ରଣୀ ଶକ୍ତି ଭାବେ ଏହାର ଭୂମିକାକୁ ସୁଦୃଢ଼ କରୁଛି, ଅସାଧାରଣ ରୋଷେଇ ଘରର ନବସୃଜନ ମାଧ୍ୟମରେ କୋଟି କୋଟି ଭାରତୀୟ ପରିବାରଙ୍କ ଜୀବନକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ ରହିଛି।

# ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୭

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଆଜିଓ ଇଣ୍ଡିଆ ପରିସରରେ ବିଶ୍ୱ ମ୍ୟାନ୍‌ଗ୍ରୋଭ୍ସ ଦିବସ (ଡବ୍ଲୁଏମ୍‌ଡି) ପାଳିତ ହୋଇଯାଇଛି। ବିଶେଷକରି ଡବ୍ଲୁଏମ୍‌ଡିର ୧୦ ବର୍ଷ ପୂର୍ତ୍ତି ଅବସରରେ ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଂ ୱାଟର ପକ୍ଷରୁ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ବ୍ରାଣ୍ଡ ଆମ୍ବାସାଡର ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ପ୍ରସ୍ତୁତ ହାଇଡେସିବଲ ୩୬୦ ଅଭିଯାନକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ଅଭିଯାନର କେନ୍ଦ୍ରରେ ଏକ ଚଳଚ୍ଚିତ୍ର ରହିଛି, ଏହା ଭାରତର ମ୍ୟାନ୍‌ଗ୍ରୋଭ୍ସ ଇକୋସିଷ୍ଟମର ସୁନ୍ଦର ରଚନାଗୁଡ଼ିକୁ ପୁନରୁଦ୍ଧାର କରିବାର ଆବଶ୍ୟକତାକୁ ଆଲୋକିତ କରିଛି। ସେହିଭଳି ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍ ଶୀର୍ଷକ ଚଳଚ୍ଚିତ୍ରଟି ଭାରତର ଉପକୂଳ ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅକ୍ଳାନ୍ତ ଭାବେ କାମ କରୁଥିବା ଲୋକଙ୍କ ପ୍ରତି ଶୁଭେଚ୍ଛା ଜଣାଇଛି। ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମାଧ୍ୟମରେ କୁହାଯାଉଥିବା ଏହି ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ, ସ୍ଥିରତା ଏବଂ ତୃଣମୂଳ ସଂରକ୍ଷଣ ପାଇଁ ପ୍ରବର୍ତ୍ତାଉଥିବା ସମ୍ପ୍ରଦାୟଗୁଡ଼ିକର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ। ଏ ନେଇ ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପୋର୍ଟଫୋଲିଓ ମାର୍କେଟିଂ ମୁଖ୍ୟ ବରୁଣ କୁରିଚ୍ କହିଛନ୍ତି, ଓଡ଼ିଶାରେ ମ୍ୟାନ୍‌ଗ୍ରୋଭ୍ସ ପୁନର୍ଜନ୍ମ ପ୍ରକଳ୍ପ ହେଉଛି ଆମର ଦାବିର ଏକ ଶକ୍ତିଶାଳୀ ପ୍ରକାଶ। ସମ୍ପ୍ରଦାୟ ଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି ଆମର ପ୍ରସ୍ତାବ। ପ୍ରକୃତି ସହିତ ଗୋଟିଏ ଦିନ। ଆମେ ମ୍ୟାନ୍‌ଗ୍ରୋଭ୍ସ ଭଳି ପରିବେଶ ପ୍ରଣାଳୀ ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ। ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଂ ୱାଟରରେ ଆମେ ସଚେତନ ଜୀବନ ପାଇଁ ଠିଆ ହୋଇଛୁ ।

# ବଜାରରେ ହିରୋ ମୋଟୋକର୍ପର ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ

ଭୁବନେଶ୍ୱର, ୨୭।୭ (ଅଭୟ ଦାଶ)



ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରି କି କମ୍ପାନୀ ତା'ର ଏଚ୍‌ଏଫ୍ ଡିଲକ୍ସ ପୋର୍ଟଫୋଲିଓକୁ ମଜଭୁତ କରିଛି। ଅପରପକ୍ଷରେ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଏକ ବିଶ୍ୱସନୀୟ ୯୭.୨ସିସି ଇଞ୍ଜିନ ଦ୍ୱାରା ପରିଚାଳିତ (କ୍ଷମତାପ୍ରାପ୍ତ) ହେଉଥିଲା ବେଳେ ଏହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତାର ଆଉଟପୁଟ୍ ପ୍ରଦାନ କରିଥାଏ। ଏହା ମଧ୍ୟରେ ୮୦୦୦ ଆରପିଏମ୍‌ରେ ୭.୯ ବିଏଚ୍‌ପି ଏବଂ ୬୦୦୦ ଆର୍‌ପିଏମ୍‌ରେ ୮.୦୫ ଏନ୍‌ଏମ୍ ଟର୍କ (କମ୍ପନ) ସାମିଲ ରହିଛି। ସେହିପରି ଆଇଏସ୍‌ଏସ୍ (ଆଇଡଲ ଷ୍ଟପ୍-ଷ୍ଟାର୍ଟ ସିଷ୍ଟମ) କ୍ଷମତାଯୁକ୍ତ ଉନ୍ନତ ଜ୍ଞାନକୌଶଳ, ନିମ୍ନ-ଘର୍ଷଣଯୁକ୍ତ ଇଞ୍ଜିନ ସହ ବିଶେଷ ଭାବେ ପ୍ରସ୍ତୁତ ଯାନ୍ତ୍ରିକ ଟାୟାର୍ସକୁ ନେଇ ଏହା ଏକ ପ୍ରଭାବଶାଳୀ ବା ସର୍ବୋତ୍ତମ-ଶ୍ରେଣୀ ମାଇଲେଜ ପ୍ରଦାନ କରୁଛି। ଏହା ଅତି ଆରାମଦାୟକ ଚାଳନାକୁ ମଧ୍ୟ ସୁନିଶ୍ଚିତ କରିଥାଏ। ସେହିଭଳି ଏଚ୍‌ଏଫ୍ ଡିଲକ୍ସ ପ୍ରୋ ବାଧାହୀନ ଦୈନିକ ଚାଳନା ତଥା ଅତୁଳନୀୟ ମୂଲ୍ୟକୁ ନେଇ ନିର୍ମିତ ହୋଇଛି। ଏଚ୍‌ଏଫ୍ ଡିଲକ୍ସ ପ୍ରୋ ସମଗ୍ର ଦେଶରେ ରହିଥିବା ହିରୋମୋଟୋକର୍ପ ବିକ୍ରେତାମାନଙ୍କ ପାଖରେ ଦୁଇଟି ଆକର୍ଷଣୀୟ କଲର (ରଙ୍ଗ- ବ୍ଲୁ ଓ ରେଡ) ସହ ୭୩,୫୫୦ ଟଙ୍କାରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ସିବିଓ (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ୍) ଆଶୁତୋଷ ବର୍ମା କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଏଚ୍.ଏଫ୍. ଡିଲକ୍ସ ପ୍ରୋକୁ ସର୍ବଭାରତୀୟସ୍ତରର ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ସମଗ୍ର ଭାରତରେ ଏହାର ବିଶ୍ୱସ୍ତ ସହଭାଗିତାକୁ ନେଇ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଖରେ ଆମେ ଆଦୃତ ହୋଇପାରିଛୁ। ସେହିଭଳି ଏହାର ନିର୍ଭରଯୋଗ୍ୟ ଇନ୍ଧନ ସଂରକ୍ଷଣ ସହ ନୂତନ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଆମର ଏକ ବିଶ୍ୱାସକୁ ଆଗେଇ ନେଇପାରିଛୁ।

# ୧୦୦୦ କୋଟିରୁ ଅଧିକ ବ୍ୟବସାୟ

ଭୁବନେଶ୍ୱର, ୨୭।୭

ରାଜ୍ୟର ସର୍ବବୃହତ୍ ବ୍ୟବସାୟ ଏବଂ ନେଟ୍‌ୱର୍କିଂ ଇଭେଣ୍ଟ ତଥା ଏକ ୨ ଦିନିଆ ବ୍ୟବସାୟ ସମ୍ମିଳନୀ 'ବିଏନ୍‌ଆଇ ବିଜ୍ ପ୍ରୋ ୨.୦' ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ରେ ଉଦ୍‌ଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୪୦ରୁ ଅଧିକ ବିଏନ୍‌ଆଇ ସଦସ୍ୟଙ୍କ ସମେତ ୫ ହଜାରରୁ ଅଧିକ ପରିଦର୍ଶକ ଏବଂ ୯୦ବ୍ରାଣ୍ଡ ସେମାନଙ୍କର ଉତ୍ପାଦ ଏବଂ ସେବା ପ୍ରଦର୍ଶିତ କରିଥିଲେ। ବିଶେଷ କରି ବ୍ୟବସାୟ ପାଇଁ ଏହା ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ଇପିକଲ୍‌ର ଅଧ୍ୟକ୍ଷ ହେମନ୍ତ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମନୋଜ ଲାଲାନି ଏବଂ ଉମଙ୍ଗ ଲାଲାନିଙ୍କ ଦ୍ୱାରା ୨୦୧୮ରେ ପ୍ରତିଷ୍ଠିତ ବିଏନ୍‌ଆଇ ଭୁବନେଶ୍ୱର ପୂର୍ବରୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ୧୦୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟକୁ ସୁବିଧାରେ ଯୋଗାଇ ଦେଇଛି। ଏହା କେବଳ ଓଡ଼ିଶାରେ ନୁହେଁ ବରଂ ଭାରତ ଏବଂ ବିଶ୍ୱବ୍ୟାପୀ ବ୍ୟବସାୟ ମାଲିକମାନଙ୍କୁ ନୂତନ ଉଚ୍ଚତା ଆରୋହଣ କରିବାରେ ସାହାଯ୍ୟ କରିବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉମଙ୍ଗ ଲାଲାନି କହିଛନ୍ତି। ବିଏନ୍‌ଆଇ ବ୍ରିଜ୍ ପ୍ରୋ ୨.୦ ହେଉଛି ସହରର ପ୍ରତ୍ୟେକ ବ୍ୟବସାୟ ମାଲିକଙ୍କ ପାଇଁ ବ୍ୟବସାୟ ନେଟୱର୍କିଂର ଶକ୍ତି ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ। ବିଏନ୍‌ଆଇ ଭୁବନେଶ୍ୱର ଗତ ୭ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ଏବଂ ମୋର ଦୃଷ୍ଟିକୋଣ ହେଉଛି ଏହା ନିକଟ ଭବିଷ୍ୟତରେ ୧ ହଜାରରୁ ଅଧିକ ସଦସ୍ୟଙ୍କ ଏକ ଦୃଢ଼ ସମ୍ପ୍ରଦାୟରେ ପରିଣତ ହେବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଲାଲାନି କହିଛନ୍ତି।

# ଆଗାମୀ କାଲି ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ଦିନକୁ ଦିନ ପୃଥିବୀ ଅସୁସ୍ଥ ହେବାରେ ଲାଗିଛି। ଦ୍ରୁତ ଜଙ୍ଗଲକ୍ଷୟ, ପ୍ରଦୂଷଣ ସହ ଜଳବାୟୁ ପରିବର୍ତ୍ତନ ଆମ ଗ୍ରହ ପାଇଁ ଅସୁସ୍ଥତାର ପ୍ରମୁଖ କାରକ ସାଜିଛି। ଏସବୁ ଠାରୁ ଦୂରେଇ ପୃଥିବୀକୁ ସୁସ୍ଥ ରଖିବା ଲାଗି ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ଜୈବ ବିବିଧତା, ପରିବେଶଗତ ସନ୍ତୁଳନ ଜରୁରୀ। ତେଣୁ ଏହି ପରିପ୍ରେକ୍ଷୀରେ ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ଜୁଲାଇ ୨୮ ରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳନ କରାଯାଇଛି। ଏହି ଅବସରରେ ପ୍ରାକୃତିକ ସମ୍ପଦ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱାରୋପ କରାଯାଇଥାଏ। ଚଳିତବର୍ଷ ଏହି ଦିବସ ଲାଗି ଉଲ୍ଲିଖିତ ବିଷୟବସ୍ତୁ 'ଜୈବ ବିବିଧତାକୁ ସୁରକ୍ଷା, ଅବନତ ପରିସଂସ୍ଥାନକୁ ପୁନରୁଦ୍ଧାର ଏବଂ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ବିଶ୍ୱବ୍ୟାପୀ ସହଯୋଗର ଜରୁରୀ ଆବଶ୍ୟକତା। ତେଣୁ ଆଗାମୀ କାଲି ଲାଗି ଏହା ଆମ ସମସ୍ତଙ୍କ ପାଇଁ ମଧ୍ୟ କର୍ତ୍ତବ୍ୟ।

### ପ୍ରକୃତିକୁ ସୁରକ୍ଷା ଦେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ



ପ୍ରକୃତି ଆମ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣିଛେ। ତେବେ ଏହାକୁ ସୁରକ୍ଷା ନ ଦେଲେ ଆମର ଭବିଷ୍ୟତ ଅସୁରକ୍ଷିତ ହୋଇପଡ଼ିବ ମା' ସହ ଶିଶୁର ସମ୍ପର୍କ ଯେମିତି ଠିକ୍ ସେମିତି ମହାନ ଜନନୀ ପ୍ରକୃତି ସହ ଆମର ନିବିଡ଼ ସମ୍ପର୍କ ରହିଛି। ବିବର୍ତ୍ତନ ଏହାକୁ ଆମ ଜିନ୍‌ରେ ଲିପିବଦ୍ଧ କରିଦେଇଛି। ପ୍ରକୃତିର ସୁରକ୍ଷାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ନିହାତି ଦରକାର। ପ୍ରକୃତିକୁ ଆମେ ଯେମିତି ଧ୍ୱଂସ କରିଚାଲିଛେ, ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡ଼ିବ ତେଣୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଚଳିତ ବର୍ଷର ସ୍ଲୋଗାନ 'ପ୍ରକୃତିକୁ ରକ୍ଷା କର-ନିଜକୁ ରକ୍ଷାକର' ମହତ୍ତ୍ୱକୁ ଉପଲବ୍ଧି କରି ପ୍ରକୃତିର ସୁରକ୍ଷା ପାଇଁ ଆମେ ଚେଷ୍ଟା ଜାରି ରଖିବା ଦରକାର।

- ପ୍ର. ରମେଶ ଚନ୍ଦ୍ର ପରିଡା, ଭୁବନେଶ୍ୱର

### ପ୍ରକୃତିର ସଂରକ୍ଷଣକୁ ପ୍ରାଥମିକତା ଦେବା ଜରୁରୀ



ପ୍ରକୃତି ଆମକୁ ବହୁତ କିଛି ଦେଇଛି- ଜଳ,ଜଙ୍ଗଲ ଜୀବଜନ୍ତ ଇତ୍ୟାଦି ତେଣୁ ପ୍ରକୃତି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ନିହାତି ଆବଶ୍ୟକ। ଆମର ଆଗାମୀ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମେ ସମସ୍ତେ ପ୍ରକୃତିର ସଂରକ୍ଷଣ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଚେଷ୍ଟା କରିବା- ଏହି ବାର୍ତ୍ତାକୁ ଆଖି ଆଗରେ ରଖି ଆମ ସଙ୍ଗଠନ ମାଧ୍ୟମରେ ପ୍ରତିବର୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରୁ। ଆମେ ଯାଜପୁର ଆଖପାଖ ସ୍କୁଲ ଗୁଡ଼ିକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ଆମକୁ କ'ଣ ଦେଇଛି, ପ୍ରକୃତି ପ୍ରତି ଆମର କଣ କର୍ତ୍ତବ୍ୟ ରହିଛି ଏହା ବିଷୟ ରେ ଆଲୋଚନା କରିବା ସହ ଚାରା ବଣ୍ଟନ କରୁ। ସ୍କୁଲରେ ବୃକ୍ଷ ରୋପଣ କରୁ ଓ ପିଲା ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ମଧ କରୁ। ସେମାନେ ଘରେ ଖାଉଥିବା ବିଭିନ୍ନ ଫଳ ଏବଂ କୋଳି ମଞ୍ଜି ରଖି କିପରି ବର୍ଷା ଦିନରେ ଫାଙ୍କା ଜାଗା ଗୁଡିକରେ ପକାଇ ନୂଆ ଜଙ୍ଗଲ ସୃଷ୍ଟି କରିପାରିବେ ସେ ଉପରେ ସଚେତନତା ବାର୍ତ୍ତା ଦେଇ ଥାଉ। ବିଗତ ଦୁଇ ଧସନ୍ଧିରୁ ଅଧିକ ବର୍ଷ ହେବ ଆମେ ଏହି ପରିବେଶଧର୍ମୀ କାର୍ଯ୍ୟ କରିଆସୁଛୁ ଓ ଆଗକୁ ମଧ କରି ଚାଲିବୁ।

- ରାଜେଶ କୁମାର ରାଉତ, ଯୁବ ସମାଜସେବୀ, ଯାଜପୁର, ବ୍ୟାସନଗର

### ପରିବେଶ ସଂରକ୍ଷଣ ଦ୍ୱାରା ଆଗାମୀ ପିଢି ସୁରକ୍ଷିତ ରହିବେ



ଆଗେ ଗଛ, ଆଉ ସବୁ ପଛ। ବର୍ତ୍ତମାନ ସ୍ଥିତିରେ ପରିବେଶ ପ୍ରଦୂଷଣ ସ୍ତର ଯେଉଁ ଭଳି ଜାଗାରେ ପହଞ୍ଚିଲାଣି, ଆମକୁ ଏହି ଉକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପଡିବ ଏବଂ ଅନେକରୁ ଅନେକ ଗଛ ଲଗାଇବାକୁ ପଡିବ। ସେହି ଆଶା ଓ ସଂକଳ୍ପ ନେଇ ୟୁଏସ୍‌ଆଇ ଫାଉଣ୍ଡେଶନ୍ ବିଗତ ୨୦୨୨ରୁ ନିରନ୍ତର ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛି ଏବଂ ଲୋକମାନଙ୍କୁ ଗଛ ଲଗାଇବା ପାଇଁ ପ୍ରେରିତ କରୁଛି। ଯାହାର ଫଳ ସ୍ୱରୁପ ଆମେ ଆଜି ୫୭ ପ୍ରକାରର ପ୍ରାୟ ୩୨ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇବାରେ ସକ୍ଷମ ହୋଇପାରିଛୁ। ବୃକ୍ଷରୋପଣ ସହ ଆମକୁ ପ୍ଲାଷ୍ଟିକ ବ୍ୟବହାର ବିଶେଷ ଭାବରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଯେପରିକି ପଲିଥିନ୍ ବ୍ୟବହାର ନ କରିବା ଦିଗରେ ସଚେତନ ହେବା ଆବଶ୍ୟକ। କାରଣ ଏହା ମଧ ପରିବେଶ ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ। ତେଣୁ ଏଥିପାଇଁ ଆମକୁ ନିଜ ଜୀବନଶୈଳୀକୁ ପରିବର୍ତ୍ତନ କରି ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ହେବ। ପ୍ରଦୂଷଣ ରୋକିବା ଦ୍ୱାରା ଆମେ କେବଳ ପରିବେଶକୁ ନୁହେଁ ନିଜକୁ ମଧ ସୁରକ୍ଷିତ ରଖିପାରିବା। ଯାହାକି ଆମ ଆଗାମୀ ପିଢି ପାଇଁ ଏବଂ ସୁନ୍ଦର, ପ୍ରଦୂଷଣମୁକ୍ତ ସୁସ୍ଥ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ।

- ଡା. ରଶ୍ମୀରେଖା ସାହୁ, ମ୍ୟାନେଜିଂ ଟ୍ରଷ୍ଟି, ୟୁଏସ୍‌ଆଇ ଫାଉଣ୍ଡେଶନ

# ଚାଷୀ ପଞ୍ଜୀକରଣ ଅବଧି ବଢ଼ିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୭।୭ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀ ପଞ୍ଜୀକରଣ ଲାଗି ଶେଷ ସମୟସୀମା ଅଗଷ୍ଟ ୨୦ ତାରିଖ ରଖାଯାଇଛି। ଯଦି ସର୍ଭର ଡାଉନ କିମ୍ବା ଅନ୍ୟ କୌଣସି କାରଣରୁ ପଞ୍ଜୀକରଣ ହୋଇପାରୁ ନଥିବା ନେଇ ଅଭିଯୋଗ ଆସେ ତେବେ ଏହାର ଅବଧି ବୃଦ୍ଧି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ଚାଷୀମାନଙ୍କର ରେକର୍ଡ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥିବ ସେମାନେ ଅଣ୍ଡରଟେକିଂ ଫର୍ମ ଦାଖଲ କରି ପଞ୍ଜୀକରଣ



କୃଷ୍ଣଚନ୍ଦ୍ର ପାତ୍ର

କରିପାରିବେ। ଏନେଇ ଚାଷୀ ଆନ୍ଦୋଳନର କୌଣସି କାରଣ ନାହିଁ। ସରକାର ଚାଷୀଙ୍କ ହିତ ପାଇଁକାମ କରୁଛନ୍ତି। ଏ ସରକାରରେ ଚାଷୀଙ୍କର କୌଣସି ଅସୁବିଧା କରାଯିବ ନାହିଁ। ଯେଉଁମାନେ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ସେମାନେ ସଫଳ ହେବେ ନାହିଁ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଭାଜପା ସରକାର ଚାଷୀ ସରକାର। ରାଜ୍ୟରେ କ୍ଷମତାକୁ ଆସିବାର କେଇଦିନ ମଧ୍ୟରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ଇନ୍‌ପୁଟ ସବସିଡି ପାଇଁ ୮୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହାବାଦ୍ ଚାଷୀଙ୍କ ଉନ୍ନତି ପାଇଁ ଶୀତଳଭଣ୍ଡାରଠାରୁ ବହୁବିଧ ସୁବିଧା କରାଯାଇଛି ବୋଲି ସେ କହିଥିଲେ।

# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ



ଦନ୍ତାହାତୀ

### ଖଣ୍ଡ ବିଖଣ୍ଡିତ ଶରୀର ଜବତକଲା ପୋଲିସ, ଆସିଲେନି ଡିଏଫ୍‌ଓ



ସାମନ୍ତ ଦିଗାଲ

ଜି.ଉଦୟଗିରି,୨୭।୭ (ଶିଶିର ପଟ୍ଟନାୟକକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ କିଛି ମାସ ହେଲା ଦନ୍ତାହାତୀ ଉପଦ୍ରବ ଚଳାଇଛି। ଶନିବାର ରାତିରେ ଜି.ଉଦୟଗିରି ସହରଠାରୁ ମାତ୍ର ୨ କି.ମି. ଦୂର ପାଜିମାହା ଗ୍ରାମ ନିକଟରେ ଦନ୍ତା ଜଣେ ବ୍ୟକ୍ତିଙ୍କୁ ମାରି ଶରୀରକୁ ଖଣ୍ଡ ଖଣ୍ଡ କରିଦେଇଛି। ମୃତକ ହେଲେ ମାଲାଂସୁଗା ଗ୍ରାମର ସାମନ୍ତ ଦିଗାଲ (୫୫)। ପଦାସାହିଠାରେ ମୂଲ ମଜୁରି କାମ ସାରି ସାମନ୍ତ ଓ ଅନ୍ୟ ୨ ଜଣ ଘରକୁ ଫେରୁଥିବା ବେଳେ ଦନ୍ତା ସହ ମୁହାଁମୁହିଁ ହୋଇଥିଲେ। ହାତୀ ଦେଖି ୨ ସାଥୀ ଦୌଡ଼ି ପଳାଇଥିବାରୁ ସେମାନେ ବର୍ତ୍ତିଯାଇଛନ୍ତି। ସାମନ୍ତଙ୍କୁ ଦନ୍ତାଟି ଶୁଣ୍ଢରେ ଧରି ତଳେ କଚାଡ଼ି ଦଳି ଦେଇଥିଲା ବୋଲି ହାତୀମୁହଁରୁ ବର୍ତ୍ତିଯାଇଥିବା ସଞ୍ଜୀବ ପ୍ରଧାନ କହିଛନ୍ତି। ରବିବାର ସକାଳେ ଜି.ଉଦୟଗିରି ବନ ଅଧିକାରୀ ପ୍ରଶାନ୍ତ ସାହୁ, କଳିଙ୍ଗା ବନଅଧିକାରୀ ରଶ୍ମିତା ବକ୍ସି, ସ୍ଥାନୀୟ ପୋଲିସ ଏସ୍‌ଡିପିଓ ବିଜୟ କୁମାର ବିଶି, ଆଇଆଇସି ବିଜୟ କୁମାର ସ୍ୱାଇଁ, ଏସ୍‌ଆଇ ରୂପକ ଦଲେଇ, ରଞ୍ଜିତା ବେହେରା, ଏଏସ୍‌ଆଇ ରବୀନ୍ଦ୍ର ସେଠୀ, ବୁଲୁ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ଘଟିବାର ୧୮ ଘଣ୍ଟା ପରେ ସୁଦ୍ଧା ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ସାମନ୍ତଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଦେଖି ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ବହୁଦିନ ହେଲା ହାତୀପଲ ଯୋଗୁ ଅଞ୍ଚଳରେ ଧନଜୀବନ ନଷ୍ଟ ହେଉଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବନ ଅଧିକାରୀ ଡିଏଫଓଙ୍କ ସହ ଆଲୋଚନା କରି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି କହିବା ପରେ ଉତ୍ତେଜନା ଥମିଥିଲା। ପୋଲିସ ସାମନ୍ତଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଅଞ୍ଚଳରେ ପ୍ରଥମ କରି ଏପରି ଘଟଣା ଘଟିଥିବା ବେଳେ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଡିଏଫ୍‌ଓ ପ୍ରତାପ କାଟାପାଲିଙ୍କ ସହ ଯୋଗାଯୋଗ କରିବାରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ପାଇଁ ଦୁଃଖିତ ବୋଲି କହିଛନ୍ତି। ମୃତକଙ୍କ ପରିବାରକୁ ବର୍ତ୍ତମାନ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୯ ଲକ୍ଷ ଟଙ୍କା ସହାୟତା ଦିଆଯିବ। ହାତୀପଲଙ୍କୁ ଟ୍ରାକ କରାଯାଉଛି। ସେମାନଙ୍କୁ ଘଉଡାଇବା ପାଇଁ ଚେଷ୍ଟା ଚାଲିଛି। ବନ କର୍ମଚାରୀମାନେ ଜଙ୍ଗଲରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପ୍ରତି ଗାଁରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡିଏଫ୍‌ଓ କାଟାପାଲି କହିଛନ୍ତି।

# ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଜୀବନରକ୍ଷା ପ୍ରାଥମିକ ଦାୟିତ୍ୱ: ରାଜସ୍ୱ ମନ୍ତ୍ରୀ

ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)

ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱର୍କ(ଓଏସ୍‌ଡବ୍ଲ୍ୟୁଏଏନ୍) ପ୍ରକୋଷ୍ଠରେ ମନ୍ତ୍ରୀ ପୂଜାରୀ ଆଭାସି ମାଧ୍ୟମରେ ରାଜ୍ୟରେ ବନ୍ୟାସ୍ଥିତିର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଓ ବନ୍ୟା ପ୍ରପୀଡ଼ିତ ଜିଲାର ଜିଲାପାଳମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ, ଦୁଇଦିନ ତଳେ ସେ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ବନ୍ୟାଜନିତ କ୍ଷତି ମାତ୍ରାଧିକ ହେବ ବୋଲି କୁହାଯାଇଥିଲା। ମାତ୍ର ଏଠାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ହ୍ରାସ ପାଇବାରୁ ଉକ୍ତ ଦୁଇ ଜିଲାରେ ବିଶେଷ କ୍ଷତି ହୋଇନାହିଁ। ସେହିପରି ଯାଜପୁର ଓ ଭଦ୍ରକ ଜିଲା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବା ଶନିବାର ଖବର ମିଳିଥିଲା। ମାତ୍ର ରବିବାର ସକାଳୁ ବୈତରଣୀ ନଦୀର ଜଳପତ୍ତନ ବିପଦ ସଙ୍କେତ ତଳକୁ ଖସି ଆସିଛି। ଫଳରେ ଉପରୋକ୍ତ ୪ଜିଲାରେ ଆଶ୍ରୟ କେନ୍ଦ୍ରଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକେ ନିଜ ଘରକୁ ଫେରିଗଲେଣି।

ବର୍ତ୍ତମାନ ଏହି ଜିଲାମାନଙ୍କର କ୍ଷୟକ୍ଷତିର ଆକଳନ କରି ଭରଣା ଓ କ୍ଷତିଗ୍ରସ୍ତଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ବନ୍ୟାରେ ଭାଙ୍ଗିଥିବା ଘର ନିର୍ମାଣ ନ ହେବା ପର୍ଯ୍ୟନ୍ତ ରିଲିଫ କେନ୍ଦ୍ରମାନଙ୍କରେ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ମନ୍ତ୍ରୀ ପୂଜାରୀ କହିଛନ୍ତି, ବର୍ତ୍ତମାନ ବାଲେଶ୍ୱର ଜିଲାର ସ୍ଥିତି ଚିନ୍ତାଜନକ ରହିଛି। ଏଥିପାଇଁ ଏଠାରେ ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ନିୟୋଜିତ କରି ସଜାଗ ରହିବାକୁ କୁହାଯାଇଛି। ବନ୍ୟା ପରେ ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳର ସମସ୍ତ ଜଳଉତ୍ସଗୁଡ଼ିକୁ ବିଶୋଧନ କରିବା ଲାଗି ମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଜରୁରିକାଳୀନ ଅଧିକାରୀ ନୂତନ ସେଠ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.1592 — Date : 24.07.2025
NOTICE INVITATION FOR BIDS (NIFB)
No.CAD-1302 — E-Procurement Notice No. BP-I/16/2025-26 dt.24.07.2025

1. Nature of Work : Empanelment of Architectural Firms for providing comprehensive architectural Services
2. Total No. of Works : 01 No.
3. Bid Security : As per NIT
4. Class of Contractor : As per NIT
5. Other details as follows :

| Sl. No. | Name of the Work | Amount of Bid security (1% of value of work) (Rs) | Cost of bid document + GST@18% (Rs) | Class of Contractor | Duration of Contract |
|---|---|---|---|---|---|
| 1 | Empanelment of Architectural Firms for providing comprehensive architectural Services | 20,000.00 | 10000/- (GST 18%) | As per RFP | Two Years |

Further details can be seen from the Govt. Website **www.etendersodisha.gov.in**

OIPR-37002/11/0098/2526 — Sd./- Supt. Engineer, O.T.D.C. Ltd., BBSR




**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Soceity, W&CD Department,
Govt. of Odisha, Ph.: 06622-273343

Letter No. 266/DCPU/SNG/2025 — Date: 25.07.2025

No. g-73: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ.: ୯୯୩୮୧୭୦୪୫୦/ଅଫିସ୍: ୦୬୬୨୨-୨୭୩୩୪୩
ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ.: ୭୯୭୮୯୦୯୦୦୧/ ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ବୟସ | ଲିଙ୍ଗ | ରହୁଥିବା ଜାଗା/ ଉଦ୍ଧାର ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଅନ୍ନା ମେରି ଡୁଙ୍ଗ ଡୁଙ୍ଗ | ୧୭ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି /ଗୋପବନ୍ଧୁପାଲି, ରାଉରକେଲା |  |
| ୨ | ପୂଜା କିସାନ | ୧୩ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି/ଚାଇଲ୍ଡ ଲାଇନ, ଦିସା |  |

OIPR-33064/11/0018/2526 — District Child Protection Officer, Sundargarh



**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No. XXXIII-16

**ନୋଟିସ**

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୫୯/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାୟା ମହାରଣା, ସ୍ୱାମୀ: କୁଳମଣି ଓଝା, ୨. ସାବିତ୍ରୀ ମହାରଣା, ପିତା: କୁଳମଣି ଓଝା, ସା: ଦାରୁଠେଙ୍ଗ, ୩. ଅମ୍ବିକା ଚୌଧୁରୀ, ସ୍ୱାମୀ: ସୁରେନ୍ଦ୍ର ଚୌଧୁରୀ, ସା/ପୋ.: ମଙ୍ଗଳାବାଗ, ଥା: କଟକ, ଜି.: କଟକ ସଦର, ୪. ପ୍ରେମଲତା ମହାରଣା, ସ୍ୱାମୀ: ମହେଶ୍ୱର ମହାରଣା, ସା/ପୋ./ଥା.: ଗୋପାଳପୁର, ଜି.: କଟକ-୧୧, ୫. ଉଲ୍ଲାସ ମହାରଣା, ସ୍ୱାମୀ: କୃଷ୍ଣଚନ୍ଦ୍ର ମହାରଣା, ୬. ଆଶାଲତା ମହାରଣା, ସା: ପ୍ଲଟ ନଂ.-୪୧, ପୋ: କ୍ୟାପିଟାଲ, ଭୁବନେଶ୍ୱର, ୭. ବିଭୂତି ଭୂଷଣ ମହାରଣା, ୮. ବୀରେନ୍ଦ୍ର ଓଝା, ୯. ନିରଞ୍ଜନ ଓଝା, ୧୦. ସୁକାନ୍ତ ଓଝା, ୧୧. ବିଜୟଲକ୍ଷ୍ମୀ ଓଝା, ୧୨. ରାଜଲକ୍ଷ୍ମୀ ଓଝା, ପିତା: ପ୍ରେମାନନ୍ଦ ଓଝା, ସା: ବାନସାମିଲ, ରାମଚଣ୍ଡୀ, ପୋ: ବୈଦେଶ୍ୱର, ଜିଲ୍ଲା: କଟକ, ୧୩. ଅମ୍ବିକା ପଟ୍ଟନାୟକ, ସ୍ୱାମୀ: ଶିବନାରାୟଣ ପଟ୍ଟନାୟକ, ସା: ଏଚ୍.ଆଇ.ଜି.-୨୬୯, କଳିଙ୍ଗ ବିହାର, ପୋ: ତମାଣ୍ଡୋ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୪. ଇତିଶ୍ରୀ ଦାସ, ସ୍ୱାମୀ: ଦେବଦାସ ମହାପାତ୍ର, ସା: ଅଥିଳବାଜ, ପୋ: ଅଭଣା, ଥା: ସୋର, ଜି: ବାଲେଶ୍ୱର, ୧୫. ପୂର୍ଣ୍ଣଚନ୍ଦ୍ର ବେହେରା, ପିତା: ଚକ୍ରଧର ବେହେରା, ସା: ପଥରଗାଡ଼ିଆ, ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜି: ଖୋର୍ଦ୍ଧା, ୧୬. ରତ୍ନାକର ଜେନା, ପିତା: ନାଗର ଜେନା, ସା: ପାରାବନ୍ଧ, ପୋ: ଓଡ଼ଗାଁ, ଥା: ଅଗରପଡ଼ା, ଜି: ଭଦ୍ରକ, ୧୭. ନିହାର ରଞ୍ଜନ ସାହୁ, ପିତା: ଭିକାରୀ ଚରଣ ସାହୁ, ସା: ପ୍ଲଟ ନଂ. ୧୦୨୫, ଡୁମଡୁମା ହାଉସିଂ ବୋର୍ଡ଼ କଲୋନୀ, ଫେଜ୍-୨, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୮. ରୀତାରାଣୀ ବେହେରା, ପିତା: ମଦନମୋହନ ବେହେରା, ସା/ପୋ: ଭି.ଏସ୍.ଏସ୍. ନଗର, ଥା: ସହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୯. ଗୀତାଞ୍ଜଳୀ ବେହେରା, ସ୍ୱାମୀ: କୃଷ୍ଣଚନ୍ଦ୍ର ବେହେରା, ସା: ପଥରଗାଡ଼ିଆ, ୨୦. ରମେଶ ଚନ୍ଦ୍ର ଗୁପ୍ତା, ପିତା: ବାବୁଲାଲ ଗୁପ୍ତା, ସା: ପ୍ଲଟ ନଂ. ୧୩୧, ପଞ୍ଜାବୀ କଲୋନୀ, ସତ୍ୟନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୨୧. ଜୟପାଳ ରାଓ, ପିତା: ରଘୁନନ୍ଦନ ରାଓ, ୨୨. ସୁରେଶ କୁମାର ପାଣ୍ଡେ, ପିତା: ରାମଲାଲ ପାଣ୍ଡେ, ସା: ପ୍ଲଟ ନଂ. ୪୮, ଚିନ୍ତାମଣି ଇଣ୍ଡଷ୍ଟ୍ରି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ମଞ୍ଚେଶ୍ୱର, ଭୁବନେଶ୍ୱର, ୨୩. ବିଭୂତି ଭୂଷଣ ସାମନ୍ତରାୟ, ପି.: ଶ୍ୟାମସୁନ୍ଦର ସାମନ୍ତରାୟ, ସା/ପୋ.: ନିରାକାରପୁର, ଥା: ଜଙ୍କିଆ, ଜି: ଖୋର୍ଦ୍ଧା, ୨୪. ଆଶିଷ କୁମାର ବିଶ୍ୱାଳ, ପି.: କୃପାସିନ୍ଧୁ ବିଶ୍ୱାଳ, ସା: ଅରେଇକଣ, ପୋ/ଥା.: ଭଣ୍ଡାରୀପୋଖରୀ, ଜି.: ଭଦ୍ରକ, ୨୫. ରଣଜିତ୍ କୁମାର ସାହୁ, ପି.: ସୁଦାମ ଚରଣ ସାହୁ, ସା/ପୋ.: ବାଭଝର, ଥା.: ପରଜଙ୍ଗ, ଜି.: ଢେଙ୍କାନାଳ ..... ବିରୋଧୀପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୫୯/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା: ସୁନ୍ଦରପୁର, ଖାତା ନଂ. ୨୩, ପ୍ଲଟ ନଂ. ୫୧୯, ରକବା ଏ୦.୪୦୨ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୫।୦୯।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୦୨।୦୭।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0082/2526



No.CAD-1257

idco | ODISHA NEW OPPORTUNITIES

IDCO/SFP/34/2025 21474 — Date : 21.07.2025

**BID IDENTIFICATION NO. - P&C/ EST/E - 31/ 2025-26**

**NOTICE INVITING REQUEST FOR PROPOSAL (RFP) THROUGH E-PROCUREMENT PORTAL OF GOVT. OF ODISHA**

Odisha Industrial Infrastructure Development Corporation invites Request for Proposal from renowned Firms / Agencies through e-procurement portal of Govt. of Odisha for **"Operation, Maintenance & Management of Flake Ice Unit and Cold Storage at Primary Processing Centre (PPC) of Sea Food in Chhatrapur, Ganjam district of Odisha"**.

Firms/Agencies having experience in day-to-day operation, maintenance & management of Cold Storage/ Block Ice/ shrimp processing business are only invited to submit their proposal. The Bid Document comprising of eligibility Criteria, Instruction to Bidders, Scope of the work, BOQ etc. can be seen in e-procurement portal of Govt. of Odisha from **17:00 Hours of Dt. 01.08.2025 to 17:00 Hours of Dt. 22.08.2025**.

The **pre-bid meeting will be held on Dt.12.08.2025 at 11:30** Hours (Pre bid query must be submitted through mail id cgmpc@idco.in before prebid meeting).

The Technical Bid will be **opened online on 25.08.2025 at 11:30 A.M.** IDCO has the right to accept or reject the Notice/ EOI without assigning any reasons thereof.

OIPR-14003/11/0216/2526 — Sd./- Chief General Manager (P&C)



No.CAD-1261

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, IDCO, IDCO BALASORE DIVISION**

Tender Call Notice No. BLS/CIV/EST/3855/P-II 1255, — Dated : 22.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Costruction of Approach CC Road to new I/E at Bamapada, Balasore under Land Bank Scheme.
2. Value of the work : Rs.79.07 Lakhs
3. Period of Completion : 04 (Four) Calendar months
4. Other details :

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divsional Head, Balasore Division, IDCO, Balasore | BLS/CIV/EST-04/2025-26 | 30.07.2025 at 17.00 Hrs. | 19.08.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can be seen in the e-procurement portal www.tendersodisha.gov.in and www.idco.in.

OIPR-14003/11/0214/2526 — Sd./- Divisional Head, IDCO, Balasore



**Office of District Manager**
**Odisha State Civil Supplies Corporation Ltd., Ganjam**
Phone : 06811-263931
District Website : www.ganjam.odisha.gov.in

Tender No. 4381, 4382, 4383, 4384, 4385, 4386, 4387, 4388, 4389, 4390, 4391, 4392, 4393, 4394, 4395, 4396, 4397, 4398, 4399, 4400, 4401, 4402, 4403, 4404 / Dt.21.07.2025

**No.CAD-1285** : District Manager, Odisha State Civil Supplies Corporation Ltd., Ganjam invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of (i) Level-I Transport Contractor for transporation of foodgrains from FSD, FCI to RRCs (ii) Level-II Transport Contractor for transporation of food grains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From 23.07.2025 |
| 3 | Last Date / Time for Receipt of bids in the portal | Dt.08.08.2025 up to 05.30 P.M. |
| 4 | Date/Time of Opening of Technical Bid | Dt.12.08.2025 at 10.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam, Chatrapur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

OIPR-07034/11/0002/2526 — Sd./- District Manager, OSCSC Ltd., Ganjam, Chatrapur

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଉଦ୍‌ଯାପିତ

### ଭାରତୀୟ ଦଳଲାଗି ସର୍ବାଧିକ ପଦକ ଜିତିଲେ କିଟ୍ ଛାତ୍ର

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ରବିବାର ଉଦ୍‌ଯାପିତ ହୋଇଛି। ଏହି ମେଗା ପ୍ରତିଯୋଗିତାରେ ଭାରତ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସର୍ବାଧିକ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ଫଳରେ ଭାରତ ପଦକ ତାଲିକାରେ ୨୦ଶ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି।

ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ କିଟ୍ ଛାତ୍ରୀ ଅଙ୍କିତା ଧ୍ୟାନି ବ୍ୟକ୍ତିଗତ ଶ୍ରେଷ୍ଠ ୯:୩୧.୯୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ସାମାଜିକ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ୨୩ ବର୍ଷୀୟା ଅଙ୍କିତାଙ୍କର ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୯:୩୯.୦୦ ସେକେଣ୍ଡ। ସେହିପରି ପ୍ରବୀଣ ଚିତ୍ରାଭେଲ ଟ୍ରିପଲ ଜମ୍ପରେ ଓ ସୀମା ମହିଳା ୫୦୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୪x୧୦୦ ରିଲେ ରେସ୍‌ରେ ଭାରତୀୟ ଦଳ ୩୮.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ, ମୃତ୍ୟୁମ ଜୟରାମ ଦୋଣ୍ଡପଟି ଏବଂ ଏଚ୍‌ପିସି ଆଥଲେଟ୍ ଅନିମେଶ କୁଜୁର ସାମିଲ ଥାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ମଣିକାନ୍ତ ହୋବ୍ଲିଧର। ଏହି ୪ ଜଣ ଯାକ ଖେଳାଳି କିଟ୍‌ରେ ଅଧ୍ୟୟନ କରୁଛନ୍ତି। ସେହିପରି ଏହି ବିଶ୍ୱବିଦ୍ୟାଳୟର ମୁନିତା ପ୍ରଜାପତି, ମାନସି ନେଗି ଓ ସେଜାଲ ସିଂଙ୍କ ନେଇ ଗଠିତ ଭାରତୀୟ ମହିଳା ୨୦ କିଲୋମିଟର ରେସ୍‌ୱାକ୍ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ହାସଲ କରିଛି।



ଅନ୍ତିମ ଦିବସ ରବିବାର ପଦକ ବିଜୟୀ ଭାରତୀୟ ପ୍ରତିଯୋଗୀ।

ପ୍ରକାଶ ଯୋଗ୍ୟ ଯେ, ୨୦୧୯ରେ ନାପୋଲିରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ଚାନ୍ଦ କିଟ୍‌ର ପ୍ରଥମ ଛାତ୍ରୀ ଭାବେ ଭାରତ ପକ୍ଷରୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏଥର ଭାରତୀୟ ପ୍ରତିନିଧି ଦଳରେ ୩୦୦ ଆଥଲେଟ୍ ଓ ୧୦୦ ଅଫିସିଆଲ ସାମିଲ ଥିଲେ। ଏଥିରେ କିଟ୍‌ରୁ ୪୦କୁ ମିଶାଇ ଓଡ଼ିଶାରୁ ମୋଟ ୪୨ ଆଥଲେଟ୍ ସାମିଲ ଥିଲେ। ଭାରତୀୟ ଆଥଲେଟ୍‌ମାନେ ୧୪ଟି ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ (ଏଆଇୟୁ) ଦେଶର ୫ ନୋଡାଲ ସେଣ୍ଟରକୁ ଚୟନ ଟ୍ରାଏଲ୍ସ ଓ ଟ୍ରେନିଂ ପାଇଁ ବାଛିଥିଲା। ଏହା ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆଥଲେଟିକ୍ସ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବୁଲ ଟେନିସ ଓ ଭଲିବଲର କୋଚିଂ କ୍ୟାମ୍ପ ଓ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଠାରେ ଅନ୍ତର୍ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ କୋଚ୍‌ମାନେ ଟ୍ରେନିଂ ଦେଇଥିଲେ। ଭାରତୀୟ ଦଳର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆଥଲେଟ ଓ କୋଚିଂ ଷ୍ଟାଫ୍‌ଙ୍କ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସାଇ, ଏଆଇୟୁ ଏବଂ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଭାରତର ପଦକ

**ସ୍ୱର୍ଣ୍ଣ-୨:** ପର୍ନିତ କୌର/କୁଶାଲ ଦଲାଲ (ମିକ୍ସଡ ଟିମ୍ କମ୍ପାଉଣ୍ଡ ଆର୍ଚେରୀ, ସାହିଲ ଯାଦବ (ପୁରୁଷ କମ୍ପାଉଣ୍ଡ ଆର୍ଚେରୀ)
**ରୌପ୍ୟ-୫:** ପର୍ନିତ କୌର (ମହିଳା କମ୍ପାଉଣ୍ଡ ଆର୍ଚେରୀ), କୁଶାଲ ଦଲାଲ/ସାହିଲ ଯାଦବ/ହ୍ରିତିକ ଶର୍ମା (ପୁରୁଷ ଟିମ୍ କମ୍ପାଉଣ୍ଡ ଆର୍ଚେରୀ), ପ୍ରବୀଣ ଚିତ୍ରାଭେଲ (ପୁରୁଷ ଟ୍ରିପଲ ଜମ୍ପ), ସୀମା (ମହିଳା ୫୦୦୦ ମିଟର ରେସ୍), ଅଙ୍କିତା ଧ୍ୟାନି (ମହିଳା ୩୦୦୦ମି. ଷ୍ଟିପଲ ଚେଜ୍)।
**ବ୍ରୋଞ୍ଜ-୫:** ବ୍ୟାଡ୍‌ମିଣ୍ଟନ ମିକ୍ସଡ ଟିମ୍, ବୈଷ୍ଣବୀ ଅଦକର (ମହିଳା ସିଙ୍ଗଲ୍ସ ଟେନିସ), ପର୍ନିତ କୌର/ଅଭନିତ କୌର/ମାଧୁରା ଧମନଗାଁଓକର (ମହିଳା କମ୍ପାଉଣ୍ଡ ଟିମ୍ ଆର୍ଚେରୀ), ସେଜାଲ ସିଂ, ମୁନିତା ପ୍ରଜାପତି, ମାନସି ନେଗି (ମହିଳା ୨୦କିମି ରେସ୍ ୱାକ୍ ଟିମ୍), ଲାଲୁ ପ୍ରସାଦ ଭୋଇ/ଅନିମେଶ କୁଜୁର/ମଣିକାନ୍ତ ହୋବ୍ଲିଧର/ମୃତ୍ୟମ ଜୟରାମ ଦୋଣ୍ଡପଟି (ପୁରୁଷ ୪x୧୦୦ ରିଲେ)।

# ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

କାର୍ଡିଫ୍‌ରେ ଅନୁଷ୍ଠିତ ବ୍ରିଟିଶ୍ ଆଣ୍ଡ ଆଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉତ୍ତରାଖଣ୍ଡର ମନୋଜ ସରକାରଙ୍କୁ ପାର୍ଟନର କରି ବିଷୋୟୀ ପୁରୁଷ ଡବଲ୍ସ ଏସ୍‌ଏଲ୍୩-ଏସ୍‌ଏଲ୍୪ ଇଭେଣ୍ଟରେ ଏହି ପଦକ ପାଇଛନ୍ତି। ଅନ୍ୟତମ ଭାରତୀୟ ଯୋଡ଼ି ନଵୀନ ଶିବକୁମାର ଓ ଜଗଦୀଶ ଦିଲୀଙ୍କଠାରୁ ୨୧-୨୩, ୧୮-୨୧ରେ ଦୀପ୍ ରଞ୍ଜନ-ମନୋଜଙ୍କ ଯୋଡ଼ି ପରାସ୍ତ ହୋଇଥିଲେ।



ଦୀପ୍ ରଞ୍ଜନ ବିଷୋୟୀ

# ଖେଲୋ ଭାରତ ନୀତିରେ ଗାଁ, ଗରିବ, ଝିଅଙ୍କୁ ପ୍ରାଧାନ୍ୟ ଦିଆଯାଇଛି: ପ୍ରଧାନମନ୍ତ୍ରୀ

## ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' ରେଡିଓ ପ୍ରୋଗ୍ରାମ ଜରିଆରେ ଦେଶକୁ ନୂଆ 'ଖେଲୋ ଭାରତ ନୀତି' ସମ୍ପର୍କରେ ସମ୍ବୋଧିତ କରିଛନ୍ତି। ଚଳିତ ମାସରେ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଥିବା ଏହି ନୀତିର ଉଦ୍ଦେଶ୍ୟ ହେଉଛି ଭାରତର କ୍ରୀଡ଼ା ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ସହିତ ବିଶ୍ୱ ସ୍ତରରେ ଦେଶକୁ ଏକ କ୍ରୀଡ଼ା ମହାଶକ୍ତି ରୂପେ ପରିଗଣିତ କରିବା।

'ଗାଁ, ଗରିବ ଓ ଝିଅଙ୍କୁ 'ଖେଲୋ ଭାରତ ନୀତି ୨୦୨୫'ରେ ପ୍ରାଧାନ୍ୟ ଦିଆଯାଇଛି। ସ୍କୁଲ ଓ କଲେଜରେ କ୍ରୀଡ଼ା ପ୍ରତ୍ୟେକ ଦିନର ଅଂଶ ହୋଇ ରହିବ। କ୍ରୀଡ଼ା ମ୍ୟାନେଜ୍‌ମେଣ୍ଟ ହେଉ କି ଉପକରଣ ପ୍ରସ୍ତୁତି ଆଦି କ୍ରୀଡ଼ା ସମ୍ପର୍କିତ ଷ୍ଟାର୍ଟଅପ୍ସକୁ ସହାୟତା ଦିଆଯିବ। ମୋତେ ଅନେକ ଯୁବ ଆଥ୍‌ଲେଟ୍ସ ଓ ସେମାନଙ୍କ ବାପା-ମା'ଙ୍କଠାରୁ ମେସେଜ ମିଳିଛି। ସେହି ମେସେଜରେ ସେମାନେ 'ଖେଲୋ ଭାରତ ନୀତି ୨୦୨୫' ପ୍ରଶଂସା କରିଛନ୍ତି। ଭାରତକୁ ଏକ କ୍ରୀଡ଼ା ମହାଶକ୍ତି କରି ଗଢ଼ି ତୋଳିବା ଏହି ନୀତିର ଲକ୍ଷ୍ୟ। କ୍ରୀଡ଼ା ମାଧ୍ୟମରେ ଖେଳାଳି ଓ ଆଥ୍‌ଲେଟଙ୍କ ମଧ୍ୟରେ ଟିମ ସ୍ପିରିଟ୍ ସୃଷ୍ଟି ହୁଏ। ଏହାଦ୍ୱାରା ଯୁବପିଢ଼ି ମଧ୍ୟରେ ଫିଟ୍‌ନେସ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ଏହା ହିଁ ଶକ୍ତିଶାଳୀ ଭାରତ ତିଆରି କରିବାର ବାଟ। ଏଣୁ ଖୁବ୍ ଖେଳ ଓ ଖୁବ୍ ଚମକ' ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ଶେଲଟନଙ୍କୁ ହରାଇ ଫୋକିନା ଫାଇନାଲରେ

ୱାଶିଂଟନ, ୨୭।୭ (ଏପି)

ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ଏଠାରେ ଚାଲିଥିବା ଡି.ସି. ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଚତୁର୍ଥ ସିଡ୍ ବେନ୍ ଶେଲ୍‌ଟନଙ୍କୁ ୬-୨, ୭-୫ ସ୍କୋରରେ ପରାସ୍ତ କରିଛନ୍ତି। ପୂର୍ବରୁ କ୍ୱାର୍ଟରଫାଇନାଲରେ ନମ୍ବର-୧ ସିଡ୍ ଟେଲର ଫ୍ରିଜ୍‌ଙ୍କୁ ହରାଇ ସେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏଠାରେ ୧୨ତମ ସିଡ୍ ତଥା ୨୬ବର୍ଷୀୟ ସ୍ପେନ୍‌ର ଫୋକିନା ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟର ଟାଇଟଲ ପାଇଁ ୭ମ ସିଡ୍ ଆଲେକ୍ସ ମିନାଉରଙ୍କ ସହିତ ମକାବିଲା କରିବେ। ମିନାଉର କୋରେନ୍‌ଟିନ୍ ମୋଟେଟଙ୍କୁ ୬-୪, ୬-୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫୋକିନା ତାଙ୍କ ଚତୁର୍ଥ କ୍ୟାରିୟର ଫାଇନାଲରେ ପ୍ରଥମ ଏଟିପି ଟ୍ରଫି ହାସଲ ଲକ୍ଷ୍ୟରେ ଅଛନ୍ତି। ଫଳାଫଳ ଯାହା ହେଉନା କାହିଁକି ଡି.ସି. ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପୂର୍ବରୁ ୨୬ ନମ୍ବର ସ୍ଥାନରେ ଥିବା ଏହି ଖେଳାଳି ଆସନ୍ତା ର୍‍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ଥର ଟପ୍ ୨୦ରେ ପ୍ରବେଶ କରିବା ନିଶ୍ଚିତ।

# ଆଦ୍ୟା ଅଭିତ, ସାଇ ଶକ୍ତି ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ସ୍କୁଲ୍ସ ଓପନ ଚେସ୍

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ବିଜେଇଏମ୍ ସ୍କୁଲ-୨ ଆନୁକୂଲ୍ୟରେ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ମିନି ବର୍ଗରେ ଆଦ୍ୟା ଅଭିତ ଦାସ ଓ ସବ୍‌ଜୁନିୟରରେ ସାଇ ଶକ୍ତି ପଣ୍ଡା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀ ପୂରା ୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ମିନି ବର୍ଗରେ ସାଇ ସ୍ୱାଗତ ପରିଡ଼ା, ମୟଙ୍କ ବରାଳ, ରେୟାଂଶ ମହାନ୍ତି ଓ ଦିବ୍ୟଦୃଷ୍ଟି ଶତପଥୀ ଏବଂ ସବ୍‌ଜୁନିୟର ବର୍ଗରେ ସତ୍ୟମ୍ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ହିମାଂଶୁ ଶେଖର ସାହୁ ଓ ଉଦୟକାନ୍ତ ନାୟକ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୧୦ ଖେଳାଳି ସ୍ୱତନ୍ତ୍ର ଏବଂ ୫ ଚେସ୍ ପ୍ରତିଭା ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଜେଇଏମ୍ ସ୍କୁଲ-୨ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର କ୍ରୀଡ଼ା ବିଭାଗ ମୁଖ୍ୟ ଅଜୟ ସରକାର, ଖେଳ ଶିକ୍ଷକ ବସନ୍ତ ପ୍ରଧାନ ଓ ଶିକ୍ଷୟିତ୍ରୀ ନିଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଭାରତ ଓହରିପାରିବ ନାହିଁ

ନୂଆଦିଲ୍ଲୀ, ୨୭।୭

ସେପ୍ଟେମ୍ବରରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ମ୍ୟାଚ୍ ଲାଗି ଅନିଶ୍ଚିତତା ଦେଖାଦେଇଥିବା ବେଳେ ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏସିଆ କପ୍ କିମ୍ବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଓହରି ପାରିବ ନାହିଁ। ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ପକ୍ଷରୁ ଶନିବାର ଏସିଆ କପ୍ ଲାଗି କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଛି। ଦୁଇ ଦଳ ମଧ୍ୟରେ ସେପ୍ଟେମ୍ବର ୧୪ ତାରିଖରେ ମୁକାବିଲା ହେବ।

ବିସିସିଆଇ ଏବେ ଟୁର୍ନାମେଣ୍ଟରୁ ଓହରିପାରିବ ନାହିଁ। ଏସିସି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ଭାରତ ଆୟୋଜକ ଦେଶ ହୋଇଥିବାରୁ କିଛି ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଅଧିକାରୀଙ୍କ ସ୍ତରରେ ହୋଇଥିବା ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ଏଣୁ ମ୍ୟାଚ୍ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ତେବେ ନିକଟରେ ପାକିସ୍ତାନ ଚାମ୍ପିୟନ୍ସ ବିପକ୍ଷ ମ୍ୟାଚ୍‌ରୁ ଯୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଚାମ୍ପିୟନ୍ସ ଓହରି ଯାଇଥିଲେ। ଏଥିଯୋଗୁ ପାକିସ୍ତାନ ବିପକ୍ଷ ଏସିଆ କପ୍ ମ୍ୟାଚ୍‌ରୁ ଭାରତୀୟ ଦଳ ଓହରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି।


# Classified Everyday

0674-2580101, 9692975378


REAL ESTATE
SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492. D-1376

A commercial hall at main road facing around 1000 SFT. At-Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

2000 square feet Office, Ground Floor, fully furnished, Chandrasekharpur. 8895154066. D-74733




Full body massage experience, good looking therapist @999 (Bhubaneswar). 9078484455. D-1325

Positively health benefits SPA expert female therapist homely atmosphere. 9114559830. D-76295

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LOST

I, Achuta Nanda, S/o late Hrushikesh Nanda, R/o. Qtr. No.54, Gopi Vihar Colony, Brajrajnagar, Jharsuguda, declare that I am the recorded tenant of M.S. Khata No.- 1212/7843, Plot No.- 2255/14255 (0.050 dec). The original sale deed (No. 10862302452, dated 26.06.2023) was lost on 12.07.2025, en route to Lamtibahal despite best efforts, could not be found the same. D-1446

## AFFIDAVIT

Before Executive Magistrate, Bhubaneswar, I, Pranati Gochhayat age about 65years W/o. Umesh Chandra Gochhayat here upon states that earlier I was recognised as Pranati Nayak but affter wards, I, changed my surname from Nayak to Gochhayat because to get the benefits of my husband Umesh Chandra Gochhyat as he is a bank service holder. When I was recognised as Pranati Nayak I bought shares from Bank of Baroda and ICICI Bank in the year 2008. So Pranati Gochhayat and Pranati Nayak are one and same person. D-1440

By virtue of an affidavit sworn before Executive Magistrate, Puri, dated- 18day of july 2025, I, Parthasarathi Baliyarsingh, Address: 46, Radhua, P.O.-Kalyanpur, P.S.- Delang, Dist.- Puri, Odisha, PIN- 752015, declare that I have changed my name from Partha Sarathi Baliyarasing to Parthasarathi Baliyarsingh. Henceforth, I shall be known as Parthasarathi Baliyarsingh for all purposes.
Parthasarathi Baliyarsingh
D-1442

By virtue of an affidavit sworn before Executive Magistrate, Bhadrak, dtd- 07.07.2025, I, Sunita Sutar, D/o- Sudarsan Sutar, Vill- Budang, P.O.- Dolasahi, P.S.-Tihidi, Dist.- Bhadrak, PIN- 756127, declare that I have changed my name from Sumati Sutar to Sunita Sutar. Henceforth, I shall be known as Sunita Sutar for all purposes. D-1445

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି


ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ଭାସ୍କର ସେଣ୍ଠ
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୮।୦୩।୧୯୪୦
ତିରୋଧାନ: ୦୭।୦୮।୨୦୨୪
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା। ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:-ସ୍ତ୍ରୀ- କମଳା, ପୁଅବୋହୂ- ଅଶୋକ, ଇତି, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୪୧

୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ଜୟଗୋପାଳ ଦାସ
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ: ୧୦।୦୨।୧୯୪୦
ତିରୋଧାନ: ୧୮।୦୮।୨୦୧୫
ଆପଣ ଛାଡ଼ିଯାଇଥିବା ସ୍ଥାନ ଅପୂରଣୀୟ ଆପଣଙ୍କ ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:-ସ୍ତ୍ରୀ- ଇନ୍ଦୁ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି ଓ ନାତୁଣୀମାନେ।
ଧ-୧୪୪୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ସୁଜାତା ନନ୍ଦ
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୧୮।୦୭।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଶୋକସନ୍ତପ୍ତ-
ପ୍ରବୋଧ ନନ୍ଦ, ପିନାକୀ ନନ୍ଦ, ପ୍ରୀତି ପଦ୍ମା ନନ୍ଦ, ନେହା ସାହୁ, ବୈଭବ ଜୋଷୀ, ଓଜେସ୍ ଏବଂ ତେଜସ୍।
ଧ-୧୪୪୭

# ନୀରୋଗ ଜୀବନ ଅନ୍ତରାଳେ...



ଡା. ଆଶିଷ ବାନାର୍ଜୀ

"ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି । ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ । ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଟି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।"



ଏହି ପ୍ରକୃତି କୋଳରେ ଆମେ ଜନ୍ମ ନେଇଛୁ। ଏହାର ମାଟି, ପାଣି, ପବନ ଓ ସୂର୍ଯ୍ୟକିରଣରେ ବଢ଼ୁଛୁ। ଜନ୍ମ ପରେ ମାଆ, ଜେଜେମା'ମାନେ ଆମକୁ ସୂର୍ଯ୍ୟକିରଣରେ ଶୁଆଇ ଦେହରେ ତେଲ ମାଲିଶ କରି ଆମକୁ ବଡ଼ କରିଛନ୍ତି। ନଦୀ, ପୋଖରୀକୁ ଗୋଧୋଇବାକୁ ଗଲେ କିମ୍ବା ଗଙ୍ଗା ନଦୀକୁ ସ୍ନାନ କରିବାକୁ ଗଲେ କେତେକ ସୁସ୍ଥ ସବଳ ଲୋକ ମାଟି ଦେହ ସାରା ଲଗାଇ ବସିଥିବାର ଦେଖୁ। ସମୁଦ୍ରକୂଳରେ ବିଦେଶୀ ପର୍ଯ୍ୟଟକମାନେ ସ୍ୱଳ୍ପବସ୍ତ୍ର ପରିଧାନ କରି ଆଖି ବନ୍ଦ କରି ସୂର୍ଯ୍ୟକିରଣରେ ଶୋଇଥିବାର ଦେଖୁ। ଗାଁ ଗହଳିରେ ବୟସ୍କ ବ୍ୟକ୍ତିମାନେ ଖାଲିପାଦରେ ଚାଲିବା ଦେଖୁ। ଏପରିକି ପରିଣତ ବୟସରେ ପହଞ୍ଚିଥିବା କେତେକ ବ୍ୟକ୍ତି ସାଇକେଲ ଚଲାଇବାର ନଜିର ରହିଛି। ପିଲାବେଳେ ପେଟରେ ବାୟୁ ଜମିଲେ, ପେଟ ଖରାପ ହେଲେ ପେଟରେ ମାଆମାନେ ଜଡ଼ାତେଲ ମାଲିଶ କରି ପୋଖରୀ ପଙ୍କକୁ ପ୍ରଲେପ ଦେଇ କିଛି ସମୟ ରଖି ଗରମ ହୋଇଗଲେ ସଫା କରି ପୁଣି ନୂଆ ପଙ୍କ ଲେପନ ଦେଇ ଏକ ଘଣ୍ଟା ପର୍ଯ୍ୟନ୍ତ ରଖିଥାଆନ୍ତି। ଏହାଦ୍ୱାରା ପେଟ ଗରମ, ପେଟରେ ବାୟୁ ହେବା, ଯନ୍ତ୍ରଣା ଇତ୍ୟାଦି ପେଟ ରୋଗ କେତେକାଂଶରେ ଭଲ ହୋଇଯାଏ।

ଉପରୋକ୍ତ ବ୍ୟକ୍ତିଙ୍କ ବିଷୟରେ ଅନୁଧ୍ୟାନ କଲେ ଆମ୍ଭେ ଦେଖିବା ଏମାନେ ଆମ ତଥା ଆଧୁନିକ ଜୀବନଶୈଳୀ, ଚାକଚକ୍ୟ ଜୀବନ ବିତାଉଥିବା ଲୋକଙ୍କଠାରୁ ବେଶି ସୁସ୍ଥ, ବଳବାନ୍ ଓ ନୀରୋଗ ଅଟନ୍ତି। ଏମାନଙ୍କର ପ୍ରାୟ ଔଷଧ ଦରକାର ପଡ଼େ ନାହିଁ। ବ୍ୟାଧି ପ୍ରତିରୋଧ କ୍ଷମତା ଯଥେଷ୍ଟ ଅଧିକ। ଏମାନଙ୍କୁ ବିକୃତ ଜୀବନଶୈଳୀଜନିତ ରୋଗ ଯଥା– ମଧୁମେହ, ଉଚ୍ଚ ରକ୍ତଚାପ, କିଡ୍‌ନୀ, ଲିଭର, ହାର୍ଟ ଏବଂ ଫୁସ୍‌ଫୁସ୍‌ଜନିତ ରୋଗ ପ୍ରାୟ ହୁଏ ନାହିଁ। ବୟସାଧିକ ହେଲେ ମଧ୍ୟ ଖାଲି ଆଖିରେ ଦେଖିବା, ପଢ଼ିବା ଇତ୍ୟାଦି ଯାବତୀୟ କାର୍ଯ୍ୟ କରିପାରନ୍ତି। ଏମାନେ ପ୍ରାକୃତିକ ପବନରେ ଥକ୍କା ମେଣ୍ଟାନ୍ତି। ଖରାରେ କାର୍ଯ୍ୟ କରନ୍ତି। ରାତିର ଚନ୍ଦ୍ର କିରଣରେ ଖଟ ପକାଇ ଶୋଇଥାଆନ୍ତି। ପ୍ରାକୃତିକ ଉତ୍ସରୁ ପାଣି ପିଇଥାଆନ୍ତି। ତେବେ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ଏସବୁ ବିଷୟରେ ଆସନ୍ତୁ ଜାଣିବା।





ଶରୀରରେ ମାଟି ମର୍ଦ୍ଦନ କଲେ ବ୍ୟାଧି ପ୍ରତିରୋଧ କ୍ଷମତା ବଢ଼େ। ମାଟିର ଶୋଷଣ ଗୁଣ ଯୋଗୁ ଏହାର ଜୀବନୀୟ ଶକ୍ତି ଶରୀରକୁ ପ୍ରାପ୍ତି ହୁଏ। ଚର୍ମ ରୋଗ ହୋଇ ନ ଥାଏ। ଖାଲି ମାଟି, ମାଟି ଘରର ଚଟାଣ ଉପରେ ପେଟ ମାଡ଼ି ଶୋଇଲେ ପେଟ ଥଣ୍ଡା ହେବା ସହ ପେଟ ରୋଗ ଦୂର ହୋଇଥାଏ। ପାଚନ ଶକ୍ତି ବଢ଼େ। କାରଣ ଦେହର ଦୂଷିତ ଜିନିଷକୁ ମାଟି ଶୋଷିନିଏ। ଏହି ମାଟି ସ୍ୱଚ୍ଛ ସ୍ଥାନରୁ ନେବା ଉଚିତ, ଯେପରି ସେଠାରେ ଦୂଷିତ ପଦାର୍ଥ ପଡ଼ି ନ ଥିବ କିମ୍ବା ସେଠାରେ କେହି ମଳମୂତ୍ର ତ୍ୟାଗ କରି ନ ଥିବେ। ମାଟି ଆଣିବା ସମୟରେ ସେଥିପ୍ରତି ଧ୍ୟାନ ଦେବା ଦରକାର।

ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି। ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ। ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଟି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।

ସେହିପରି ସୂର୍ଯ୍ୟଙ୍କୁ ସୃଷ୍ଟିର ଆଧାର କୁହାଯାଏ। ସୂର୍ଯ୍ୟକିରଣରୁ ଜୀବନୀୟ ଶକ୍ତି ମିଳିଥାଏ। ଏହା ଜୀବାଣୁନାଶକ, ଦୁର୍ଗନ୍ଧ ଦୂର କରେ, ଶରୀରକୁ ବଳ ପ୍ରଦାନ କରେ ଏବଂ ଘା'କୁ ମଧ୍ୟ ଶୁଖାଇଥାଏ। ପ୍ରାତଃ ଓ ସାୟଂ ସୂର୍ଯ୍ୟକିରଣରୁ ଶରୀରକୁ ଶକ୍ତି ମିଳିଥାଏ। ଏହି ସମୟର କିରଣ ତ୍ୱଚା ଚଳଗ୍ରନ୍ଥି ଶୋଷଣ କରି ବା ଆଲୋକ ସଂଶ୍ଳେଷଣ ପଦ୍ଧତି ଦ୍ୱାରା ଭିଟାମିନ୍–ଡି' ଶରୀରକୁ ପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହାଡ଼ ମଜଭୁତ ହୁଏ। ଫଳରେ ରିକ୍କେଟସ, ଦନ୍ତ ରୋଗ, ଚର୍ମ ରୋଗ, ବଥ, ମାଂସପେଶୀ ବ୍ୟଥା, ଦୁର୍ବଳତା ଓ ସ୍ନାୟୁଜନିତ ରୋଗ ଭଲ ହୋଇଥାଏ।

ସୂର୍ଯ୍ୟ ସ୍ନାନ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ସ୍ନାନ ପାଇଁ ଏକାନ୍ତ ସ୍ଥାନରେ ସ୍ୱଳ୍ପ ବସ୍ତ୍ର ପରିଧାନ କରି ଅଧ ଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ବସିବା ଆବଶ୍ୟକ। ଏହାଦ୍ୱାରା ଲୋମକୂପଗୁଡ଼ିକ ଖୋଲିଯାଏ ଏବଂ ଶରୀରରୁ ଝାଳ ବୋହିଥାଏ। ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ଆବଶ୍ୟକ ମୁତାବକ ଝାଳ ବୋହିବା ଦ୍ୱାରା ଶରୀରରୁ ଦୂଷିତ ପଦାର୍ଥ ଝାଳ ସହ ବାହାରିଯାଏ। କେବଳ ସେତିକି ନୁହେଁ, ସୂର୍ଯ୍ୟ ସ୍ନାନ ଦ୍ୱାରା ଦୃଷ୍ଟି ଶକ୍ତି ମଧ୍ୟ ବଢ଼ିଥାଏ।

ପ୍ରାକୃତିକ ଚିକିତ୍ସାରେ ଜଳର ମହତ୍ତ୍ୱ ମଧ୍ୟ ରହିଅଛି। ଉଷୁମ ପାଣି ଫମେଣ୍ଟ, ଥଣ୍ଡା ପାଣି ପଟି, ପାଣିର ବାମ୍ଫ ଚିକିତ୍ସା କରାଯାଏ। ଜ୍ୱର ସମୟରେ ଶରୀରରେ ବେଶି ଉତ୍ତାପ ବଢ଼ିଲେ ମସ୍ତିଷ୍କରେ ଶୀତଳ ଜଳ ପଟି ପ୍ରୟୋଗ, ଥଣ୍ଡା ଜ୍ୱର ହୋଇଥିଲେ ଉତ୍ତାପ ବଢ଼ିଲେ ପେଟରେ ଅଧା ବେଲା ପାଣି ରଖି ସେଥିରେ ଅଳ୍ପ ଥଣ୍ଡା ଜଳ ମିଶାଇ ତାହାକୁ ଏକ ଛୋଟ ପାତ୍ରରେ ଆଉଟିଲେ ଉତ୍ତାପ କମେ। ପୋଡ଼ିଗଲେ ସେଠାରେ ବରଫ ବା ଶୀତଳ ଜଳ ପ୍ରୟୋଗ, ରକ୍ତସ୍ରାବ ବନ୍ଦ କରିବା ପାଇଁ ଥଣ୍ଡା ପାଣି ବା ବରଫ ପ୍ରୟୋଗ କଲେ ରକ୍ତବାହିନୀଗୁଡ଼ିକ ସଙ୍କୁଚିତ ହୋଇ ରକ୍ତସ୍ରାବ ବନ୍ଦ ହୁଏ।

ଉଷ୍ମ ଜଳରେ ଫମେଣ୍ଟ କଲେ ମାଂସପେଶୀରେ ବାୟୁ ଅଟକିବା, ରକ୍ଷା ସମସ୍ୟା ଦୂର ହୋଇଥାଏ। ଏହାଦ୍ୱାରା ରକ୍ତବାହିନୀ ପ୍ରସାରିତ ହେବା କାରଣରୁ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଥାଏ। ଏହାଦ୍ୱାରା ଦୂଷିତ ପଦାର୍ଥଗୁଡ଼ିକ ବାହାରି ଯିବା ଫଳରେ ବାୟୁ ଅଟକିବା ଓ ଯନ୍ତ୍ରଣା ଭଲ ହୁଏ। ଉଷୁମ ପାଣି ଲଘୁ ହୋଇଥିବାରୁ ତାହାକୁ ପିଇଲେ ହଜମ କ୍ରିୟା ବଢ଼ିଥାଏ। ତା'ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଏ। ସେହିପରି ଖୋଲାସ୍ଥାନ ବା ବିଶୁଦ୍ଧ ବାୟୁ ପ୍ରବାହିତ ହେଉଥିବା ସ୍ଥାନରେ ବସିଲେ ପର୍ଯ୍ୟାପ୍ତ ଶୁଦ୍ଧ ଅମ୍ଳଜାନ ଶରୀରକୁ ମିଳିଥାଏ। ଏହାଦ୍ୱାରା ମାନସିକ ଅବସାଦ ଦୂର ହୁଏ। ଶାନ୍ତି ମିଳେ। ଶରୀର ହାଲୁକା ଲାଗେ। ଭଲ ନିଦ ହୁଏ।

ତେଣୁ ଘରର ଚାରି କାନ୍ଥ ମଧ୍ୟରୁ କିମ୍ବା ବାତାନୁକୂଳିତ କୋଠରିରୁ ବାହାରି ପ୍ରାକୃତିକ ପରିବେଶରେ ଅଧିକ ସମୟ ବିତାନ୍ତୁ। ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ପକ୍ଷୀଙ୍କର ସୁମଧୁର ରାବ ଭିତରେ ସମୟ କାଟିଲେ ମନକୁ ଶାନ୍ତି ଆସେ। ନିଜ ଘରର ଚାରି ପାର୍ଶ୍ୱକୁ ଗଛରେ ଭରି ଦିଅନ୍ତୁ। ରୋଗ ହେଲେ ପ୍ରାକୃତିକ ଔଷଧ ଆପଣାନ୍ତୁ। ସୁସ୍ଥ ଓ ନୀରୋଗ ରୁହନ୍ତୁ।


–ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସକ୍ରିୟ ରହିବ ରକ୍ତ ସଞ୍ଚାଳନ




ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ଦରକାର। ନ ହେଲେ ଏହା ଗୁରୁତର ଆକାର ଧାରଣ କରିବା ସହ ହୃଦ୍‌ଜନିତ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଆମ ଶରୀରରେ ରକ୍ତ ସଞ୍ଚାଳନ ସାଧାରଣ ଅବସ୍ଥାରେ ରହିବାର ଏକ ଉପାୟ ରହିଛି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ଏକ ରିଷ୍ଟ ୱାଚ୍ ତିଆରି କରିଛନ୍ତି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ଚାଲିବ। ଏହି ଘଣ୍ଟା କିପରି କାମ କରୁଛି ତାହା ଜାଣିବା ପାଇଁ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କଠାରେ ପରୀକ୍ଷା କରିଥିଲେ। ସେମାନେ ଏହି ଘଣ୍ଟା ପିନ୍ଧିବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ଠିକ୍ ରହିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତା'ସହ ଯଦି ଜଣେ ବ୍ୟକ୍ତି ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତି ତେବେ ତାହାର ସୁପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ସୁସ୍ଥ କିଡ୍‌ନୀ ପାଇଁ ସତର୍କତା



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ଦୈନନ୍ଦିନ ଜୀବନରେ ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ କିଡ୍‌ନୀ କିପରି ସୁସ୍ଥ ରହିବ ସେ ନେଇ ସତର୍କ ରହିବା ନିହାତି ଦରକାର। ଏଥିରେ ସମସ୍ୟା ଦେଖାଦେଇଛି କି ନାହିଁ ତାହା ଜାଣିବା ପାଇଁ କେତୋଟି ପ୍ରମୁଖ କାରଣ ବିଷୟରେ ଅବଗତ ହେବା ଦରକାର। କିଡ୍‌ନୀ ଖରାପ ହେଲେ ହାତଗୋଡ଼ ଫୁଲିଯାଏ, ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ, ରକ୍ତଚାପ ଅସନ୍ତୁଳିତ ରହେ ଏବଂ ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରଚୁର ପରିମାଣର ପାଣି ପିଅନ୍ତୁ। ଶରୀରରେ ୟୁରିଆ ତତ୍ତ୍ୱ ସନ୍ତୁଳିତ ରଖନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ କିମ୍ବା ଏହାର କୌଣସି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରୋଗ ଯଦି ଗୁରୁତର ଆକାର ଧାରଣ କରିଛି ସେହି ଅନୁସାରେ ଚିକିତ୍ସିତ ହୁଅନ୍ତୁ।

## ମାନସିକ ରୋଗ : କିଛି ଭ୍ରମ

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ଇନ୍‌ଫେକଶନ କମାଏ ଲେମ୍ବୁପାଣି



ଲେମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆମ ଶରୀରରେ ଇନ୍‌ଫେକଶନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି। ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କ୍ଲାନ୍ତି ଦୂର କରିବାରେ ସହାୟକ ହୋଇଥାଏ।

## ଜାଣିରଖନ୍ତୁ



- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ଯେ କୌଣସି କାମ ଖୁସି ମନରେ କରନ୍ତୁ। ଏହାଦ୍ୱାରା ଆପଣ କାମଟିକୁ ଠିକ୍ ଭାବରେ କରିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେବ।

## ସ୍ୱାସ୍ଥ୍ୟ ସୂଚନା

- ଏବେ ବର୍ଷା ଦିନ। ତେଣୁ ଏହି ସମୟରେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ସମୟରେ ଯଦି ଆପଣଙ୍କର କୌଣସି ମେଡିସିନ୍ ଖାଇଲେ ଆଲର୍ଜି ସମସ୍ୟା ରହିଛି ସେ ନେଇ ସୂଚନା ଦିଅନ୍ତୁ।
- ରାତିରେ ଶୋଇବା ପୂର୍ବରୁ ପାଦ ଏବଂ ହାତକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ଯଦି ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ଯେତେ ଚାହିଁଲେ ମଧ୍ୟ ସେଥିରୁ ମୁକୁଳି ପାରୁ ନାହାନ୍ତି, ତେବେ ଏ ନେଇ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।
- ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଦରକାର। ହେଲେ ଖାଇବାର ଠିକ୍ ପୂର୍ବରୁ ଏବଂ ଖାଇ ସାରିବା ପରେ ପରେ ପାଣି ପିଅନ୍ତୁ ନାହିଁ। ଖାଇବା ସମୟର ଅଧ ଘଣ୍ଟାଏ ପୂର୍ବରୁ ଏବଂ ଅଧ ଘଣ୍ଟାଏ ପରେ ପାଣି ପିଇଲେ ତାହା ପାଚନ କ୍ରିୟା ଦୃଢ଼ କରିବାରେ ସାହାଯ୍ୟ କରିଥାଏ।
- ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗୁଡ଼ିକରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ।



## ଡାଇବେଟିସ୍‌ର କାରଣ ହୋଇପାରେ ଧୂମପାନ



ଧୂମ ପାନ ଏଭଳି ଏକ ଅଭ୍ୟାସ ଯାହା ସାମୟିକ ଆନନ୍ଦ ଦେଲେ ମଧ୍ୟ ପରୋକ୍ଷରେ କେତେକ ପ୍ରମୁଖ ରୋଗର କାରଣ ସାଜିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ନିୟମିତ ଧୂମପାନ କରୁଥିବା ବ୍ୟକ୍ତି ଭବିଷ୍ୟତରେ ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏହି ସର୍ଭେ ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କଠାରେ ସେମାନେ ଏଭଳି ଲକ୍ଷଣ ଦେଖିବାକୁ ପାଇଥିଲେ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ।

## ଉପାୟ ରହିଛି ହାତ ପାଆନ୍ତାରେ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ Bhubaneswar, Monday, July 28/ 2025

# ସୁନ୍ଦର-ଜାଡେଜାଙ୍କ ଲଢୁଆ ବ୍ୟାଟିଂ





ଶତକ ହାସଲ ପରେ ଶୁବମନ ଗିଲ୍। ଶତକୀୟ ଭାଗୀଦାରି ଅବସରରେ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା।

**ମାଞ୍ଚେଷ୍ଟର, ୨୭।୭**

ଅଧିନାୟକ ଶୁବମନ ଗିଲ୍‌ଙ୍କ ଶତକ ଏବଂ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜାଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଲଢ଼େଇ ଜାରି ରଖିଛି। ପ୍ରଥମ ଇନିଂସରେ ୩୧୧ ରନରେ ପଛୁଆ ଥିବା ଭାରତ ରବିବାର ଅନ୍ତିମ ଦିବସରେ ରିପୋର୍ଟ ପ୍ରସ୍ତୁତ ବେଳକୁ ୪ ଉଇକେଟ ହରାଇ ୩୪୬ ରନ ସଂଗ୍ରହ କରିଛି। ଫଳରେ ଦଳ ଓଭରଅଲ୍ ୩୫ ରନରେ ଅଗ୍ରଣୀଲାଭ କରିଛି। ସୁନ୍ଦର ୬୭ ଓ ଜାଡେଜା ୬୬ ରନରେ ଅପରାଜିତ ରହିଛନ୍ତି।

## ଗିଲ୍‌ଙ୍କ ଶତକ

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୭୪/୨ରୁ ଭାରତ ଖେଳ ଆରମ୍ଭ କରିଥିଲା। ତୃତୀୟ ଉଇକେଟରେ ୧୮୮ ରନ ଯୋଗ ହେବାପରେ ଲୋକେଶ ରାହୁଲ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ରାହୁଲ ଦୁର୍ଭାଗ୍ୟଜନକ ଭାବେ ଶତକ ହାସଲ କରି ନ ପାରି ୯୦ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଗିଲ୍ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୯ମ ଟେଷ୍ଟ ଶତକ। ସ୍କୋର ୨୨୨ ଥିବାବେଳେ ଗିଲ୍ ୧୦୩ ରନକରି ପ୍ୟାଭିଲିୟନ ଫେରିବାରୁ ଭାରତ ଉପରକୁ ପୁଣି ସଙ୍କଟର ସମ୍ମୁଖୀନ ହୋଇଥିଲା। ମାତ୍ର ଅନେକ ମ୍ୟାଚରେ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିବା ଜାଡେଜା ଏଠାରେ ମଧ୍ୟ ଦକ୍ଷତା ଦେଖାଇଥିଲେ। ସେ ୱାଶିଂଟନ ସୁନ୍ଦରଙ୍କ ସହ ଧୈର୍ଯ୍ୟର ସହ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଫଳରେ ସହଜରେ ମ୍ୟାଚ ଜିତିବା ନେଇ ସ୍ୱପ୍ନ ଦେଖୁଥିବା ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଥିଲା। ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏ ଉଇକେଟ ପାଇଥିବାବେଳେ ଅନ୍ୟ ବୋଲରମାନେ ନିରାଶ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯।

### ବ୍ରାଡ୍‌ମ୍ୟାନ, ଗାଭାସ୍କରଙ୍କ ସମକକ୍ଷ ହେଲେ ଗିଲ୍

ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଚଳିତ ସିରିଜରେ ଚତୁର୍ଥ ଶତକ ହାସଲ କରି ଅନେକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଗତ ୩୫ ବର୍ଷରେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ଓଲ୍ଡ ଟ୍ରାଫୋର୍ଡରେ ଶତକ ହାସଲ କରିଛନ୍ତି। ଅନ୍ତିମ ଥର ୧୯୯୦ରେ ସଚିନ ତେନ୍ଦୁଲକର ଇଂଲଣ୍ଡ ବିପକ୍ଷରେ ୧୧୯ ରନର ପାଳି ଖେଳିଥିଲେ। ଟେଷ୍ଟ କ୍ରିକେଟ୍ ଇତିହାସରେ ଗିଲ୍ ତୃତୀୟ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ୪ ଶତକ କରିଛନ୍ତି। ଏହି ତାଲିକାରେ ସାର୍ ଡନ୍ ବ୍ରାଡ୍‌ମ୍ୟାନ ଓ ସୁନୀଲ ଗାଭାସ୍କରଙ୍କ ଭଳି ମହାନ୍ ଖେଳାଳି ରହିଛନ୍ତି। ଏଥିସହିତ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ କରିଥିବା ଅଧିନାୟକଙ୍କ ତାଲିକାରେ ଗିଲ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ଫିଡେ ମହିଳା ଚେସ୍ ବିଶ୍ୱକପ୍**

# ହମ୍ପି-ଦିବ୍ୟା ଦ୍ୱିତୀୟ ଗେମ୍ ଡ୍ର'

**ବାଟୁମି, ୨୭।୭:** ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି ଓ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଚାଲିଥିବା ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲର ଦ୍ୱିତୀୟ ମ୍ୟାଚ୍ ମଧ୍ୟ ଡ୍ର' ଭାବେ ଶେଷ ହୋଇଛି। ଫଳରେ ସୋମବାର ହେବାକୁ ଥିବା ଟାଇବ୍ରେକ୍ସ ଜରିଆରେ ବିଜେତା ନିର୍ଣ୍ଣୟ ହେବ। ପ୍ରଥମ ଦୁଇ କ୍ଲାସିକାଲ ମ୍ୟାଚ୍‌କୁ ଡ୍ର' ରଖିଥିବା ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରାପିଡ ଆଣ୍ଡ୍ ବ୍ଲିଜ ଫର୍ମାଟରେ ମୁକାବିଲା ହେବ।

ଧଳା ଗୋଟିରେ ଖେଳୁଥିବା ଭେଟେରାନ ହମ୍ପି ଭଲ ଆରମ୍ଭ କରିଥିଲେ। କିନ୍ତୁ ଦିବ୍ୟା ଆତ୍ମବିଶ୍ୱାସ ସହ ଡିଫେନ୍ସିଭ ଖେଳ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ମଧ୍ୟାନ୍ତରରେ ଉଭୟ ଖେଳାଳି ନିୟମିତ ବ୍ୟବଧାନରେ ସେମାନଙ୍କ ଗୋଟି ବଦଳାଇଥିଲେ। ଦୁଇ ଖେଳାଳି ବିନା ରିସ୍କରେ ଖେଳୁଥିବାରୁ କାହାକୁ ଫାଇଦା ମିଳି ନ ଥିଲା। ଶେଷରେ ଦୁଇ ଖେଳାଳି ବାରମ୍ବାର ସେମାନଙ୍କ ଗୋଟିକୁ ସମାନ ପୋଜିଶନରେ ଅଦଳ ବଦଳ କରିଥିଲେ। ଯାହା ଫଳରେ ନିୟମ ଅନୁଯାୟୀ ମ୍ୟାଚ୍‌କୁ ଡ୍ର' ଘୋଷିତ କରାଯାଇଥିଲା। ୱାର୍ଲ୍ଡ ରାପିଡ ଚାମ୍ପିୟନ ହମ୍ପି ପ୍ରଥମ ରାପିଡ୍ ଗେମ୍‌ରେ କଳା ଗୋଟିରେ ଓ ୧୯ ବର୍ଷୀୟା ଦିବ୍ୟା ଧଳା ଗୋଟିରେ ଆରମ୍ଭ କରିବେ।

# ପଦାର୍ପଣରେ ୧୨ବର୍ଷୀୟା ୟୁ ଜିଦି ପ୍ରଭାବୀ




**ୱାର୍ଲ୍ଡ ସୁଇମିଂ ଚାମ୍ପିୟନଶିପ୍**

**ସିଙ୍ଗାପୁର, ୨୭।୭ (ଏପି)**

ଚାଇନାର ୧୨ବର୍ଷୀୟା ପ୍ରତିଭା ସନ୍ତରଣକାରୀ ୟୁ ଜିଦି ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗାପୁରରେରବିବାର ଆରମ୍ଭ ହୋଇଥିବା ଏହି ୮ଦିନିଆ ଚାମ୍ପିୟନଶିପ୍‌ରେ ସେ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ ତାଙ୍କର ଟାଇମିଂ ୨ମିନିଟ ୧୧.୯୦ ରେକର୍ଡ କରାଯାଇଥିଲା। ୧୬ ଜଣ କ୍ୱାଲିଫାୟର୍ସଙ୍କ ମଧ୍ୟରେ ୧୫ତମ ଦ୍ରୁତତମ ଥିଲେ। ଚଳିତ ସିଜନରେ ତାଙ୍କ ଶ୍ରେଷ୍ଠ ଟାଇମିଂ ୨:୧୦.୬୩ଠାରୁ ସେ ସାମାନ୍ୟ ପଛରେ ରହିଯାଇଥିଲେ। ସିଙ୍ଗାପୁରରେ ସେ ତିନୋଟି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟ ଦୁଇ ଇଭେଣ୍ଟ ହେଲା ୪୦୦ମିଟର ବ୍ୟକ୍ତିଗତ ମିଡଲେ ଓ ୨୦୦ମିଟର ବଟରଫ୍ଲାଏ। ୨୦୦ମିଟର ମିଡ୍‌ଲେ ସମ୍ଭବତଃ ତାଙ୍କର ସବୁଠାରୁ ଦୁର୍ବଳ ଇଭେଣ୍ଟ। କିନ୍ତୁ ନିକଟରେ ଚାଇନିଜ ଚାମ୍ପିୟନଶିପ୍‌ରେ ତାଙ୍କ ଟାଇମିଂ ଚଳିତ ସିଜନରେ ବିଶ୍ୱ ଶ୍ରେଷ୍ଠ। ଅନ୍ୟ ଦୁଇଟି ଇଭେଣ୍ଟରେ ତାଙ୍କର ଶ୍ରେଷ୍ଠ ଟାଇମିଂ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଟାଇମିଂ ସହ ସମାନ। ସୂଚନାଯୋଗ୍ୟ, ୱାର୍ଲ୍ଡ ସୁଇମିଂ ଗଭର୍ନିଂବଡି ୱାର୍ଲ୍ଡ ଆକ୍ୱାଟିକ୍ସ ପ୍ରତିଯୋଗିତାରେ ଭାଗ ନେବା ଲାଗି ସର୍ବନିମ୍ନ ବୟସ ସୀମା ୧୪ ରଖିଛି। ତେବେ ଏହାଠାରୁ କମ୍ ବୟସର ଜଣେ ସନ୍ତରଣକାରୀ ଯଦି କ୍ୱାଲିଫାଇଂ ଅଙ୍କ ଅତିକ୍ରମ କରେ ତେବେ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁମତି ରହିଛି।

# ନଭେମ୍ବର ୭ରେ ଖେଳାଯିବ ୧୦୦୦ ମ୍ୟାଚ୍




ହକି ଇଣ୍ଡିଆ କଂଗ୍ରେସରେ ସଭାପତି ଦିଲୀପ ତିର୍କୀ ଓ ଅନ୍ୟମାନେ।

**ମହାବଳିପୁରମ, ୨୭।୭ (ପି.ଟି.)**

ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ (ଏଚ୍‌ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ଏଥିସହିତ ଜାତୀୟ ଓ ତୃଣମୂଳ ସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ ବୋଲି ଏଚ୍‌ଆଇ ପକ୍ଷରୁ ଘୋଷଣା କରାଯାଇଛି। ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ହଜାର ହଜାର ଉଦୀୟମାନ ଖେଳାଳି, କୋଚ୍, ତୃଣମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍‌ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

**ଭାରତୀୟ ହକିକୁ ୧୦୦ ବର୍ଷ**

ଏଚ୍‌ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।

# ସାହାଣୀ କପ୍: କଟକ-ସମ୍ବଲପୁର ଫାଇନାଲ

**ବ୍ରହ୍ମପୁର, ୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ତଃ ଜିଲା ପୁରୁଷ ବର୍ଗ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର ରବିବାର ସେମିଫାଇନାଲ ମ୍ୟାଚ ବ୍ରହ୍ମପୁର ଜୋନ୍‌ରେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। କୋରାପୁଟ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ଗୋଲ୍ ପରିଶୋଧ କରିଥିଲା। ପେନାଲ୍ଟି ଶୁଟ୍ ଆଉଟ୍‌ରେ ସମ୍ବଲପୁର ୫-୪ ଗୋଲରେ କୋରାପୁଟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କଟକ ଓ ସମ୍ବଲପୁର ମଧ୍ୟରେ ପ୍ରଥମ ଫାଇନାଲ ଅଗଷ୍ଟ ୧ରେ ବୌଦ୍ଧରେ ଅନୁଷ୍ଠିତ ହେବ। ଅଗଷ୍ଟ ୩ରେ ଦ୍ୱିତୀୟ ଫାଇନାଲ କେନ୍ଦୁଝର ଷ୍ଟାଡିୟମରେ ଖେଳାଯିବ।

ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନୀତ ଅତିଥିଭାବେ ସେଣ୍ଟ ଜାଭିଅର ହାଇସ୍କୁଲ ଅଧ୍ୟକ୍ଷ ଡ. ଜି.ଏସ.ପଣ୍ଡା, ଫାଓ ସଦସ୍ୟ ନବକିଶୋର ମିଶ୍ର, ବିଶ୍ୱଜିତ ଘଡେଇ ଏବଂ ଗଞ୍ଜାମ ଜିଲାର ପୂର୍ବତନ ଫୁଟବଲ ଖେଳାଳି ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର, ଜେ. ବି. ପିଟର, ରାଜେନ୍ଦ୍ର ଗନ୍ତାୟତ, ପ୍ରମୋଦ ମହାରଣା, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ରାଜ ନାରାୟଣ ପାତ୍ର ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ସମ୍ବଲପୁର ଦଳର ଖେଳାଳିମାନେ।

# ଅଷ୍ଟ୍ରେଲିଆର ବିଜୟ ଜାରି

**ସେଣ୍ଟ କିଟ୍ସ, ୨୭।୭:** ଜୋଶ ଇଙ୍ଗଲିସ ଓ କାମେରନ ଗ୍ରୀନଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟି୨୦ ମ୍ୟାଚ୍‌ରେ ୩ ଉଇକେଟରେ ବିଜୟ ହାସଲ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଲାଗି ଏହା ଲଗାତର ଚତୁର୍ଥ ବିଜୟ। ଗ୍ଲେନ ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସିରିଜ୍‌ର ଅନ୍ତିମ ତଥା ପଞ୍ଚମ ଟି୨୦ ମ୍ୟାଚ୍ ସମାନ ଭେନ୍ୟୁରେ ମଙ୍ଗଳବାର ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୫ ରନ କରିଥିଲା। ଦଳ ପାଇଁ ଶେର୍ଫାନେ ରଦରଫୋର୍ଡ ୩୧ (୪ ଚୌକା ଓ ୨ ଛକା), ରବମାନ ପାୱେଲ ୨୮ (୨ଟି ଲେଖାଏ ଚୌକା ଓ ଛକା), ରୋମାରିଓ ଶେଫର୍ଡ ୨୮ (୪ ଚୌକା ଓ ୧ ଛକା), ଜାସନ ହୋଲ୍ଡର ୨୬ (୪ ଚୌକା ଓ ୧ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୩ ଉଇକେଟ ନେଇଥିବା ବେଳେ ଆରୋନ ହାର୍ଡି, ଜାଭିଅର ବାର୍ଟଲେଟ ଓ ସିନ ଆବଟ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୯.୨ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଗ୍ରୀନ ୫୫ (୩ ଚୌକା ଓ ଛକା) ରନ କରି ଅପରାଜିତ ରହିଥିବା ବେଳେ ଜୋଶ ଇଙ୍ଗଲିସ ୫୧ (୧୦ ଚୌକା ଓ ୧ ଛକା) ଓ ମ୍ୟାକ୍ସୱେଲ ୪୭ (୧ ଚୌକା ଓ ୬ ଛକା) ରନ କରି ଆଉଟ୍ ହୋଇଥିଲେ। ୱେଷ୍ଟଇଣ୍ଡିଜ ଲାଗି ଜେଡିଆ ବ୍ଲେଡ୍ସ ୩ ଉଇକେଟ ନେଇଥିଲେ।

**ଚତୁର୍ଥ ଟି୨୦**

**ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୨୦୫/୯ (ଶେର୍ଫାନେ ରଦରଫୋର୍ଡ-୩୧, ରବମାନ ପାୱେଲ-୨୮, ରୋମାରିଓ ଶେଫର୍ଡ-୨୮, ଆଡାମ ଜାମ୍ପା-୩/୫୪, ଆରୋନ ହାର୍ଡି-୨/୨୪, ଜାଭିଅର ବାର୍ଟଲେଟ-୨/୩୯)। ଅଷ୍ଟ୍ରେଲିଆ: ୧୯.୨ ଓଭରରେ ୨୦୬/୭ (କାମେରନ ଗ୍ରୀନ-୫୫*, ଜୋଶ ଇଙ୍ଗଲିସ-୫୧, ଗ୍ଲେନ ମ୍ୟାକ୍ସୱେଲ-୪୭, ଜେଡିଆ ବ୍ଲେଡ୍ସ-୩/୨୯)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ